ବାଧାହୀନ ବ୍ୟାଙ୍କିଙ୍ଗ ସେବା ପାଇଁ
ନିଜର KYC ଅପଡେଟ୍ କରି ରଖନ୍ତୁ



ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇନାହିଁ,
Re-KYC ପାଇଁ ପତ୍ର/ଅନ୍‌ଲାଇନ ବ୍ୟାଙ୍କିଙ୍ଗ/ମୋବାଇଲ ବ୍ୟାଙ୍କିଙ୍ଗ/ଏଟିଏମ/ନିଜର ମୋବାଇଲ ନମ୍ବର ମାଧ୍ୟମରେ/ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ହୋଇଥିବା ଇ-ମେଲ୍ କିମ୍ବା ବିଜ୍‌ନେସ୍ କରେସ୍‌ପୋଣ୍ଡେଣ୍ଟ (BCs) ମାଧ୍ୟମରେ ଏକ ସ୍ୱ-ଘୋଷଣା ଦାଖଲ କରନ୍ତୁ ।

ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇଛି,
ଅପଡେଟ୍ ସୂଚନାଯୁକ୍ତ ଯେକୌଣସି ଏକ ଦସ୍ତାବିଜ ପ୍ରଦାନ କରନ୍ତୁ : ଆଧାର/ମତଦାତା ପରିଚୟ ପତ୍ର/NREGA ଜବ୍ କାର୍ଡ/ଡ୍ରାଇଭିଂ ଲାଇସେନ୍ସ/ପାସପୋର୍ଟ/ନ୍ୟାସନାଲ ପପୁଲେସନ୍ ରେଜିଷ୍ଟାର ଦ୍ୱାରା ଜାରି ପତ୍ର ।

ନିଜର ବ୍ୟାଙ୍କର ନିକଟତମ ଶାଖା ଯାଇ ମଧ୍ୟ KYC ଅପଡେଟ୍ କରାଇପାରିବେ ।

ଆରବିଆଇ କହେ...
ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !

ଅଧିକ ସୂଚନା ପାଇଁ, https://rbikehtahai.rbi.org.in/KYC ଭିଜିଟ୍ କରନ୍ତୁ
ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର
99990 41935 / 99309 91935

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
PANIKOILI
♦VOLUME- 43 ♦ISSUE-176 ♦MONDAY ♦22 DECEMBER 2025 ♦PAGE-12 ♦₹ 6.00
♦ବର୍ଷ-୪୩ ♦ସଂଖ୍ୟା-୧୭୬ ♦ସୋମବାର ♦୨୨ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ବଢ଼ିଲା ରେଳ ଯାତ୍ରୀ ଭଡ଼ା



**ସାଧାରଣ ଶ୍ରେଣୀରେ ୨୧୫ କିମି ଯାଏ ହେବନାହିଁ ଲାଗୁ**

**ଡିସେମ୍ବର ୨୬ରୁ ହେବ କାର୍ଯ୍ୟକାରୀ**

**ମିଳିବ ୬୦୦ କୋଟିର ଅତିରିକ୍ତ ରାଜସ୍ୱ**

■ ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି): ଆଗକୁ ମହଙ୍ଗା ହେବ ରେଳ ଯାତ୍ରା। ଭାରତୀୟ ରେଳବାଇ ଏଥର ଦୂର ଯାତ୍ରା ପାଇଁ ଭଡ଼ା ବୃଦ୍ଧି ଘୋଷଣା କରିଛି। ଏହି ନୂତନ ଭଡ଼ା ଡିସେମ୍ବର ୨୬ରୁ ଲାଗୁ ହେବ। ସାଧାରଣ ଶ୍ରେଣୀରେ ୨୧୫ କିମିରୁ ଅଧିକ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଏଣିକି ପ୍ରତି କିମି ପାଇଁ ୧ ରୁ ୨ ପଇସା ଅତିରିକ୍ତ ଭଡ଼ା ଦେବାକୁ ପଡ଼ିବ। ୫୦୦ କିମିର ଅଣ-ଏସି ଯାତ୍ରା ପାଇଁ କେବଳ ୧୦ ଟଙ୍କା ଅତିରିକ୍ତ ଖର୍ଚ୍ଚ ହେବ। ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍ ଏବଂ ସମସ୍ତ ଏସି ଶ୍ରେଣୀର ଅଣ-ଏସି କୋଚ୍ ପ୍ରତି କିମି ପିଛା ୨ ପଇସା ବୃଦ୍ଧି ପାଇବ। ତବେ ଲୋକାଲ ଟ୍ରେନ୍ ଏବଂ ସ୍ୱଳ୍ପ ଦୂର ଗାମୀ ଯାତ୍ରା ପାଇଁ ଭଡ଼ାରେ କୌଣସି ବୃଦ୍ଧି ହୋଇନାହିଁ। ଏହାଛଡା ମାସିକ ସିଜନ୍ ଟିକଟ (ଏମ୍‌ଏସ୍‌ଟି) ଧାରୀଙ୍କ ପାଇଁ ଭଡ଼ା ଅପରିବର୍ତ୍ତିତ ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ଚଳିତବର୍ଷ ଜୁଲାଇ ପହିଲାରେ ସରକାର ରେଳ ଭଡ଼ା ବୃଦ୍ଧି ▶ପୃଷ୍ଠା-୭

## ରାଜ୍ୟରେ ବଢ଼ି ଚାଲିଛି ଦୁଷ୍କର୍ମ ଓ ମହିଳା ଅତ୍ୟାଚାର

# 'ଲୋକଙ୍କ ସରକାର' ଏକ ମିଛ ପ୍ରହେଳିକା: ନବୀନ



**ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଛି ଭୁବନେଶ୍ୱର**

**ସୁରକ୍ଷା ସୁନିଶ୍ଚିତ କରିବାରେ ସରକାରଙ୍କ ଅପାରଗତା**

■ ଭୁବନେଶ୍ୱର, ୨୧।୧୨ (ସମିସ): ରାଜ୍ୟରେ ମହିଳା ଶିଶୁ ଅତ୍ୟାଚାର ଓ ହିଂସା ମାମଲା ବଢ଼ି ବଢ଼ି ଚାଲିଥିବା ବେଳେ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରୁ ନାହାନ୍ତି। ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁକୋଣରେ ଦୁଷ୍କର୍ମ, ଅସଦାଚରଣ ପରି ଉଦ୍‌ବେଗଜନକ ଘଟଣା ସାମ୍ନାକୁ ଆସୁଛି । ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ରାଜ୍ୟର ରାଜଧାନୀ ଭୁବନେଶ୍ୱର ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇ ପଡୁଛି; ନାରୀ ହିଂସା ବୃଦ୍ଧି ଯୋଗୁଁ ଓଡ଼ିଶା କଳଙ୍କ ମୁଣ୍ଡାଉଛି ବୋଲି ଉଲ୍ଲେଖ କରି ବିଜେପି ସରକାର କେବେ ଚେତିବେ ବୋଲି ପ୍ରଶ୍ନ କରିଛନ୍ତି ନବୀନ ପଟ୍ଟନାୟକ। ସମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଭୁବନେଶ୍ୱରରେ ଦିନ ଦ୍ୱିପ୍ରହରେ ପୁଣି ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ସ୍ପର୍ଶକାତର ବିଷୟ। ରାଜ୍ୟରେ ଆଇନଶୃଙ୍ଖଳା କୁଆଡ଼େ ଯାଉଛି? 'ଲୋକଙ୍କ ସରକାର'ର ମିଛ ପ୍ରହେଳିକା କରୁଥିବା ସରକାର ଲୋକଙ୍କୁ ସୁରକ୍ଷା ଦେଉଛି ତ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଧଉଳି ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ପୁଣି ଏକ ବର୍ବର କାଣ୍ଡ ସାଧାରଣ ଜନତାଙ୍କୁ ଆତଙ୍କିତ କରିଦେଇଛି। ରାଜଧାନୀରେ ମା'ଭଉଣୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ବିଜେପି ସରକାରର ଅପାରଗତା ଜଳଜଳ ଦେଖାଯାଉଛି। ତେଣୁ ସ୍ଥିତି ଆହୁରି ବିଗିଡ଼ିବା ପୂର୍ବରୁ ସରକାର ସଜାଗ ହୁଅନ୍ତୁ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ଦିଗରେ ସରକାର ଆଗୁଆ ତତ୍ପର ହେବା ସହ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।




INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL 1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. #Limited period offer, T&C apply.

TOLL FREE 1800 266 0018

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, **Jatni:** Vishal Hero - 9289922984, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Authorized HeroSure Dealers: Bhubaneshwar:** Arundhati Motobikes - 7682841658, **Associate Dealers: Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Balipatna:** Jagannath Motors - 7064309702, **Chandpur:** Apsara - 9861418161, **Banamalipur:** Duladei Motors - 7735425890, **Sunderpada:** Basudev Motors - 6371525029, **Nakhra:** S.G. Automobiles - 9778779778.

VML.5865.2025ENG

## ଲାଞ୍ଚ ନେଇ ଲେଫ୍ଟନାଣ୍ଟ କର୍ଣ୍ଣେଲ ଗିରଫ

ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି): ଲାଞ୍ଚ ନେବା ଅଭିଯୋଗରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ନିଯୁକ୍ତ ଲେଫ୍ଟନାଣ୍ଟ କର୍ଣ୍ଣେଲ ଦୀପକ କୁମାର ଶର୍ମାଙ୍କୁ ସିବିଆଇ ଗିରଫ କରିଛି। ସେ ବେଙ୍ଗାଲୁରୁର ଏକ କମ୍ପାନୀରୁ ୩ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି। ସିବିଆଇ ଦୀପକଙ୍କ ଘରୁ ୨.୩୬ କୋଟି ଟଙ୍କା ଜବତ ମଧ୍ୟ କରିଛି। ସିବିଆଇ ତାଙ୍କ ପତ୍ନୀ କର୍ଣ୍ଣେଲ କାଜଲ ବାଲିଙ୍କ ବିରୋଧରେ ମଧ୍ୟ ଏକ ମାମଲା ରୁଜୁ କରିଛି। ଚଢ଼ାଉ ସମୟରେ କାଜଲଙ୍କ ଘରୁ ମଧ୍ୟ ୧୦ ଲକ୍ଷ ଟଙ୍କା ମିଳିଛି। ସେ ରାଜସ୍ଥାନର ଶ୍ରୀଗଙ୍ଗାନଗରର ଡିଭିଜନ ଅର୍ଡନାନ୍ସ ୟୁନିଟ୍ (ଡିଓୟୁ)ର କମାଣ୍ଡିଂ ଅଧିକାର ଅଛନ୍ତି। ଏହି ମାମଲାର ମଧ୍ୟସ୍ଥି ବିନୋଦ କୁମାରଙ୍କୁ ମଧ୍ୟ ଗିରଫ କରାଯାଇଛି। ଉଭୟ ଡିସେମ୍ବର ୨୩ ପର୍ଯ୍ୟନ୍ତ ସିବିଆଇ ହେପାଜତରେ ରହିବେ। ଗତ ୧୯ରେ ମିଳିଥିବା ସୂଚନା ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ସିବିଆଇ କହିବା ଅନୁସାରେ ଲେଫ୍ଟନାଣ୍ଟ କର୍ଣ୍ଣଲେ ପ୍ରତିରକ୍ଷା ଉତ୍ପାଦ ନିର୍ମାଣ ଓ ରପ୍ତାନିରେ ଘରୋଇ କମ୍ପାନୀଗୁଡିକୁ ଅହେତୁକ ଅନୁକମ୍ପା ଦେବା ପାଇଁ ଏହି ଲାଞ୍ଚ ନେଇଥିଲେ।



**ଘରୁ ୨.୩୬ କୋଟି ଜବତ**

## ରୁଷିଆ ସେନାରେ ୨୦୨ ଭାରତୀୟ; ୨୬ ମୃତ

ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାଁ ନେଉନାହିଁ। ତେବେ ରୁଷ ଭୁଆଁ ବୁଲାଇ ଏହି ଯୁଦ୍ଧରେ ଭାରତୀୟଙ୍କୁ ସାମିଲ କରୁଛି। ଯୁଦ୍ଧରେ ସାମିଲ ହୋଇ କିଛି ଭାରତୀୟ ଯୁବକ ମଧ୍ୟ ପ୍ରାଣ ହରାଇଛନ୍ତି। ୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ଯୁଦ୍ଧରେ ରୁଷିଆ ସେନାରେ ୨୦୨ ଜଣ ଭାରତୀୟ ଯୁବକ ନିଯୁକ୍ତି ହୋଇଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏକ ପ୍ରଶ୍ନର ଉତ୍ତର ଦେଇ ବିଦେଶ ମନ୍ତ୍ରଣାଳୟ ରାଜ୍ୟସଭାରେ ଏହି ସୂଚନା ଦେଇଛି। ତେବେ ଏମାନଙ୍କ ମଧ୍ୟରୁ ୨୬ ସହିଦ ହୋଇଛନ୍ତି ଓ ଅନ୍ୟ ୭ ଜଣ ନିଖୋଜ ହୋଇଛନ୍ତି ବୋଲି କୁହାଯାଇଛି। ରୁଷିଆ ସେନାରୁ ୧୧୯ ଜଣଙ୍କୁ ଫେରାଇ ଅଣାଯାଇଛି। କିନ୍ତୁ ଆହୁରି ୫୦ଜଣ ଭାରତୀୟ ଏବେ ମଧ୍ୟ ରୁଷିଆ ସେନାରେ ଫସି ରହିଥିବା ବିଶ୍ୱାସ କରାଯାଉଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। କିଛିଦିନ ତଳେ ରୁଷିଆ ତରଫରୁ ୟୁକ୍ରେନ ବିରୋଧରେ ଲଢୁଥିବା ଜଣେ ଯୁବକ ସହିଦ ହୋଇଥିଲେ। ପୈତୃକ ଗାଁରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।



## ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟ ପାଖରେ ୨୧୦୦ କୋଟି

ଆଯୋଧ୍ୟା,୨୧।୧୨(ଏଜେନ୍ସି): ଶ୍ରୀରାମ ଜନ୍ମଭୂମି ତୀର୍ଥ ଟ୍ରଷ୍ଟକୁ ମୋଟ୍ ୪୫୭୫ କୋଟି ଟଙ୍କା ପ୍ରାପ୍ତ ହୋଇଛି। ଗତ ୫ ବର୍ଷ ୯ ମାସ ମଧ୍ୟରେ ମନ୍ଦିର ନିର୍ମାଣ, ଶ୍ରୀରାମ ଜନ୍ମଭୂମି ପରିସରର ବିସ୍ତାର, ଜମି ଓ ଭବନ କ୍ରୟ ସହିତ ଅନ୍ୟ କେତେଗୁଡିଏ କାର୍ଯ୍ୟ କରିବାରେ ଅର୍ଥ ଖର୍ଚ୍ଚ ହୋଇଛି। ଏବେ ଟ୍ରଷ୍ଟ ପାଖରେ ୨୧୦୦ କୋଟି ଟଙ୍କା ରହିଛି। ବାକି ଥିବା ଅର୍ଥକୁ ନିବେଶ କରାଯାଇଛି। ଏଥିରୁ ଅଯୋଧ୍ୟାର ଭାରତୀୟ ଷ୍ଟେଟ ବ୍ୟାଙ୍କ୍‌ରେ ୮୮୯.୫୨ କୋଟି, ବ୍ୟାଙ୍କ ଅଫ ବରୋଦାରେ ୩୧୩.୮୭ କୋଟି ଓ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ୬୯୪.୪୯ କୋଟି ଟଙ୍କା ଜମା କରାଯାଇଛି। ଏହା ବ୍ୟତୀତ ଟ୍ରଷ୍ଟ ୮୭ କୋଟି ମ୍ୟୁଚୁଆଲ ଫଣ୍ଡ ଓ ୪୦ କୋଟି ଟଙ୍କା ଅଟୋ ସୁଇପ୍ ଖାତାରେ ନିବେଶ କରିଛି। ବୈଠକରେ ୨୦୨୦ ଫେବୃଆରୀ ୫ରୁ ୨୦୨୫ ନଭେମ୍ବର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆୟ ଓ ବ୍ୟୟ ନେଇ ଟ୍ରଷ୍ଟ ପକ୍ଷରୁ ଏହି ସୂଚନା ଦିଆଯାଇଥିଲା। ଟ୍ରଷ୍ଟର ସେଭିଂ ଖାତାରେ ୮୯ ଲକ୍ଷ ଟଙ୍କା ରହିଛି। ସୁଧ ବାବଦରେ ବ୍ୟାଙ୍କରୁ ୨ କୋଟି ଟଙ୍କା ମିଳିଛି। ଟ୍ରଷ୍ଟ ପାଖରେ ଥିବା ୨୧୦୦ କୋଟି ଟଙ୍କାକୁ ଭବିଷ୍ୟତରେ ମନ୍ଦିର ପରିସରର ବିକାଶ ଓ ଅନ୍ୟ ଯୋଜନା ବାବଦରେ ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି।



**ମ୍ୟୁଚୁଆଲ ଫଣ୍ଡରେ ୮୭ କୋଟି ନିବେଶ**

## ବିଜେପି ଦୃଷ୍ଟିକୋଣରୁ ସଂଘକୁ ଦେଖିବା ଉଚିତ୍ ନୁହେଁ: ଭାଗବତ

କୋଲକାତା, ୨୧।୧୨ (ଏଜେନ୍ସି): ରାଷ୍ଟ୍ରୀୟସ୍ୱୟଂ ସେବକ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ବିଜେପି ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସଂଘ ଅର୍ଥାତ ଆରଏସ୍ଏସ୍‌କୁ ବିଜେପି ଦୃଷ୍ଟିକୋଣରୁ ଦେଖିବାକୁ ଠିକ୍ ନୁହେଁ। ସଂଘ କେବଳ ଏକ ସେବା ସଂଗଠନ ନୁହେଁ। ସଂଘକୁ ବୁଝିବାକୁ ହେଲେ ଏହାକୁ ଭଲ ଭାବେ ଦେଖିବାକୁ ପଡିବ। ଅନେକ ଲୋକ ବିଜେପିର ଚଷମାରେ ସଂଘକୁ ଦେଖିବାର ଭୁଲ କରିଥାନ୍ତି। ଏହା ଆଦୌ ଠିକ୍ ନୁହେଁ। ବିଜେପିକୁ ଦେଖି ସଂଘକୁ ଜଣେ ବୁଝି ପାରିବ ନାହିଁ। ଏହାକୁ ଅନୁଭବ କରିବାକୁ ହେବ ବୋଲି ଭାଗବତ କୋଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି।

## ବିଏସ୍ଏଫ୍ ଯବାନଙ୍କୁ ଅପହରଣ କଲେ ବାଂଲାଦେଶୀ

କୋଲକାତା,୨୧।୧୨(ଏଜେନ୍ସି):ଭାରତ-ବାଂଲାଦେଶ ସୀମାରେ କିଛି ବାଂଲାଦେଶ ଗୋଚାଲାଣକାରୀ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍) ଯବାନ ବେଦ ପ୍ରକାଶଙ୍କୁ ଅପହରଣ କରିଛନ୍ତି। ଘନ କୁହୁଡିର ଫାଇଦା ଉଠାଇ ସେମାନେ ଯବାନଙ୍କୁ ସାଥିରେ ନେଇଯାଇଥିଲେ। କିନ୍ତୁ ପରେ ସେମାନେ ଯବାନଙ୍କୁ ବାଂଲାଦେଶ ବର୍ଡର ଗାର୍ଡ (ବିଜିବି)କୁ ହସ୍ତାନ୍ତର କରିଥିଲେ। ଏବେ ଦୁଇ ଦେଶ ମଧ୍ୟରେ ଆଲୋଚନା ହେବା ପରେ ଯବାନଙ୍କୁ ଫେରାଇ ଆଣିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ପଶ୍ଚିମବଙ୍ଗର କୋଚ୍‌ବିହାର ଜିଲ୍ଲାର ମେଖଲିଗଞ୍ଜ ଅଞ୍ଚଳରେ ଶନିବାର ସକାଳ ୪.୪୫ରେ ଏହି ଘଟଣା ଘଟିଛି। ସେ ବିଏସ୍ଏଫ୍‌ର ୧୭୪ତମ ବାଟାଲିଅନରେ ନିୟୋଜିତ ରହିଛନ୍ତି।

## ଦକ୍ଷିଣ ଆଫ୍ରିକାରେ ଗୁଳିକାଣ୍ଡ; ୧୦ ମୃତ

ଜୋହାନ୍ସବର୍ଗ,୨୧।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ରବିବାର କିଛି ଅଜ୍ଞାତ ବନ୍ଧୁକଧାରୀ ସଡ଼କରେ ଲୋକଙ୍କ ଉପରକୁ ଆଖିବୁଜା ଗୁଳି ମାଡ଼ କରିଛନ୍ତି। ଏଥିରେ ୧୦ ଜଣ ମୃତ୍ୟୁବରଣ କରିଥିବାବେଳେ ସମାନ ସଂଖ୍ୟକ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩, ୧୨ ଓ ୧୬ ବର୍ଷର ପିଲା ସାମିଲ ଅଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ ଏହି ଆକ୍ରମଣର ଉଦ୍ଦେଶ୍ୟ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଗୌଟେଙ୍ଗ ପ୍ରୋଭିନ୍ସିଆଲ ପୁଲିସ ମୁଖପାତ୍ର ବ୍ରିଗେଡିୟର ବ୍ରେଣ୍ଡା ମୁରିଡିଲ କହିଛନ୍ତି ଯେ, ବନ୍ଧୁକଧାରୀମାନେ ସଡ଼କରେ ଅଚାନକ ଗୁଳି ଚଳାଇଥିଲେ। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ବେକରସଡାଲରର ଏକ ବାର୍ ନିକଟରେ ଏହି ଗୁଳିକାଣ୍ଡ ଘଟିଥିଲା। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଆକ୍ରମଣକାରୀଙ୍କୁ ଖୋଜୁଛି। ଆକ୍ରମଣକାରୀଙ୍କ ପାଖରେ ଏକେ-୪୭ ଭଳି ଅତ୍ୟାଧୁନିକ ରାଇଫଲ ଥିଲା ବୋଲି ପ୍ରୋଭିନସିଆଲ ପୁଲିସ କମିଶନର ମେଜର ଜେନେରାଲ ଫ୍ରେଡ କେକାନା କହିଛନ୍ତି। ଗୁଳିକାଣ୍ଡ ଘଟାଇବା ପରେ ସେମାନେ ଲୋକଙ୍କ ମୋବାଇଲ ଫୋନ ସମେତ ମୂଲ୍ୟବାନ ଜିନିଷପତ୍ର ନେଇଯାଇଥିଲେ।

## ଏପିଷ୍ଟିନ ସହ ଟ୍ରମ୍ପ ଓ ମେଲାନିଆଙ୍କ ଫଟୋ ଗାଏବ

ୱାସିଂଟନ, ୨୧।୧୨ (ଏଜେନ୍ସି):ଯୌନ ଅପରାଧୀ ଜେଫ୍ରି ଏପିଷ୍ଟିନ ସହ ଜଡ଼ିତ ୧୬ଟି ଫାଇଲକୁ ଆମେରିକା ସରକାର ଶନିବାର ୱେବସାଇଟରୁ ହଟାଇ ଦେଇଛନ୍ତି। ଏହି ସବୁ ଫାଇଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପତ୍ନୀ ମେଲାନିଆ ଟ୍ରମ୍ପଙ୍କ ଫଟୋ ରହିଥିଲା। ଏହି ଫାଇଲରେ ଏକ ଅଙ୍କା ଯାଇଥିବା ଚିତ୍ର ଏବଂ କିଛି ଫଟୋ ରହିଥିଲା। ଏହି ଫଟୋରେ ଏପିଷ୍ଟିନ, ତାର ପ୍ରେମିକା ଗିଜଲେନ ମାକ୍ସୱେଲ, ଟ୍ରମ୍ପ ଏବଂ ମେଲାନିଆ ଏକାଠି ଉଠାଇ ଥିବା ଫଟୋ ସାମିଲ ଥିଲା। ତେବେ ଏହା ହଟାଇବାକୁ ନେଇ ଆମେରିକା ନ୍ୟାୟ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ। ଏହା ପୂର୍ବରୁ ଶୁକ୍ରବାର ରାତିରେ ଏପଷ୍ଟିନଙ୍କ ୩ ଲକ୍ଷ ଦଲିଲ ଜାରି କରାଯାଇଥିଲା।

## ଅରୁଣାଚଳ ପ୍ରଦେଶରେ ପାକ୍-ଚୀନ୍ ଗୁଇନ୍ଦା ନେଟୱର୍କର ପର୍ଦ୍ଦାଫାସ୍

# ଭାରତ ସୁରକ୍ଷା ପ୍ରତି ବଡ଼ ବିପଦ


ଇଟାନଗର, ୨୧।୧୨ (ଏଜେନ୍ସି):

**ଅରୁଣାଚଳ ଓ କଶ୍ମୀରରୁ ୪ ଗୁପ୍ତଚର ଗିରଫ**

**କମ୍ବଳ ବିକ୍ରି ନାମରେ କରୁଥିଲେ ତଥ୍ୟ ସଂଗ୍ରହ**

**ଚୀନ୍ ଉପରେ ନଜର; ଏଲଏସିରେ କ୍ୟାମ୍ପ ନିର୍ମାଣ ଦାବି**

**କଶ୍ମୀରର ଏନ୍ଆଇଏ ମୁଖ୍ୟାଳୟ ନିକଟରୁ ରାଇଫଲ ଟେଲିସ୍କୋପ ଜବତ; ଅନୁପ୍ରବେଶ ଆଶଙ୍କା**




ଅରୁଣାଚଳ ପ୍ରଦେଶରୁ ଏକ ବଡ଼ ଗୁଇନ୍ଦା ନେଟୱର୍କର ପର୍ଦ୍ଦାଫାସ ହୋଇଛି। ପାକିସ୍ତାନ ସହ ଏହାର ଲିଙ୍କ ଥିବା ଜଣାପଡ଼ିଛି। ଏହା ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତାକୁ ବଢ଼ାଇ ଦେଇଛି। ଗତ ୧୦ ଦିନ ମଧ୍ୟରେ ପାକିସ୍ତାନ ସହ ଜଡ଼ିତ ଏହି ନେଟୱର୍କର ୪ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି। ଏପରି ସମୟରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ଚୀନ୍ ସେନାର ଉପସ୍ଥିତି ଏବଂ ସମ୍ଭାବ୍ୟ ଅନୁପ୍ରବେଶକୁ ନେଇ ସ୍ଥାନୀୟ ଅଧିବାସୀ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ସେନାର କାର୍ଯ୍ୟକଳାପ ଏବଂ ଅନ୍ୟ ସମ୍ବେଦନଶୀଳ ସୂଚନାକୁ ଅଭିଯୁକ୍ତମାନେ ପାକିସ୍ତାନୀ ହ୍ୟାଣ୍ଡଲର୍ସଙ୍କୁ ପଠାଉ ଥିଲେ। ଏହି ନେଟୱର୍କର ଲିଙ୍କ ଚୀନ୍ ସହ ଜଡ଼ିତ ରହିଛି ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ସୁରକ୍ଷା ବିଶେଷଜ୍ଞମାନେ ଏହାକୁ 'ହାଇବ୍ରିଡ ୱାର'ର ରଣନୀତି ସହ ଯୋଡ଼ି ଦେଖୁଛନ୍ତି। ଏଥିରେ ଗୁଇନ୍ଦା ନେଟୱର୍କ, ଅନୁପ୍ରବେଶ, ସାମରିକ ଚାପର ବ୍ୟବହାର କରାଯାଇଥାଏ। ରାଜ୍ୟର ଗୃହମନ୍ତ୍ରୀ ମାମା ନାଟୁଙ୍ଗ କହିଛନ୍ତି ଯେ ଗୁଇନ୍ଦା କାର୍ଯ୍ୟକଳାପରେ ସାମିଲ ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ ୨୦୨୪ରେ ଚୀନ୍ ସେନା ଅଞ୍ଜାଓ ଜିଲ୍ଲାର କପାପୁ କ୍ଷେତ୍ରର ପ୍ରାୟ ୬୦ କିମି ଭିତର ପର୍ଯ୍ୟନ୍ତ କ୍ୟାମ୍ପ ନିର୍ମାଣ କରିଛି। ୨୦୨୨ ଭଳି ସ୍ଥିତି ଜାରି ରହିଛି। ତେବେ ସରକାର ଏହାକୁ 'ଓଭରଲ୍ୟାପିଂ ପାଟ୍ରୋଲିଂ' କୁହାଯାଉଛି। ଏହି ସମୟରେ ତିବ୍ବତର ଲୁହେଞ୍ଜୀ ଏୟାରବେସରୁ ଚୀନ୍‌ର କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ଏଠାକାର ମ୍ୟାକମୋହନ ଲାଇନରୁ ପ୍ରାୟ ୪୦ କିମି ଦୂର ୩୬ ହାର୍ଡେଣ୍ଡ ଏୟାରକ୍ରାଫ୍ଟ ସେଲଟର୍ସ ନିର୍ମାଣ ଏବଂ ଷ୍ଟେଲଥ୍ ବିମାନ ମୁତୟନ କରାଯାଇଥିବା ସୂଚନା ସାମ୍ନାକୁ ଆସିଛି। ଯାଞ୍ଚ ଏଜେନ୍ସିର ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ସ୍ଥାନୀୟ ମୁସଲମାନ ସମ୍ପ୍ରଦାୟ ଭିତରେ ରହି ସ୍ଲିପର ସେଲ୍ ବିକଶିତ କରୁଥିଲେ। କିଛି ବାଂଲାଦେଶୀ ଯୁବକଙ୍କ ଭୂମିକା ବି ସନ୍ଦେହରେ ରହିଛି। ୱେଷ୍ଟ ସିୟାଙ୍ଗର ଏସ୍‌ପି କହିଛନ୍ତି ଯେ ଏହି ମାମଲା ଆସାମ ଏବଂ ଅରୁଣାଚଳ ସହ ଜଡ଼ିତ ଏକ ବଡ଼ ଗୁଇନ୍ଦା ମଡେଲର ଅଂଶ ହୋଇପାରେ। ଏହି ମାମଲାରେ ଗତ ୧୧ ତାରିଖରେ ଇଟାନଗରରୁ ଜମ୍ମୁ-କଶ୍ମୀର କୁପୱାଡ଼ା ଜିଲ୍ଲାର ନଜିର ଅହମ୍ମଦ ମଲିକ ଏବଂ ସବିର ଅହମ୍ମଦ ମିରକୁ ଗିରଫ କରାଯାଇଥିଲା। ଉଭୟେ କମ୍ବଳ ବିକ୍ରି କରିବା ପାଇଁ ବୁଲୁଥିଲେ। ଏନ୍‌କ୍ରିପଟେଡ ଟେଲିଗ୍ରାମ ଚ୍ୟାନେଲ ମାଧ୍ୟମରେ ପାକିସ୍ତାନୀ ହ୍ୟାଣ୍ଡଲର୍ସଙ୍କ ସହ ଯୋଗାଯୋଗରେ ଥିଲେ। ଉଭୟଙ୍କୁ ବେଆଇନ ଅନୁପ୍ରବେଶରେ ସହଯୋଗ ଏବଂ ଅସ୍ତ୍ରଶସ୍ତ୍ର ପଠାଇବା ପାଇଁ କୋରିଅର ଗଢ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଗତ ୧୩ ତାରିଖରେ କଶ୍ମୀରରୁ ଆଉ ଦୁଇ ଜଣ ଯୁବକଙ୍କୁ ଗିରଫ କରାଯାଇଥିଲା। ଏହି ନେଟୱର୍କ ଆସାମ ପର୍ଯ୍ୟନ୍ତ ବ୍ୟାପିଥିବା ଜଣା ପଡ଼ିଥିଲା। ତେଜପୁରରୁ ବାୟୁସେନାର ଅବସରପ୍ରାପ୍ତ ଅଧିକାରୀ କୁଲେନ୍ଦ୍ର ଶର୍ମାଙ୍କ ଗିରଫ ମଧ୍ୟ ଏହାର ଅଂଶବିଶେଷ ବୋଲି କୁହାଯାଉଛି। ଅନ୍ୟପକ୍ଷରେ କଶ୍ମୀର ଏନଆଇଏ ମୁଖ୍ୟାଳୟ ନିକଟରୁ ଚୀନ୍ ଟେଲିସ୍କୋପ ମିଳିଛି। ଏହା ସୁରକ୍ଷା ସ୍ଥିତିକୁ ଅଧିକ ସଙ୍ଗୀନ କରିଦେଇଛି। ଏହା ମାଧ୍ୟମରେ ଭାରତରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଯାଇଥିବା ସନ୍ଦେହ କରାଯାଉଛି।

ଏବେ ଲଦାଖ, ସିକିମ ଏବଂ ଅରୁଣାଚଳ ପ୍ରଦେଶରେ ଭାରତ ପ୍ରାୟ ୧.୨୦ ଲକ୍ଷ ଯବାନଙ୍କୁ ମୁତୟନ କରିଛି। ଏହା ସତ୍ତ୍ୱେ ଗୁଇନ୍ଦା ନେଟୱର୍କ ସୁରକ୍ଷା ଦୃଷ୍ଟିରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏ ବିଷୟରେ ଜଣାପଡ଼ିବା ପରେ ଆସାମ ଏବଂ ପୂର୍ବୋତ୍ତର ରାଜ୍ୟରେ ତଲାସୀ ଅଭିଯାନ ଜୋରଦାର କରାଯାଇଛି। ଏହାକୁ ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବଡ଼ ବିପଦ ଧରାଯାଉଛି।

## 'ଭିବି-ଜି ରାମ ଜି ବିଲ୍'କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

ନୂଆଦିଲ୍ଲୀ, ୨୧।୧୨ (ଏଜନ୍ସି): ବିରୋଧୀ ଦଳଙ୍କ ତୀବ୍ର ବିରୋଧ ସତ୍ତ୍ୱେ ଏମ୍‌ଜିନରେଗା ବଦଳରେ ଅଣା ଯାଇଥିବା 'ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜିବୀକା ମିଶନ' ତଥା ଭିବି-ଜି ରାମ ଜି ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ଅନୁମୋଦନ ଦେଇଛନ୍ତି। ଏଥିସହିତ ଏହି ବିଲ୍ ଆଇନରେ ପରିଣତ ହୋଇଛି। ଏହା ଗ୍ରାମୀଣ ନିଯୁକ୍ତି କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଗ୍ରାମାଞ୍ଚଳ ବିକାଶ ମନ୍ତ୍ରାଳୟର ଅଧିକାରୀମାନେ କହିଛନ୍ତି। ଏହି ବିଲ୍‌ରେ କାର୍ଯ୍ୟ ଦିବସକୁ ୧୨୫ ଦିନକୁ ବଢ଼ାଇ ଦିଆଯାଇଛି। କାମ ନ ମିଳିଲେ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ଏହା ଆତ୍ମନିର୍ଭର ଭାରତର ମୂଳଦୁଆକୁ ସୁଦୃଢ଼ କରିବ ଏବଂ ଗ୍ରାମୀଣ ପରିବାରକୁ ଆର୍ଥିକ ଭାବେ ସଶକ୍ତ କରିବା ସହିତ ସମାବେଶୀ ବିକାଶରେ ଭାଗିଦାରୀ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ବିଲ୍‌ଟି ଉଭୟ ସଦନରେ ପାରିତ ହୋଇଯାଇଥିଲା। ଲୋକସଭାରେ ଏହା ଉପରେ ୧୪ ଘଣ୍ଟା ଚର୍ଚ୍ଚା ହୋଇଥିଲା। ବିରୋଧୀଙ୍କ ବିଲ୍‌କୁ ବିରୋଧ କରି ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟିଏମସି ସଦସ୍ୟ ସାରା ରାତି ଧାରଣା ଦେଇଥିଲେ। ତୁରନ୍ତ ବିଲ୍‌କୁ ପ୍ରତ୍ୟାହାର ଦାବି କରିଥିଲେ। ସରକାର ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବାକୁ ଚାହୁଁଥିବା ବିରୋଧୀ ଅଭିଯୋଗ କରିଥିଲେ। ସେହିପରି ବିଲ୍‌ରୁ ଗାନ୍ଧୀଙ୍କ ନାମ ହଟାଇବା ତାଙ୍କୁ ଦ୍ୱିତୀୟ ଥର ହତ୍ୟା କରିବା ଭଳି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି ଚିଦମ୍ବରମ କହିଛନ୍ତି।

## ମହାରାଷ୍ଟ୍ର ପୌର ନିର୍ବାଚନ; ୨୧୪ ସିଟ୍‌ରେ ଏନ୍‌ଡିଏ ବିଜୟୀ

ମୁମ୍ବଇ, ୨୧।୧୨ (ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ କ୍ଷମତାସୀନ ମହାଯୁତି ମେଣ୍ଟ ବୃହତ ବିଜୟ ହାସଲ କରିଛି। ୨୮୮ ଆସନ (୨୪୬ ନଗର ପରିଷଦ ଏବଂ ୪୨ ନଗର ପଞ୍ଚାୟତ)ରୁ ୨୧୪ଟି ମହାଯୁତି ହାତକୁ ଯାଇଛି। ତେବେ ଏହି ଫଳାଫଳକୁ ନେଇ ବିରୋଧୀ ନିର୍ବାଚନ କମିଶନ (ଇସି)ଙ୍କୁ ଦୋଷ ଦେଇଛନ୍ତି। ଇସିଙ୍କ ପାଇଁ ମହାଯୁତି ବିଜୟୀ ହେଲା ବୋଲି କଂଗ୍ରେସ ଏବଂ ଉଦ୍ଧବ ଗୋଷ୍ଠୀର ଶିବସେନା ପକ୍ଷରୁ କୁହାଯାଇଛି। ବିଜେପି ୧୨୦, ଏକନାଥ ସିନ୍ଦେଙ୍କ ଶିବସେନା ୫୭ ଏବଂ ଅଜିତ ପାୱାରଙ୍କ ଏନ୍‌ସିପି ୩୭ ଆସନ ହାତେଇଛି। ସେହିପରି ମହାବିକାଶ ଅଘାଡ଼ି କେବଳ ୫୧ଟି ଆସନ ପାଇଛି। କଂଗ୍ରେସ ୩୧, ଶିବସେନା (ୟୁବିଟି) ୧୦, ଏନସିପି (ଏସ) ୧୦ଟି ଏବଂ ଅନ୍ୟ ଦଳକୁ ୨୨ଟି ଆସନରେ ବିଜୟୀ ହୋଇଛନ୍ତି।

## ମିଥ୍ୟା ଅଭିଯୋଗରେ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ଜାଳି ଥିଲେ

ଢାକା, ୨୧।୧୨ (ଏଜେନ୍ସି): ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ସଂଗଠିତ ଭିଡ଼ ପିଟିପିଟି ହତ୍ୟା କରିବା ପରେ ତାଙ୍କୁ ଜାଳି ଦେଇଥିଲା। ଏବେ ଏହି ମାମଲାରେ ଗୁମର ଖୋଲି ଯାଇଛି। ମିଥ୍ୟା ଈଶ ନିନ୍ଦା ଅଭିଯୋଗରେ ତାଙ୍କୁ ହତ୍ୟା କରାଯାଇଥିଲା। ସେ ଫେସ୍‌ବୁକରେ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବା ନେଇ ପୋଷ୍ଟ କରିଥିଲେ ବୋଲି ଦାବି କରାଯାଇଥିଲା। କିନ୍ତୁ ପ୍ରକୃତରେ ସେ ଏଭଳି କୌଣସି ପୋଷ୍ଟ କରି ନ ଥିଲେ ବୋଲି ଯାଞ୍ଚରୁ ଜଣାପଡିଛି। ଏନେଇ କୌଣସି ପ୍ରମାଣ ମଧ୍ୟ ମିଳିପାରିନାହିଁ। ବାଂଲାଦେଶର ରାପିଡ୍ ଆକ୍ସନ ବାଟାଲିଅନ (ଆରଏବି)ର କମାଣ୍ଡର ମହମ୍ମଦ ସମସୁଜମାନ ବାଂଲାଦେଶୀ ଖବରକାଗଜ 'ଦି ଡେଲି ଷ୍ଟାର'କୁ କହିଛନ୍ତି ଯେ ଦୀପୁଙ୍କ ଈଶ ନିନ୍ଦା ନେଇ କୌଣସି ପ୍ରମାଣ ମିଳିନାହିଁ। ସେ ଢାକା ନିକଟବର୍ତ୍ତୀ ଭାଲୁକାରେ ଏକ କାରଖାନାରେ କାର୍ଯ୍ୟ କରୁଥିଲେ। ଏହି କାରଖାନା ବାହାରେ ହିଁ ତାଙ୍କୁ ହତ୍ୟା କରି ଜାଳି ଦିଆଯାଇଥିଲା। ତେବେ ଏହି ଘଟଣାରେ ପୁଲିସର ଭୂମିକା ସନ୍ଦେହରେ ରହିଛି। କାରଣ ପୁଲିସ ହିଁ ତାଙ୍କୁ ଆନ୍ଦୋଳନକାରୀଙ୍କୁ ଟେକି ଦେଇଥିଲା।

**ଖୋଲିଗଲା ବାଂଲାଦେଶୀ ଚରମପନ୍ଥୀଙ୍କ ମୁଖା**

ସେହିପରି ବାଂଲାଦେଶ ଛାତ୍ର ନେତା ଉସ୍ମାନ ହାଦି ହତ୍ୟା ମାମଲାରେ ନ୍ୟାୟ ପାଇଁ ଦାବି ଆହୁରି ଜୋରଦାର ହୋଇଛି। ଇନକିଲାବ ମଞ୍ଚ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ଏ ନେଇ ୨୪ ଘଣ୍ଟାର ଚେତାବନୀ ଦେଇଛି। ତୁରନ୍ତ ହାଦିଙ୍କ ହତ୍ୟା ମାମଲାରେ ଜଡିତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଇନକିଲାବ ମଞ୍ଚର ସଚିବ ଅବଦୁଲ୍ଲା ଅଲ ଜାବେର କହିଛନ୍ତି। ଯଦି ଏହା ନହୁଏ, ତେବେ ଶାହବାଗ ଛକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଆରମ୍ଭ ହେବ ବୋଲି ସେ ସତର୍କ କରାଇଛନ୍ତି। ଏହି କ୍ରମରେ ଜାବେର ଗୃହ ପରାମର୍ଶଦାତା ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ଜାହାଙ୍ଗୀର ଆଲମ ଚୌଧୁରୀ ଏବଂ ମୁଖ୍ୟ ପରାମର୍ଶଦାତାଙ୍କ ସହାୟକ ଖୁଦା ବକ୍ସ ଚୌଧୁରୀଙ୍କ ଇସ୍ତଫା ଦାବି କରିଛନ୍ତି। ଅନ୍ୟପଟେ ଭାରତ ବାଂଲାଦେଶରେ ଭିସା ସେବାକୁ ବନ୍ଦ କରିଦେଇଛି।

## ଧଳା ଚାଦରରେ ଘୋଡ଼େଇ ହେଲା କଶ୍ମୀର



# ଆରମ୍ଭ ହେଲା ଶୀତ ଅବକାଶ 'ଚିଲାଇ-କଲାନ୍'

ଶ୍ରୀନଗର,୨୧।୧୨(ଏଜେନ୍ସି):

କଶ୍ମୀର ଉପତ୍ୟକାରେ ଚଳିତ ଋତୁରେ ପ୍ରଥମ ତୁଷାରପାତ ହୋଇଛି। ଏଥିସହ ଉପତ୍ୟକାରେ ୪୦ ଦିନର ଭୀଷଣ ଥଣ୍ଡା ତଥା ଶୀତକାଳୀନ ଅବଧି ଅର୍ଥାତ 'ଚିଲାଇ-କଲାନ' ଆରମ୍ଭ ହୋଇଛି। ପ୍ରତିବର୍ଷ ଡିସେମ୍ବର ୨୧ରୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ଚିଲାଇ-କଲାନ ରହିଥାଏ। ଏହି ସମୟରେ ସର୍ବାଧିକ ତୁଷାରପାତ ହୋଇଥାଏ ଓ କଶ୍ମୀର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ରବିବାର କଶ୍ମୀରର ପାର୍ବତ୍ୟାଞ୍ଚଳରେ ତୁଷାରପାତ ହୋଇଥିଲା। ଗୁଲମାର୍ଗରେ ପ୍ରାୟ ଦୁଇ ଇଞ୍ଚର ତୁଷାରପାତ ହୋଇଛି। ସକାଳଠାରୁ ସୋନମାର୍ଗର ତୁଷାରପାତ ଜାରି ରହିଛି। ଚିଲାଇ-କଲାନ ଆରମ୍ଭ ହେବା ସହ କାଶ୍ମୀର ଉପତ୍ୟକାର ଏକ ନୂଆ ସ୍ଥିତି ସୃଷ୍ଟି ହୋଇଥାଏ। ଏହି ସମୟରେ ଲୋକେ ନିଜର ଶୀତବସ୍ତ୍ର ଓ ଓଭରକୋଟ ପରିଧାନ କରିଥାନ୍ତି। ଗୁରେଜ, ୱାରୱାନ ଉପତ୍ୟକା ଏବଂ ଦକ୍ଷିଣ ଓ ଉତ୍ତର କଶ୍ମୀରର ଉଚ୍ଚସ୍ଥାନ, ଯେପରିକି ସିନ୍ଥନ ଟପ୍, ରାଜଦାନ ପାସ୍, ସାଧନା ଟପ୍, ଜୋଜିଲା ଓ ସୋନମାର୍ଗରେ ପ୍ରବଳ ତୁଷାରପାତ ହୋଇଥିବାର ଖବର ମିଳିଛି। ଦ୍ରାସ୍ ଓ କାର୍ଗିଲ୍ ଜିଲ୍ଲାର କିଛି ଅଞ୍ଚଳରେ ମଧ୍ୟ ପ୍ରଥମ ଥର ପାଇଁ ତୁଷାରପାତ ରେକର୍ଡ କରାଯାଇଛି। ତୁଷାରପାତ ସହ କଶ୍ମୀରର ବ୍ୟାପକ ଆଦ୍ରତା ମଧ୍ୟ ସୃଷ୍ଟି ହୋଇଛି। ପୂର୍ବରୁ ପାଗ ଶୁଖିଲା ଥିଲା। ଫଳରେ ଏହି ତୁଷାରପାତ କଶ୍ମୀର ବାସିନ୍ଦାଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି। ଏଥିସହ ଜମ୍ମୁ ଓ କଶ୍ମୀରର ଉଚ୍ଚ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ତୁଷାରପାତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଗାମୀ ଦୁଇ ଦିନରେ ତୁଷାରପାତ ପ୍ରବଳ ହେବ। ସେହିପରି ବର୍ଷା ହେବା ନେଇ ସତର୍କତା ମଧ୍ୟ ଜାରି କରାଯାଇଛି। ଏହି ସମ୍ଭାବ୍ୟ ବର୍ଷା କଶ୍ମୀରରେ ପ୍ରବଳ ଶୁଷ୍କ ଥଣ୍ଡାକୁ କମ୍ କରିବ ଏବଂ ହିମବାହ, ଝରଣାଗୁଡିକୁ ପୁନର୍ବାର ବ୍ୟାପକ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଶୀତକାଳୀନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ତୁଷାରପାତର ମୁକାବିଲା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ଏହି ତୁଷାରପାତ କଶ୍ମୀର ବାସୀଙ୍କ ପାଇଁ ଏକ ଆଶୀର୍ବାଦ। ଏହା ଦ୍ୱାରା ବାୟୁ ସଫା ହୋଇଥାଏ। ଏହା ମଧ୍ୟ ପ୍ରଦୂଷଣକୁ ହ୍ରାସ କରିବା ସହ ଶୀତକାଳୀନ ପର୍ଯ୍ୟଟନ ଋତୁକୁ ଆରମ୍ଭ କରିବାରେ ସହାୟ ହୋଇଥାଏ। ତେବେ ସବୁ ପ୍ରକାର ସ୍ଥିତିକୁ ମୁକାବିଲା କରିବାକୁ ଆମେ ପ୍ରସ୍ତୁତ ଅଛୁ ବୋଲି ଉମର କହିଛନ୍ତି।

ସେପଟେ ଦେଶର ମଧ୍ୟ ଓ ଉତ୍ତରଭାଗରେ ପ୍ରବଳ ଶୀତ ଅନୁଭୂତ ହେଉଛି। ବିଭିନ୍ନ ଅଞ୍ଚଳରେ ଘନ କୁହୁଡି ଜାରି ରହିଛି। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଛତିଶଗଡ଼ ସମେତ ଦେଶର ୧୮ଟି ରାଜ୍ୟରେ ଘନ କୁହୁଡିର ସତର୍କତା ଜାରି କରାଯାଇଛି। ମଧ୍ୟପ୍ରଦେଶରେ ପ୍ରଥମଥର ପାଇଁ ତାପମାତ୍ରା ୩ ଡିଗ୍ରୀ ତଳକୁ ଖସିଛି। ଶାହଡୋଲର କଲ୍ୟାଣପୁରରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।



ସଟ୍‌ଲର୍ ୟଙ୍ଗ୍‌ଙ୍କ କୀର୍ତ୍ତିମାନ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-176 ◆MONDAY ◆22 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୭୬ ◆ସୋମବାର ◆୨୨ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ନାକେଦମ୍ କରିବ କୁହୁଡ଼ି

■ ଭୁବନେଶ୍ୱର, ୨୧।୧୨ (ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତ ଜାରି ରହିଛି। ଏହାସହ କିଛି କିଛି ସ୍ଥାନରେ ଘନ କୁହୁଡ଼ି ଲୋକଙ୍କୁ ନାକେଦମ୍ କରିଛି। ବର୍ତ୍ତମାନ ଏକ ପଶ୍ଚିମା ଝଡ଼ ସକ୍ରିୟ ହୋଇଥିବା କାରଣରୁ କୁହୁଡ଼ିର ପ୍ରଭାବ ବଢ଼ିଥିବା ବେଳେ ଏହା ଆହୁରି ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବା ନେଇ ଆକଳନ କରାଯାଇଛି। ପଶ୍ଚିମାଝଡ଼ର ଆଗମାନ ପ୍ରଭାବରେ ରାଜ୍ୟକୁ ବର୍ତ୍ତମାନ ଉଷ୍ଣ ଜଳୀୟବାଷ୍ପପୂର୍ଣ୍ଣ ସାମୁଦ୍ରିକ ବାୟୁର ପ୍ରବାହ ବୃଦ୍ଧି ହୋଇଛି। ଏହାପ୍ରଭାବରେ ରାତିର ତାପମାତ୍ରା ମଧ୍ୟ କମିବାର ସମ୍ଭାବନା ରହିଛି। ମୁଖ୍ୟତଃ ବାୟୁମଣ୍ଡଳର ତଳ ସ୍ତରରେ ଜଳୀୟବାଷ୍ପର ବୃଦ୍ଧି ସହ ଘନକୁହୁଡ଼ି ପାଇଁ ପାଗ ଅନୁକୂଳ ରହିଛି। ରବିବାର ରାଜ୍ୟର ଉତ୍ତର ଏବଂ ଆଭ୍ୟନ୍ତରୀଣ ଭାଗରେ କୁହୁଡ଼ି ଦୃଶ୍ୟମାନ ହୋଇଛି। ବିଶେଷ କରି ମୟୁରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର ଏବଂ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ହେତୁ ଲୋକେ ନାହିଁ ନ



ଥିବା ସମସ୍ୟାରେ ପଡ଼ିଛନ୍ତି। ସୋମବାର ମଧ୍ୟ ସମାନ ସ୍ଥିତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା ▶ପୃଷ୍ଠା-୭

### ‘ଭିବି ଜି-ରାମ୍ ଜି’କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

## ଓଡ଼ିଶା ଉପରେ ୨୦୦୦ କୋଟିର ବୋଝ

■ ଭୁବନେଶ୍ୱର, ୨୧।୧୨ (ପ୍ରଦୀପ ଭାରତୀ): ସଂସଦର ଉଭୟ ଗୃହରେ ପାରିତ ହୋଇଥିବା ବିକଶିତ ଭାରତ-ରୋଜଗାରର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)-୨୦୨୫ (ଭିବି ଜି-ରାମ୍-ଜି) ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନମୋଦନ ମିଳିଛି। ଫଳରେ ଏହି ନୂତନ ଯୋଜନା ଏବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ର ସ୍ଥାନରେ କାର୍ଯ୍ୟକାରୀ ହେବା ନିଶ୍ଚିତ ହୋଇ ଯାଇଛି। ତେବେ ପୂର୍ବ ‘ମନରେଗା’ ଓ ନୂତନ ‘ଭିବି ଜି-ରାମ୍-ଜି’ ଯୋଜନା ମଧ୍ୟରେ ପରିବର୍ତ୍ତନ ଓ ଆର୍ଥିକ ସହାୟତା ଦୃଷ୍ଟିରୁ ରାଜ୍ୟଗୁଡ଼ିକ ଉପରେ ଅଧିକ ବୋଝ ପଡ଼ିବା ନିଶ୍ଚିତ ହୋଇଛି । ଏହି




କ୍ରମରେ ମନରେଗା ପରିବର୍ତ୍ତେ ‘ରାମ-ଜି’ କାର୍ଯ୍ୟକାରୀ ହେବା ଦ୍ୱାରା କେବଳ ଓଡ଼ିଶା ଉପରେ ୨୦୦୦ କୋଟି ଟଙ୍କାର ଆର୍ଥିକ ବୋଝ ପଡ଼ିବ ବୋଲି ଆକଳନ କରାଯାଇଛି ।

ପୂର୍ବରୁ ‘ମନରେଗା’ ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ଭଳି ଓଡ଼ିଶା ମଧ୍ୟ ନଗଣ୍ୟ ଅର୍ଥ ଖର୍ଚ୍ଚ କରୁଥିଲା। ଏହି ଯୋଜନାର ସିଂହ ଭାଗ ଅର୍ଥ କେନ୍ଦ୍ର ସରକାର ବହନ କରୁଥିଲେ ଓ ରାଜ୍ୟ ସରକାର ନିଜର ଅଂଶଧନ

### ମନରେଗା ତୁଳନାରେ ଖର୍ଚ୍ଚ ୫୫୦% ବୃଦ୍ଧି

### ସୁଭଦ୍ରା ଓ ଧାନ ସବ୍‌ସିଡି ପରେ ରାମ୍-ଜି ବୋଝ

ବାବଦରେ ଖୁବ୍ କମ୍ ଅର୍ଥ ବ୍ୟୟ କରୁଥିଲେ। ମାତ୍ର ‘ଭିବି ଜି-ରାମ୍-ଜି’ ଯୋଜନାରେ ଅନ୍ୟ ପ୍ରମୁଖ ଯୋଜନା ଭଳି ୬୦-୪୦ ହାରରେ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରିବେ ବୋଲ ▶ପୃଷ୍ଠା-୭

### ଓଲଟିଲା ପିକ୍‌ନିକ ବସ୍

## ଜଣେ ମୃତ, ୧୭ ଆହତ

■ ପାତ୍ରପୁର, ୨୧।୧୨ (ସମିସ): ଜରଡ଼ା ଥାନା ଅନ୍ତର୍ଗତ ବୁରାତାଲ ନିକଟରେ ରବିବାର ସନ୍ଧ୍ୟାରେ ଏକ ପିକ୍‌ନିକ୍ ବସ ଓଲଟି



ପଡ଼ିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୭ଜଣ ଆହତ ହୋଇଛନ୍ତି। ମୃତକ ହେଲେ, ବ୍ରହ୍ମପୁର ଶ୍ରୀରାମନଗର ଅଞ୍ଚଳର ରତନା ବିଷୋୟୀ (୪୮)। ଆହତମାନଙ୍କ ମଧ୍ୟରେ ଜିତେନ୍ଦ୍ର ଦାସ, ଗୋପାଳ ସେଠୀ, ମନୋଜ କୁମାର ସାହୁ, ଶିବ ପ୍ରସାଦ ପ୍ରଧାନ, ଶୁଭମ୍ କୁମାର ସାହୁ, କେ. ଗଣେଶ ▶ପୃଷ୍ଠା-୭

### ଏମିତି ଆମ ପୁଲିସ ବଦଳି ନୀତି

## ନିଜ ନିୟମକୁ ଦଳିମକଟି ଦେଲେ

■ ଭୁବନେଶ୍ୱର, ୨୧।୧୨ (ସମିସ): କୌଣସି ପୁଲିସ ଅଧିକାରୀ ଗୋଟିଏ ଜିଲ୍ଲାରେ ୬ ବର୍ଷ ଓ ଷ୍ଟେସନରେ ୩ ବର୍ଷରୁ ଅଧିକ ରହିପାରିବେନି। ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗର ଚିଠି ଆଧାରରେ ରାଜ୍ୟ ପୁଲିସ ବିଭାଗ ଗତ ନଭେମ୍ବରରେ ଏଭଳି ନିୟମ ଆଣିଥିଲା। ଖାଲି ନିୟମ ଆଣି ନଥିଲା, ଏହାକୁ କାର୍ଯ୍ୟକାରୀ ମଧ୍ୟ କରିଥିଲା। ପ୍ରତିବର୍ଷ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବଦଳି କରାଯିବ ବୋଲି ଉଲ୍ଲେଖ ରହିଥିଲା। ହେଲେ ନିୟମ କାର୍ଯ୍ୟକାରୀକୁ ଦୁଇମାସ ନ ପୂରୁଣୁ, ତାହାକୁ ପାସୋରିଗଲା ପୁଲିସ ବିଭାଗ। ଗତକାଲି ଇନ୍ସପେକ୍ଟର୍‌ମାନଙ୍କର ବଦଳି ବାତିଲ ବା ପରିବର୍ତ୍ତିତ ବଦଳି ତାଲିକା ପ୍ରକାଶ ପାଇବା ପରେ ଏଭଳି କଥା ସ୍ପଷ୍ଟ ହୋଇଛି। କାହା ଇଙ୍ଗିତରେ ପୁଲିସ ବିଭାଗ ନିଜ ନିୟମକୁ ଦଳିମକଟି ଦେଲା, ତାକୁ


■ ବଦଳି ସଂସ୍କାର ନାଁରେ ପ୍ରହସନ
■ ବୁକ୍ ସର୍କୁଲାର ଓ ଜିଏ ବିଭାଗ ଚିଠିର ଧଜିଆ ଉଡ଼ିଲା

ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁକ୍ ସର୍କୁଲାର ୪୨ ଅନୁଯାୟୀ ଜଣେ ସରକାରୀ ଅଧିକାରୀ ଗୋଟିଏ ଷ୍ଟେସନରେ ୩ବର୍ଷରୁ ଅଧିକ ରହିପାରିବେ ନାହିଁ ଓ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଅନୁସାରେ ଦ୍ୱିତୀୟ ଶ୍ରେଣୀ କିମ୍ବା ତା’ଠାରୁ ଊର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ଗୋଟିଏ ଜିଲ୍ଲାରେ ୬ବର୍ଷରୁ ଅଧିକ ସମୟ କାମ କରିପାରିବେ ନାହିଁ। ଏହି ବଦଳି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ▶ପୃଷ୍ଠା-୭

### ଗୋପାଳପୁରରେ ପୁଣି ଲଜ୍ଜା

## ଜଙ୍ଗଲରେ ମହିଳାଙ୍କୁ ଦୁଷ୍କର୍ମ

■ ବ୍ରହ୍ମପୁର, ୨୧।୧୨ (ସମିସ): ଗୋପାଳପୁରରେ ପୁଣି ଲଜ୍ଜା। ବେଳାଭୂମିରେ ଜରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ପୁଣି ଏହି ଥାନା ଅଞ୍ଚଳରେ ଥିବା ଏକ ଜଙ୍ଗଲରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ମଣି ଦାସ(୨୭)। ସୂଚନାନୁସାରେ, ଗୋପାଳପୁର ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଗତ ଗୁରୁବାର ସନ୍ଧ୍ୟାରେ ମଣି ଜୋରଜବରଦସ୍ତ ଏକ ସ୍କୁଟିରେ ନେଇ ନିକଟସ୍ଥ ଏକ ଜଙ୍ଗଲ ଭିତରେ ଦୁଷ୍କର୍ମ କରିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ



ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ମଣିକୁ ପୁଲିସ ନିଜ ଗ୍ରାମରୁ ଗିରଫ କରିବା ସହ ତା’ଠାରୁ ଗୋଟିଏ ସ୍କୁଟି ଓ ମୋବାଇଲ ଜବତ କରିଛି। ଏହାସହ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ବୟାନ ରେକର୍ଡ ସହ ଡାକ୍ତରୀମାଇନା କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।




# ‘କାନ୍ତ ଜୀବନଗାଥା ଦୁଃଖବାଦର ଏକ ଉଜ୍ଜ୍ୱଳ ଶିକ୍ଷା’



**ତିହିଡି ସାହିତ୍ୟ ସାଂସ୍କୃତିକ ମଞ୍ଚର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ ତମ ଜୟନ୍ତୀ**

ତିହିଡି, ୨୧।୧୨(ସମିସ): ଜୀବନ ଓ ଜଗତକୁ ଦେଖିବାର ଅଦ୍ଭୁତ ଦୃଷ୍ଟିଭଙ୍ଗୀ ହେଉଛି କାନ୍ତସାହିତ୍ୟର ମୂଳଉତ୍ସ। ଜାତୀୟ ବନ୍ଦନା, ମାଟି-ମଣିଷ ପ୍ରତି ଅସୀମ ଶ୍ରଦ୍ଧା, ବିଭୁଚେତନା ଓ ବ୍ରହ୍ମାଣ୍ଡୀୟ ସତ୍ୟର ଉପଲବ୍ଧି ତାଙ୍କ ସୃଷ୍ଟିସମ୍ପଦକୁ କାଳଜୟୀ ପର୍ଯ୍ୟାୟଭୁକ୍ତ କରିଛି। କାନ୍ତ ଜୀବନଗାଥା ହେଉଛି ଦୁଃଖବାଦର ଏକ ଉଜ୍ଜ୍ୱଳ ଶିକ୍ଷା। ଈଶ୍ୱରଙ୍କ ପାଖରେ ଅଭିମାନ ପୂର୍ବକ ସମର୍ପଣ ତାଙ୍କ ଅନ୍ତରରେ ଆତ୍ମବଳ ସଞ୍ଚାର କରିଥିଲା ବୋଲି ତିହିଡ଼ି ସାହିତ୍ୟ-ସାଂସ୍କୃତିକ ମଞ୍ଚ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ତମ ଜୟନ୍ତୀ ଉତ୍ସବରେ ଅତିଥି ମତବ୍ୟକ୍ତ କରିଛନ୍ତି। ମଞ୍ଚର ଉପଦେଷ୍ଟା ବିଶିଷ୍ଟ ସ୍ତମ୍ଭକାର ଡକ୍ଟର ବିଶ୍ୱରଂଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ ଯୋଗଦେଇ ତିହିଡ଼ିର ପରିଚୟକୁ ବହୁଗୁଣିତ କରିବାକୁ ହେଲେ ଏଠାରେ କାନ୍ତକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପିତ ହେବା ଜରୁରି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ଜାତୀୟ କଂଗ୍ରେସ, ଉତ୍କଳ ସମ୍ମିଳନୀ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ସ୍ୱାଧୀନତା ପ୍ରାପ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ଅବଧିରେ କାନ୍ତକବିଙ୍କ ତ୍ୟାଗ, ସଂଗ୍ରାମ ଓ ସାରସ୍ୱତ ଆମ ଭାଷା ଓ ଜାତି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ପ୍ରଗତି ଉଦ୍ୟୋଗର ମୁଦ୍ରାକାର ବିଜୟ କୁମାର ସାହୁ ଓ ସମାଜସେବୀ ରଘୁନାଥ ପାତ୍ର ଯୋଗଦେଇ କାନ୍ତସାହିତ୍ୟ ଭକ୍ତି, ଜାତି ଓ ଜୀବନତତ୍ତ୍ୱର ସମ୍ବେଦନା ବୋଲି କହିଥିଲେ। କବି ଓ ଗୀତିକାର ଭାସ୍କରଚନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବିଶ୍ରୀ ଗୋଲୋକ ପ୍ରସାଦ ବୈୟାରୀ, ଦେବେନ୍ଦ୍ର ମହାଳିକ, କଳ୍ପତରୁ ସେଠୀ, ଗୌରାଙ୍ଗ ନନ୍ଦ, ସୁବାସ ମହାନ୍ତି, ଅଭୟ ଦାସ, ମୁକୁନ୍ଦଦେବ ନାୟକ, ଆଶୁତୋଷ କରଣ, ସୁବାସ ଦାସ, ହରିହର ମଲ୍ଲିକ, ରୀନାରାଣୀ ପାତ୍ର, ବୈକୁଣ୍ଠନାଥ ଓଝା, ଦ୍ୱାରିକାନାଥ ଦାସ, ଅବୁଦୁଲ ଦୟାନ, ରତିକାନ୍ତ ଦାସ, ମୌସୁମୀ ବାରିକ, ମୁସ୍ତାକ ଗହ୍ୱର ପ୍ରମୁଖ କବିତାପାଠ କରିଥିଲେ।

ପ୍ରମୁଖ କବି ସ୍ୱରଚିତ କବିତାପାଠ ଓ କାନ୍ତସଙ୍ଗୀତ ଗାନ କରିଥିଲେ। ଯୁବକବି ନିରଞ୍ଜନ ବାରିକ ମଞ୍ଚଆହ୍ୱାନ କରିଥିବା ବେଳେ କବି ପି. ହୃଷୀକେଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ କବି ବିଶ୍ୱମୈତ୍ରୀ ନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମଞ୍ଚର ଆବାହକ ଯୁବଗାଳ୍ପିକ କୈଳାସ ବେହେରା, ସଦସ୍ୟ ଦେବେନ୍ଦ୍ରନାଥ ମହାଳିକ, ଯଯାତିକେଶରୀ ଦାସ, ତିହିଡ଼ି ସାଂସଦ ପ୍ରତିନିଧି ସୀତାକାନ୍ତ ନାୟକ ସହଯୋଗ କରିଥିଲେ। ସଂଯୋଜକ ଯୁବକବି ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।

## ବିଜେଡିର କର୍ମୀ ସମ୍ମିଳନୀରେ ଏକାଠି ହେଲେ ନେତା ଓ କର୍ମୀ



ଭଦ୍ରକ,୨୧।୧୨(ସମିସ): ଚାନ୍ଦବାଲି ବ୍ଲକ୍ ଧାମରାରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଧାମରା ଅଞ୍ଚଳର ୮ଟି ପଞ୍ଚାୟତର ସଭାପତି ଅନୀଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଚନ୍ଦବାଲି ବିଧାୟକ ଡ଼. ବ୍ୟୋମକେଶ ରାୟ ଯୋଗ ଦେଇଥିଲେ। କାହା ପ୍ରଲୋଭନରେ ନପଡ଼ି ଜନପ୍ରିୟ ନେତା ନବୀନ ପଟ୍ଟନାୟକଙ୍କୁ ଅନୁସରଣ କରି ଆଗକୁ ବଢ଼ିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଧାମରା ବନ୍ଦରରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତିରେ ଅନ୍ତର ପାନ୍ତରକୁ ବରଦାସ୍ତ କରାଯିବ ନାହିଁ, ସମସ୍ତେ ସମାନ ସୁଯୋଗ ପାଇବା ଦରକାର. ଯଦି ଏଥିରେ ବିଚ୍ୟୁତି ହୁଏ ତେବେ ଆଗାମୀ ଦିନରେ ବିଜୁ ଜନତା ଦଳ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବାକୁ ପଛଘୁଞ୍ଚା ଦେବ ନାହିଁ ବୋଲି ୮ ପଞ୍ଚାୟତର ସଭାପତି ଅନିଲ ନାୟକ ପ୍ରକାଶ କରିଛନ୍ତି। ବ୍ଲକ୍ ସଭାପତି ପ୍ରତାପଚନ୍ଦ୍ର ଧଳ, ଜିଲ୍ଲା ପରିଷଦ ରଞ୍ଜନ କୁମାର ସାହୁଙ୍କ ସମେତ ସ୍ଥାନୀୟ ୮ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବହୁ ଆଗଧାଡ଼ିର ନେତା-କର୍ମୀ ଉପସ୍ଥିତ ଥିଲେ।

## ବ୍ଲକ୍ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ



ଭଣ୍ଡାରିପୋଖରୀ,୨୧।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ଚଳିତ ବର୍ଷର ଶିଶୁ ଉତ୍ସବ ଶନିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ପିରିପୁର ପ୍ରଭାକର ମହାନ୍ତି ଉଚ୍ଚବିଦ୍ୟାଳୟରେ ବ୍ଲକ ଓଷ୍ଟା ସଭାନେତ୍ରୀ ସୁକାନ୍ତିଲତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଓଷ୍ଟା ଜିଲ୍ଲା ସଭାପତି ଶଶିଶେଖର କରଶର୍ମା ମୁଖ୍ୟଅତିଥି, ଜିଲ୍ଲା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ପ୍ରାକ୍ତନ ରାଜ୍ୟ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ, ଜିଲ୍ଲା କାର୍ଯ୍ୟକାରୀ ଉପସଭାପତି ଅନିଲ କୁମାର ମିଶ୍ର, ପୂର୍ବତନ ବ୍ଲକ ସମ୍ପାଦକ ସୁବଳ କୁମାର ପତ୍ରୀ, ଜିଲ୍ଲା ଉପସଭାନେତ୍ରୀ ବିକଶି ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବ୍ରହ୍ମାନନ୍ଦ ରାୟ, ବନ୍ତ ବ୍ଲକ ସ୍ୱାଦକ ସନ୍ତୋଷ ଜେନା, ଭଦ୍ରକ ବ୍ଲକ୍ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୨୬୧ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ନୃତ୍ୟ, ଏକକ ଅଭିନୟ, ସଙ୍ଗୀତ ଆଦି ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକ ସମ୍ପାଦକ ମନୋରଞ୍ଜନ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଲୋଚନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନେତା ଜିତେନ୍ଦ୍ର ସାହୁ ଅତିଥି ପରିଚୟ ଓ କେଶବ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## କେନାଲ୍‌ରୁ ଷଣ୍ଢ ଉଦ୍ଧାର



ଦୋଳସାହି, ୨୧।୧୨(ସମିସ): ତିହିଡ଼ି ଦମକଳ ବାହିନୀ ଦ୍ୱାରା କେନାଲରେ ଗଳି ପଡିଥିବା ଷଣ୍ଢକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତିହିଡ଼ି ବ୍ଲକ୍ ଭାଟପଡା ପଞ୍ଚାୟତର ସଙ୍ଖିଡା ଗ୍ରାମର ଜେନାସାହି ଦେଇ ଯାଇଥିବା ଦଶମୌଜା କେନାଲ ଭିତରକୁ ଏକ ଷଣ୍ଢ ଗଳି ପଡିଥିଲା। ତିହିଡ଼ି ଦମକଳବାହିନୀ ଅଧୀକାରୀ ସୁବାସଚନ୍ଦ୍ର ରାଉତ ଖବର ପାଇ ଆଗ୍ନିକ ପ୍ରଫୁଲ୍ଲ ପରିଡା ଓ ଗଣେଶ ମାଝିଙ୍କ ସହଯୋଗରେ କେନାଲ ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଜଣାପଡିଛି।

## ୧୯୬୮ ବ୍ୟାଚ୍ ମ୍ୟାଟ୍ରିକ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଭଣ୍ଡାରିପୋଖରୀ, ୨୧।୧୨ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଜଗନ୍ନାଥପ୍ରସାଦ ଉଚ୍ଚବିଦ୍ୟାଳୟରେ ୧୯୬୮ ମସିହା ମ୍ୟାଟ୍ରିକ ପରୀକ୍ଷା ବ୍ୟାଚର ଛାତ୍ରଛାତ୍ରୀମାନଙ୍କ ବନ୍ଧୁ ମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଏହି ବ୍ୟାଚର ଛାତ୍ର ତଥା ଅବସରପ୍ରାପ୍ତ ଅତିରିକ୍ତ ଶାସନସଚିବ ରାଧାକାନ୍ତ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ତତ୍କାଳୀନ ଶିକ୍ଷକ କୁଳମଣି ବେହେରା ମୁଖ୍ୟଅତିଥି, ଶିକ୍ଷକ ବେଣୁଧର ପଲାଇ, ଶିକ୍ଷକ ବସନ୍ତ କୁମାର ମହାପାତ୍ର ଓ ଶିକ୍ଷା କର୍ମଚାରୀ ନଟବର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୫୭ ବର୍ଷ ପରେ ମଧ୍ୟ ବିଦ୍ୟାଳୟ ଜୀବନ ସ୍ମୃତି ତାଜା ହୋଇ ରହିଥିବା ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକମାନଙ୍କର ପୁରାତନ ବିଦ୍ୟାଳୟ ପ୍ରତି ଥିବା ଅନୁରକ୍ତି ପାଇଁ କୃତଜ୍ଞତା ଜ୍ଞାପନ କରିବା ସହ ଆଶୀର୍ବାଦ ଲୋଡ଼ିଥିଲେ।

## ଧାମନଗରରେ ଆରମ୍ଭହେବ ବିଧାୟକ ମେଧା ସମ୍ମାନ

ଦୋବଲ, ୨୧।୧୨(ସମିସ): ଧାମନଗର ନିର୍ବାଚନମଣ୍ଡଳୀକୁ ଶିକ୍ଷା କ୍ଷେତ୍ରରେ ଏକ ଆଦର୍ଶ ମଡେଲ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ଆଜିଠାରୁ ଏକ ଅଭିନବ ଅଭିଯାନର ଶୁଭାରମ୍ଭ ହେବାକୁ ଯାଉଛି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏହି କାର୍ଯ୍ୟକ୍ରମରେ “ବିଧାୟକ ମେଧା ସମ୍ମାନ - ୨୦୨୫”ର ଶୁଭାରମ୍ଭ କରିବେ। “ଶିକ୍ଷା ପ୍ରଥମ-ଧାମନଗର’ ସ୍ଲୋଗାନ ସହ ଆୟୋଜିତ ହେବାକୁ ଥିବା ଏହି ଭବ୍ୟ କାର୍ଯ୍ୟକ୍ରମରେ ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ କରାଯିବ। ଏହି ଅବସରରେ ଏକ ବିଶାଳ ପ୍ରଧାନଶିକ୍ଷକ ସମ୍ମିଳନୀ ଆୟୋଜନ କରାଯାଉଛି। ଏଥିରେ ଧାମନଗରର ସମସ୍ତ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷମାନେ ସାମିଲ ହେବେ। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ନୂତନ ଶିକ୍ଷା ନୀତି (ଘଶଚ)ର ସଫଳ ରୂପାୟନ ଏବଂ ବିଦ୍ୟାଳୟ ପରିଚାଳନାରେ ସଂସ୍କାର ଆଣିବା ପାଇଁ ମନ୍ତ୍ରୀ ସିଧାସଳଖ ଶିକ୍ଷକମାନଙ୍କ ସହ ଆଲୋଚନା କରିବେ। କାର୍ଯ୍ୟକ୍ରମ ଅନୁଯାୟୀ, ବୋର୍ଡ କିମ୍ବା ଶିକ୍ଷା ପରିଷଦ ପରୀକ୍ଷାରେ ଇ୧ ଗ୍ରେଡ୍ ପାଇଥିବା ପ୍ରତିଟି ଛାତ୍ରଛାତ୍ରୀଙ୍କୁ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ବିଦ୍ୟାଳୟର ସଫଳ ପରିଚାଳନା, ନାମଲେଖା ବୃଦ୍ଧି ଏବଂ ଡ୍ରପ୍-ଆଉଟ୍ ହ୍ରାସ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ପ୍ରଧାନଶିକ୍ଷକଙ୍କୁ ୧୦,୦୦୦ ଟଙ୍କାର ‘ଲିଡରସିପ୍ ଆୱାର୍ଡ’ ବା ନେତୃତ୍ୱ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯିବ। ବିଦ୍ୟାଳୟଗୁଡ଼ିକର ଭିତିଭୂମି ବିକାଶ ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଶୈକ୍ଷିକ ଫଳାଫଳ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ବିଦ୍ୟାଳୟକୁ ବିଧାୟକ ପାଣ୍ଠିରୁ ୧୫ ଲକ୍ଷ ଟଙ୍କାର ବିକାଶ ସହାୟତା ମିଳିବ। ଏହି ଅର୍ଥ ସ୍ମାର୍ଟ କ୍ଲାସରୁମ୍, ଉନ୍ନତ ପାଠାଗାର ଓ କ୍ରୀଡ଼ା ଭିତିଭୂମି ଗଠନରେ ବ୍ୟବହାର କରାଯିବ। ଏହି ପୁରସ୍କାର ପାଇଁ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ତଥ୍ୟ ଆଧାରରେ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ବାଛିବେ। ଆଗାମୀ ଦିନରେ ପ୍ରତି ୬ ମାସରେ “ଧାମନଗର ଶିକ୍ଷା ପ୍ରଗତି ରିପୋର୍ଟ’ ପ୍ରକାଶ କରାଯାଇ ଶୈକ୍ଷିକ ବାତାବରଣର ସମୀକ୍ଷା କରାଯିବ। ଧାମନଗରବାସୀଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ନେଇ ବେଶ୍ ଉତ୍ସାହ ଦେଖାଦେଇଛି।

## ଜରାଜୀର୍ଣ୍ଣ ବୃହତ ଜଳାଶୟ

# ୧୦୦ ବର୍ଷର ‘ପାରା ଯୋର’ ପୁନରୁଦ୍ଧାର କେବେ ?

ବାରିକପୁର, ୨୧।୧୨(ସମିସ): କୃଷିଭିତ୍ତିକ ଭିତ୍ତିଭୂମି ସୃଷ୍ଟି କରିବା କିମ୍ବା ଜରାଜୀର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ଆଧୁନିକ ଶୈଳୀରେ ନିର୍ମାଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସମନ୍ୱିତ କୃଷି ଉନ୍ନୟନ ଯୋଜନାରେ ମଧ୍ୟ ପାଣି ଭଳି ଟଙ୍କା ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ଏକ୍ଷେତ୍ରରେ ଆଖିଦୃଶିଆ ଉନ୍ନତି ହେଉ ନଥିବା ବିଭିନ୍ନ ସମୟରେ ଅଭିଯୋଗ ମାନ ହୋଇଛି। ବିଶେଷ କରି ପୁରାତନ ପ୍ରକଳ୍ପର ପୁନରୁଦ୍ଧାର ହେଉ ନଥିବା ଯୋଗୁଁ କୃଷି କ୍ଷେତ୍ରରେ ବାସ୍ତବିକ ଉନ୍ନତି ହେଉନାହିଁ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନିଦ ନ ଭାଙ୍ଗିବା ପରିତାପର ବିଷୟ ପାଲଟିଛି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ଅଧୀନରେ ଥିବା ସର୍ବବୃହତ ଜଳାଶୟ “ପାରା ଯୋର’ର ଏଯାଏଁ ପୁନରୁଦ୍ଧାର ହେଉନାହିଁ। ଯାହାକୁ ନେଇ ପଞ୍ଚାୟତବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ୧୨ ଏକର ଜମି ପରିମିତ ପ୍ରାୟ ୧୦୦ ବର୍ଷର ଏହି ପୁରାତନ ଜଳାଶୟଟି ମାନ୍ତପୁର ଗାଁଠାରୁ ନାଳ କୂଳ ଗ୍ରାମ ଯାଏଁ ରହିଛି। ଏହାର ପ୍ରସ୍ଥ ୩ଶହ ମିଟର ରହିଥିବା ବେଳେ ଏହା ଚତୁଃପାର୍ଶ୍ୱରେ ବିସ୍ତୀର୍ଣ୍ଣ ଚାଷଜମି ରହିଛି। ପୂର୍ବରୁ ଏହି ଜଳାଶୟ ଦେଇ ବୈତରଣୀ ବନ୍ୟାଜଳ ନିଷ୍କାସନ ହେଉଥିଲା। ଏହାଛଡା ପଞ୍ଚାୟତ ଅଧୀନରେ ରହିଥିବା ଯୋଗୁଁ ଏଥିରେ ମାଛ ଚାଷ ହେଉଥିବା ବେଳେ ଖରାଦିନେ ଚାଷୀମାନେ ଏହାଉପରେ ନିର୍ଭର କରି ଡାଲୁଅ ରବି ଧାନ ସହିତ ପନିପରିବା ଚାଷ କରୁଥିଲେ।



ବର୍ଷତମାମ ବିଭିନ୍ନ ଚାଷ କାର୍ଯ୍ୟ ସହିତ ଅନ୍ୟାନ୍ୟ କାମରେ ମଧ୍ୟ ଏହି ବୃହତ ଜଳାଶୟ ଶହଶହ ଲୋକଙ୍କ ସହାୟହେଉଥିଲା। ଦୀର୍ଘ ୨୦/୨୫ ବର୍ଷ ହେବ ଏହାର ନବୀକରଣ କାର୍ଯ୍ୟ ହେଉନାହିଁ। ଫଳରେ ଜଳାଶୟର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ଏବେ ଦଳ ଓ କଳମ ଲତା ମାଡି ଗଲାଣି। ସାଧାରଣତଃ ଦେଖିବାକୁ ଗଲେ ଏହା ଆଉ ଜଳାଶୟ ଭଳି ଦେଖା ଯାଉନାହିଁ; ବରଂ ଏହା ବର୍ତ୍ତମାନ ଏକ ଗୋଚାରଣ ସ୍ଥାନ ଭଳି ଦେଖାଯାଉଛି। ଏହାର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ନିର୍ବାଚିତ ପ୍ରତିନିଧିମାନେ ବିଭିନ୍ନ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସତ୍ତ୍ୱେ ବୃହତ ଜଳାଶୟଟି ଆଜିଯାଏଁ ପୁନରୁଦ୍ଧାର ହୋଇପାରିନାହିଁ। ଯାହାକୁ ନେଇ ଲୋକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ସେମାନଙ୍କ ମୁହଁରୁ..



ପଞ୍ଚାୟତର ବୃହତ ଜଳାଶୟ ଭାବେ ପରିଗଣିତ ପାରା ଯୋର ଭିତ୍ତିଭୂମି ବିକାଶ ପାଇଁ କେହି ନଜର ଦେଉନାହାନ୍ତି। ପ୍ରଶାସନିକ ସ୍ତରରେ ଉଦାସୀନତା ଯୋଗୁଁ ଏହା ସ୍ଥାନୀୟ ଚାଷୀମାନଙ୍କ ପାଇଁ ଉପଯୋଗୀ ହେଉନାହିଁ। ବହୁବାର ଦାବିସତ୍ତ୍ୱେ ସରକାରୀ ବାବୁମାନେ କେବେ ଏହାର କ୍ଷେତ୍ର ପରିଦର୍ଶନ କରିନାହାନ୍ତି।

**- ଅକ୍ଷୟ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ**



ଏହି ଜଳାଶୟ ଚତୁଃପାର୍ଶ୍ୱରେ ଜନବସତି ଓ ବ୍ୟାପକ ଚାଷଜମି ରହିଛି। ପ୍ରାୟ ୨୦ବର୍ଷରୁ ଅଧିକ ହେବ ଏହା ଜରାଜୀର୍ଣ୍ଣ ପାଲଟିଛି। ଦଳସଫା ସହ ଏହାର ନବୀକରଣ କାର୍ଯ୍ୟ ହେବା ଉଚିତ। ଏହାଦ୍ୱାରା ଶତାଧିକ ଚାଷୀ ଉପକୃତ ହେବେ। **- ହରେକୃଷ୍ଣ ନାୟକ, ସ୍ୱେଚ୍ଛାସେବୀ**



ପାରାଯୋରଟିର ପୁନରୁଦ୍ଧାର ହେଲେ ସ୍ଥାନୀୟ ଲୋକମାନେ ସମନ୍ୱିତ ପ୍ରଣାଳୀରେ କୃଷି କାର୍ଯ୍ୟ କରିପାରନ୍ତେ। ଜଳାଶୟକୁ ଲାଗି ଏକର ଏକର ଚାଷଜମି ରହିଛି। ଆମେ ବାରମ୍ବାର ଦାବି କରିଛୁ। ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବା ଉଚିତ।

- ସୀତାକାନ୍ତ ମିଶ୍ର, ବରିଷ୍ଠ ନାଗରିକ

● ବାଲି ଟ୍ରକ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା

## ଟ୍ରେଲର୍-ହାଇୱା ମୁହାଁମୁହିଁ ଧକ୍କା; ଚାଳକ ଗୁରୁତର

ବାସୁଦେବପୁର, ୨୧।୧୨ (ସମିସ): ଜାମୁଝାଡ଼ିରୁ ବାସୁଦେବପୁର ଅଭିମୁଖେ ଆସୁଥିବା ବାଲି ବୋଝେଇ ହାଇୱା ମତାଜୀ ମଠ ଛକରେ ବିପରୀତ ଦିଗରୁ ଆସୁଥିବା ଟ୍ରେଲରକୁ ଧକ୍କା ଦେବାରୁ ଚାଳକ ଗୁରୁତର ଆହତ ହୋଇ ବାସୁଦେବପୁର ଡାକ୍ତରଖାନାରୁ କଟକ ରେଫର ହୋଇଛନ୍ତି। ଚାଳକଙ୍କ ଦ୍ରୁତ ଓ ବେପରୁଆ ଗାଡି ଚାଳନା ଦୁର୍ଘଟଣାର କାରଣ ପାଲଟିଛି। ଦିନକୁ ଦିନ ଧାମରା- ଜାମୁଝାଡି ରାସ୍ତାର ଦୁର୍ଘଟଣାର ମରଣଯନ୍ତା ପାଲଟି ଗଲାଣି। ଡିଭାଇଡର ନଥିବାରୁ ସିଙ୍ଗିଲ୍ ରାସ୍ତାର ଗାଡି ଚଳାଚଳ ବୃଦ୍ଧି ପାଇବା ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଅର୍ଥ ଲୋଭରେ ଚାଳକ ବିଶ୍ରାମ ନନେଇ ଦିବାରାତ୍ର ଗାଡି ଚାଳନା ଯୋଗୁଁ କ୍ଲାନ୍ତ ଶରୀର ଭାରସାମ୍ୟ ରକ୍ଷା କରିବାରେ ବିଫଳ ହେଉଛି। ଭୋରୁ ସମୟରେ ନିଦ ଲାଗିଯିବାରୁ ଦୁର୍ଘଟଣାର ଶିକାର ହେଉଛି। ଧାମରାରୁ ଲୁହା ସାମଗ୍ରୀ ବୋଝେଇ ଏକ ଟ୍ରଲର ଯାଉଥିବା ବେଳେ ବିପରୀତ ଦିଗ ଜାମୁଝାଡିରୁ ବାସୁଦେବପୁର ଅଭିମୁଖେ ବାଲି ବୋଝେଇ ହାଇୱା ଆସୁଥିଲା। ବାସୁଦେବପୁର ମାତାଜୀ ମଠ ଛକରେ ବାଲି ଟ୍ରକ ସିଧାସଳଖ ହାଇୱାକୁ ଧକ୍କା ଦେଇଥିଲା। ଟ୍ରେଲର ମାଡ ହେବାରୁ ଚାଳକ ଭିତରେ ଫସି ଯାଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ଗ୍ୟାସ କଟରରେ କାଟି ବାହାର କରିଥିଲେ। ଚାଳକଙ୍କୁ ବାସୁଦେବପୁର ଡାକ୍ତରଖାନାର ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଚାଳକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।



## ସହକାରୀ ଆଦର୍ଶ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଧାମନଗର,୨୧।୧୨(ସମିସ): ଧାମନଗର ଏନଏସି ଜୟନଗର ଅନନ୍ତକେଶରୀ ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର ମିଶ୍ରଙ୍କ ଅବସରକାଳୀନ ଉପଲକ୍ଷେ ଏକ ଭବ୍ୟ ସମାରୋହ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋଜ ସିଂହଙ୍କ ସଭାପତିତ୍ୱରେ ଶିକ୍ଷକ ମନ୍ମଥ ରାଉତ ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଡ଼.ପ୍ରଫୁଲ୍ଲ ସାହୁ, ମୁଖ୍ୟବକ୍ତା ଭାବେ ବିକ୍ରମ କୁମାର ଦାସ, ସମ୍ମାନିତ ଅତିଥି ଭାବେ କୈଳାଶଚନ୍ଦ୍ର ମହାପାତ୍ର, ସରୋଜ ମହାପାତ୍ର, ସମ୍ମାନିତ ବକ୍ତା ଭାବେ ଅଶୋକ ରାଉତ, ଅନ୍ୟତମ ସମ୍ମାନିତ ଅତିଥି ଏବିଇଓ ସତ୍ୟସୁନ୍ଦର ପରିଡା, ଶ୍ରୀଚରଣ ମଲ୍ଲିକ୍, ଶାନ୍ତିଲତା ରାଉତ, ଏବିଇଓ ହେମେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ସେଠୀ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି, ଗ୍ରାମବାସୀବୃନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ମିଶ୍ରଙ୍କୁ ବିଦ୍ୟାଳୟ ତରଫରୁ ଉତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ବିଭିନ୍ନ ବ୍ଲକର ଶିକ୍ଷକ ନେତା ତାଙ୍କ ନିରାମୟ ଜୀବନ କାମନା କରିଥିଲେ।

## ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

ଅସୁରାଳି,୨୧।୧୨(ସମିସ): ସ୍ୱର୍ଗତ ରାମଚନ୍ଦ୍ର ଲେଙ୍କା ଟ୍ରଷ୍ଟ ତରଫରୁ ଚୁନିଦାସ୍ଥିତ ମା’ ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା’ ମନ୍ଦିର ପ୍ରାଙ୍ଗଣରେ ଗରିବ ଓ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସ୍ଥାନୀୟ ସରପଞ୍ଚ ନିରଞ୍ଜନ ମଲ୍ଲିକ, ଟ୍ରଷ୍ଟ ସଭାପତି ମହେଶ୍ୱର ଲେଙ୍କା,



ପୂର୍ବତନ ସମିତିସଭ୍ୟ ନିତ୍ୟାନନ୍ଦ ବେହେରା, ସମାଜସେବୀ କୃଷ୍ଣଚନ୍ଦ୍ର ବେହେରା, ସୁବାସଚନ୍ଦ୍ର ନାୟକ, ପ୍ରଧାନଶିକ୍ଷକ ପ୍ରଦୀପ ଲେଙ୍କା, ବଳରାମ ଜେନା, ନାରାୟଣ ମହାରଣା, ଲୋକନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୩୦ରୁ ଅଧିକ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଟ୍ରଷ୍ଟର ଏହି ସାଧୁଚେଷ୍ଟାକୁ ଆଗାମୀ ଦିନରେ ଆହୁରି ବିସ୍ତାର କରିବାକୁ ଆଶା ବ୍ୟକ୍ତ କରାଯାଇଛି।

# ଜିଲ୍ଲା ବିଜ୍ଞାନ ମେଳାରୁ ଚାନ୍ଦବାଲି ବ୍ଲକ୍‌ର ୩ ପ୍ରକଳ୍ପ ରାଜ୍ୟକୁ ମନୋନୀତ

ଭଦ୍ରକ,୨୧।୧୨(ସମିସ): ଜିଲ୍ଲା ସ୍କୁଲ ପରିସରରେ ୧୯ ଓ ୨୦ ତାରିଖ ୨ ଦିନ ଧରି ଅନୁଷ୍ଠିତ ହୋଇଥିବା ଭଦ୍ରକ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଚାନ୍ଦବାଲି ବ୍ଲକର ୩ଟି ଶ୍ରେଷ୍ଠ ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନୀତ ହୋଇଛି। ଧାମରା ନିକଟସ୍ଥ କଇଥଖୋଲା ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠର ଦଶମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ଦେବଯାନୀ ମହାପାତ୍ରଙ୍କ ପ୍ରକଳ୍ପ “ପ୍ଲାଷ୍ଟିକର ବିନାଶ - ଭାରତ ହେବ ବିକଶିତ’ ୧୯ ତାରିଖ ଅନୁଷ୍ଠିତ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାବେଳେ ଦ୍ୱିତୀୟ ଦିନ ୨୦ ତାରିଖରେ ଅନୁଷ୍ଠିତ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଘଣ୍ଟେଶ୍ୱର ରାଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ସୋନାଲି ବିଶ୍ୱାଳଙ୍କ ପ୍ରକଳ୍ପ ‘ଗୋ ସୁରକ୍ଷା କବଚ’ ଓ ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠର ଦଶମ ଶ୍ରେଣୀର ଛାତ୍ରୀ ଶ୍ୱେତାଲିନ୍ ବିଶ୍ୱାଳଙ୍କ ପ୍ରକଳ୍ପ ‘ଗ୍ରୀନ୍ ଏନର୍ଜି’



ରାଜ୍ୟ ସ୍ତରକୁ ମନୋନୀତ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। ଏହି ସଫଳତା ପାଇଁ ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନିତା ମିଶ୍ର, ତ୍ରିପୁରା ପଲାଇ, ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ, ସମାଜସେବୀ ବଳଭଦ୍ର ଲେଙ୍କା, ତାରାପଦ ମହାନ୍ତି, ବନବିହାରୀ ମାଇତି, ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଓକିଲ ସଂଘର ସଭାପତି ଉପେନ୍ଦ୍ର ରାଉଳ ପ୍ରମୁଖ ଚାନ୍ଦବାଲି ବ୍ଲକ ପାଇଁ ଗୌରବ ଆଣିଥିବାରୁ କୁନି ବୈଜ୍ଞାନିକ ମାନଙ୍କ ସହିତ ସେମାନଙ୍କର ଗାଇଡ୍ ଶିକ୍ଷକ ଶ୍ରୀଧର ସ୍ୱାଇଁ ଏବଂ ଅମରେଶ ପଣ୍ଡାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ରେଳବାଇ ପରାମର୍ଶଦାତା କମିଟି ବୈଠକ



ବ୍ୟାସନଗର,୨୧।୧୨(ସମିସ): ଯାଜପୁର ରୋଡ୍ ରେଳଷ୍ଟେସନ ପରାମର୍ଶଦାତା କମିଟର ପ୍ରଥମ ବୈଠକ ଶନିବାର ରେଳଷ୍ଟେସନ ମ୍ୟାନେଜରଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଷ୍ଟେସନ ମ୍ୟାନେଜର ସୁଧୀର ଶୁଭଦର୍ଶୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ବାଣିଜ୍ୟିକ ଇନିସ୍ପେକ୍ଟର ଦେବବ୍ରତ ନାୟକ, ଆରପିଏଫ ଇନିସ୍ପେକ୍ଟର କ୍ଷୀରସାଗର ଭଞ୍ଜ, ଜିଆରପି ଇନଚାର୍ଜ ସୁଶାନ୍ତ କୁମାର ସେଠୀ, ମୁଖ୍ୟ ଟିଟିଆଇ ଅକ୍ଷୟ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ପ୍ରସାଦ ସ୍ୱାଇଁ, ଅଜୟ କୁମାର ଗିରି ପ୍ରମୁଖ ରେଳବାଇ ପକ୍ଷରୁ ଉପସ୍ଥିତ ଥିଲେ। କମିଟି ସଦସ୍ୟ ସଦାଶିବ ଦାସ, ଡ. ଚିନ୍ତାମଣି ପାଢ଼ୀ, ହିମାଂଶୁ ଶେଖର ଦ୍ୱିବେଦୀ, ସରୋଜିନୀ ସେଠି, ରାଜେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ରେଳ ଷ୍ଟେସନର ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। ଷ୍ଟେସନର ନାମ ପରିବର୍ତ୍ତନ, ଏହି ବାଟ ଦେଇ ଯାଉଥିବା ସମସ୍ତ ଟ୍ରେନର ରହଣି, କେନ୍ଦୁଝର ଟ୍ରେନକୁ ଯଖପୁରାରୁ ଏହି ଷ୍ଟେସନ ପର୍ଯ୍ୟନ୍ତ ବୃଦ୍ଧି, ପ୍ରଥମ ଫୁଟ ଓଭର ବ୍ରିଜ ପାଖରେ ଲିଫ୍ଟ ନିର୍ମାଣ, ଷ୍ଟେସନ ସମ୍ମୁଖରେ ଏକ ବୃହତ ଡିଜିଟାଲ ଘଣ୍ଟା ସ୍ଥାପନ, ମାଲଗୋଦାମ ସ୍ଥାନାନ୍ତର, ୬ନମ୍ବର ପ୍ଲାଟଫର୍ମ ନିର୍ମାଣ, ଏଠାରେ ଟିକେଟ କାଉଣ୍ଟର ସ୍ଥାପନ, ଦୁଇ ଚକିଆ ଚାରି ଚକିଆ ପାର୍କିଙ୍ଗ ନିର୍ମାଣ, ତୃତୀୟ ଫୁଟ ଓଭର ବ୍ରିଜ ନିର୍ମାଣ ସମେତ ବିଭିନ୍ନ ପ୍ରସ୍ତାବ କମିଟି ମେମ୍ବରମାନେ ଉପସ୍ଥାପନା କରିଥିଲେ। ଷ୍ଟେସନ ମ୍ୟାନେଜର ଉକ୍ତ ପ୍ରସ୍ତାବଗୁଡିକ ଲିପିବଦ୍ଧ କରି ଖୋର୍ଦ୍ଧା ରେଳ ଡିଭିଜନକୁ ବିଧିବଦ୍ଧ ଭାବେ ପଠାଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଯାଜପୁର ରୋଡ୍- ଧାମରା ରେଳପଥ ପ୍ରକଳ୍ପ ଅନୁମୋଦନ ଦାବି

# ରାଜଭବନ ଆଗରେ ଆନ୍ଦୋଳନ ଓ ରେଳରୋକୋ ପାଇଁ ନିଷ୍ପତ୍ତି

ଯାଜପୁର,୨୧।୧୨(ସମିସ):

ବାରମ୍ବାର ଦାବି ସତ୍ତ୍ୱେ ଯାଜପୁରରୋଡ୍-ଧାମରା ରେଳପଥ ପ୍ରକଳ୍ପକୁ ଅନୁମୋଦନ ମିଳିପାରିନି। ଫଳରେ ଯାଜପୁର, ଭଦ୍ରକ ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଏଭଳି ଅବହେଳା ପ୍ରତିବାଦରେ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ କରାଯିବାକୁ ନିଷ୍ପତି ନେଇଛି ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି। ସମ୍ପୂର୍ଣ୍ଣ ସରକାରୀ ବ୍ୟୟରେ ଯାଜପୁର ରୋଡ୍ ଧାମରା ଭାୟା ଯାଜପୁର ଓ ଆରଡ଼ି ରେଳପଥ ନିର୍ମାଣ ଦାବି କରି ଆସନ୍ତା ୨୦୨୬ ଜାନୁଆରୀ ୭ ତାରିଖରେ ରାଜଭବନ ସମ୍ମୁଖରେ ଗଣଧାରଣା ପାଇଁ ସଂଗ୍ରାମସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି।



ଏହି ପ୍ରକଳ୍ପକୁ ସରକାରୀ ଓ ବେସରକାରୀ ଭାଗିଦାରୀ ବ୍ୟବସ୍ଥାରେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ, ପରିବହନ ସଚିବ ଓ ଶିଳ୍ପ ସଚିବ, ପୂର୍ବତଟ ରେଳପଥ ପକ୍ଷରୁ ମୁଖ୍ୟ ପ୍ରଶାସନିକ ଅଫିସର (ନିର୍ମାଣ) ଏବଂ ବିଭିନ୍ନ କର୍ପୋରେଟ ସଂସ୍ଥାର ପ୍ରତିନିଧି ମାନଙ୍କର ଯେଉଁ ବୈଠକ ଅନୁଷ୍ଠିତ ହୋଇଥିଲା, ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ସରକାରୀ ବ୍ୟୟରେ ନିର୍ମାଣ କରିବା ପାଇଁ ଯାଜପୁର ରୋଡ୍ ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି। ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ ସହ ଆଗାମୀ କେନ୍ଦ୍ର ବଜେଟରେ ବ୍ୟୟବରାଦ କରିବାକୁ ମଧ୍ୟ ଦାବି କରାଯାଇଛି। ଆବାହକ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମିତିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ସମେତ ଦେବେନ୍ଦ୍ର ପଣ୍ଡା, ଦିଲ୍ଲୀପ ଦଳେଇ, ଦିବ୍ୟସିଂହ ନାୟକ, ବିଜୟ ପରିଡା, ହରିଶ୍ଚନ୍ଦ୍ର ପଣ୍ଡା, ସଂଗ୍ରାମ ପାତ୍ର, ଶିଶିର ନାୟକ, ପ୍ରଫୁଲ୍ଲ ନାୟକ, ଲଳିତ ମୋହନ ରାୟ, ସୁରେନ୍ଦ୍ର ରାୟ, ପ୍ରଫୁଲ୍ଲ ପାଢ଼ୀ, ଗିରିଧାରୀ ନାଥ, ବିକାଶ ନାଥ ଓ ଗଣେଶ ପ୍ରସାଦ ସାହୁ ପ୍ରମୁଖ ପ୍ରସ୍ତାବ ସପକ୍ଷରେ ଆଲୋଚନା କରିଥିଲେ। ବୈଠକରେ ଗୃହୀତ ପ୍ରସ୍ତାବରେ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦିଆଯାଇ କୁହାଯାଇଛି ଯେ ଆଗାମୀ କେନ୍ଦ୍ର ବଜେଟରେ ଯଦି ପ୍ରକଳ୍ପକୁ ମଞ୍ଜୁରୀ ସହ ଏଥିପାଇଁ ବ୍ୟୟବରାଦ କରାନଯାଏ, ତେବେ ଫେବୃଆରୀ ୧୧ ତାରିଖରେ ଯାଜପୁର ରୋଡ୍, ଭଦ୍ରକ ଓ ଧାମରାରେ ରେଳରୋକ କରାଯିବ।

## ମୁକୁନ୍ଦ ପାତ୍ର ଡିଗ୍ରୀ ମହାବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

କବାଟବନ୍ଧ,୨୧।୧୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥ ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟର ୨୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କଲେଜ ଖେଳ ପଡ଼ିଆରେ ଆୟୋଜିତ ଏହି ୩ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପୁରୁଷ ବିଭାଗରେ ସ୍ୱାଧୀନ ବାରିକ ଏବଂ ମହିଳା ବିଭାଗରେ ସ୍ମିତିମୟୀ ବାରିକ ଚଳିତ ବର୍ଷ ଚାମ୍ପିଅନ ହୋଇଛନ୍ତି। କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ସୁଦାମ ଚରଣ ଧଳ କ୍ରୀଡ଼ା ସଂସଦ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ଶିକ୍ଷକ ରମେଶ ଚନ୍ଦ୍ର ଓଝା ଖେଳ ପରିଚାଳନା କରିଥିଲେ। ଅଧ୍ୟକ୍ଷା କବିତା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜେନାପୁର ଥାନା ଥାନାଧିକାରିଣୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨ ଶହରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ସଙ୍ଗୀତ ପ୍ରତିଯୋଗିତା, ଏକକ ଅଭିନୟ, ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ବକ୍ତୃତା ଏବଂ ରଚନା ପ୍ରତିଯୋଗିତା ସହିତ ସାଧାରଣ ଜ୍ଞାନ ଏବଂ ରଙ୍ଗୋଲି ପ୍ରତିଯୋଗିତା ଆଦିରେ ଭାଗ ନେଇଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।

## ସ୍କୁଲରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି

ବିଞ୍ଝାରପୁର,୨୧।୧୨(ସମିସ): ବିଞ୍ଝାରପୁର ପଞ୍ଚାୟତ ଅନ୍ତର୍ଗତ ତଳସାହି ସ୍ଥିତ ମିର୍ ହେରିଥ ପବ୍ଲିକ ସ୍କୁଲରେ ସ୍ୱାଧୀନତା ସଂଗ୍ରାମୀ ଓ ସହିଦ ଅସ୍ପାକୁଲ୍ଲା ଖାଁଙ୍କ ସ୍ମୃତିରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହେରିଥ ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷକ ମିର୍ ଅବଦୁଲ ସମିମଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡ଼ିଓ ହିମାଂଶୁ ଶେଖର ସାମଲ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଉପସ୍ଥିତ ରହିଥିଲେ। ଅନ୍ୟଅତିଥ ଭାବେ ବିଞ୍ଝାରପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅଶୋକ କୁମାର ସାହୁ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଅସ୍ପାକୁଲ୍ଲା ଖାଁଙ୍କ ଜୀବନ ଓ ସଂଗ୍ରାମ ବିଷୟରେ ଅତିଥି ମାନେ ଅବଗତ କରାଯାଇଥିଲେ। ଅସ୍ପାକୁଲ୍ଲା ଖାଁ ହେଉଛନ୍ତି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ପ୍ରମୁଖ କ୍ରାନ୍ତିକାରୀ, ଯିଏ ହିନ୍ଦୁସ୍ତାନ ରିପବ୍ଲିକାନ ଆସୋସିଏସନର ସହପ୍ରତିଷ୍ଠାତା ଥିଲେ ଏବଂ କାକୋରି ଟ୍ରେନ ଡକାୟତି ମାମଲାରେ ସହିଦ ହୋଇଥିଲେ। କାର୍ଯ୍ୟକ୍ରମର ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଭାଗେଶ୍ୱର ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

କୟାଁଗୋଲା,୨୧।୧୨(ସମିସ): ଦଶରଥପୁର ବ୍ଲକ ଦୁଦୁରାଅଣ୍ଟା ସ୍ଥିତ ଭାଗେଶ୍ୱର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜୟ କୁମାର ନାୟକ ଯୋଗଦେଇଥିଲେ। ସନମାନୀୟ ଅତିଥି ସିଆର୍‌ସିସି ଶରତ ଚନ୍ଦ୍ର ନାଥ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ କାର୍ତ୍ତିକ କୁମାର ଜେନା ଦ୍ୱରା କ୍ରୀଡ଼ା ପରିଚାଳନା ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ସତ୍ୟବ୍ରତ ପାଣି, ସାରଥୀ ସ୍ୟାଣ୍ଡେଲ, ସୁଜାତା ବେହେରା, ସନ୍ତୋଷୀ ବେହେରା, ମହାନ୍ତି ପ୍ରଜ୍ଞାରଞ୍ଜନ ସହ ପୁରାତନ ଛାତ୍ରୀମାନେ ଉପସ୍ଥିତରେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରୀ ମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ ଦିବସରେ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବଡ଼ଚଣା,୨୧।୧୨(ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ସାଂସ୍କୃତିକ ପରିଷଦ ପକ୍ଷରୁ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ ପାଇଁ ଉଭୟ ଇଂରାଜୀ ଓ ଓଡ଼ିଆ ପ୍ରବନ୍ଧ, ତର୍କ, ରଙ୍ଗୋଲି, ଝୋଟି, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଏକ ପାରିବାରିକ ଓ ସାମାଜିକ ନାଟକ "ଦିଅଁ ଗଢ଼ିବାକୁ ଦେଉଳ ମନା' ନାଟକ ମଞ୍ଚସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ



ପବିତ୍ର ମୋହନ ମାହାଲା ଓ ସାଂସ୍କୃତିକ ପରିଷଦର ସଭାପତି ଉଦ୍‌ଘଟନ କରିଥିଲେ। ସାଂସ୍କୃତିକ ପରିଷଦର ମୁଖ୍ୟ ଡ. ଅମ୍ବିକା ତ୍ରିପାଠୀ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଧକ୍ଷ ଛାତ୍ରଛାତ୍ରୀ ପାଠ ପଢା ସହିତ ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭା ଓ ଦକ୍ଷତାକୁ କଳାତ୍ମକ ଦିଗରେ ବିକଶିତ କରି ସମାଜର ଅଗ୍ରଗତିରେ ନିଜକୁ ସାମିଲ କରାଇବାକୁ ଆହ୍ୱାନ ଦେଇଥିଲେ। ବରୁଣେଶ୍ୱର ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ନାଟ୍ୟକାର ଡ. ଦୀପକ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟଅଧ୍ୟାପକ ନାରାୟଣଚନ୍ଦ୍ର ମୁଦୁଲି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ କିଶୋର କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ ଜିତ୍ ସାହୁଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଅଧ୍ୟାପକ ଡ.ଦୀପକ କୁମାର ମିଶ୍ର ମାନପତ୍ର ପାଠ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଷଦର ସଭ୍ୟସଭ୍ୟା ସମେତ ଅଧ୍ୟାପକ ଦୀପକ ଦାସ, ସତ୍ୟପ୍ରକାଶ ନାୟକ, ଅଧ୍ୟାପିକା ଇପ୍‌ସିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଭିନୟରେ ଅଶ୍ୱିନୀ କୁମାର ରାଉତରାୟ, ଅଭିଜିତ ନାୟକ, ବିକାଶ ସାହୁ, ମୃତ୍ୟୁଞ୍ଜୟ ନାୟକ, ଶିବ ପ୍ରସାଦ ରାୟ, ସନ୍ତୋଷ କୁମାର ମିଶ୍ର, ରୁଦ୍ର ନାରାୟଣ ସ୍ୱାଇଁ, ଲକ୍ଷ୍ମୀ ଧର ଦାସ, ଶିବୁ ମଲିକ, ସୌମ୍ୟରଞ୍ଜନ ଲେଙ୍କା, ହରିହର ଦାସ, ଯଯାତି କେଶରୀ ବଳ, ଭବାନୀ ଶଙ୍କର ବରାଳ, ସ୍ମୃତିରଞ୍ଜନ ରାଉତ ଓ ଅଭିନେତ୍ରୀ ଲୋପାମୁଦ୍ରା ସାମଲ, ସୃଷ୍ଟି ଶୋଭାନା ବାରିକ, ମଧୁସ୍ମିତା ସେଠୀ, ଲକ୍ଷ୍ମୀପ୍ରିୟା ପୃଷ୍ଟି, ମଧୁସ୍ମିତା ମଲିକ୍, ସ୍ୱରୂପା ଦର୍ଶନୀ ଜେନାଙ୍କ ଅଭିନୟ ଚିତ୍ତାକର୍ଷକ ହୋଇଥଲା।

## କଂଗ୍ରେସର ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବାଲିଚନ୍ଦ୍ରପୁର,୨୧।୧୨(ସମିସ): ବାଲିଚନ୍ଦ୍ରପୁରସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପଦଯାତ୍ରା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସୋମବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣଦାସ ବୈରୀ ରେଳଷ୍ଟେସନ ନିକଟରୁ ଚମ୍ପାପୁର ଗାନ୍ଧୀପୀଠ ପର୍ଯ୍ୟନ୍ତ ପଦଯାତ୍ରା କରିବେ। ଯାଜପୁର ଜିଲ୍ଲା କଂଗ୍ରେସ କମିଟି ତରଫରୁ ଆୟୋଜିତ ପଦଯାତ୍ରାରେ ଶ୍ରୀଯୁକ୍ତ ଦାସ ଯୋଗଦେଇ ସାଧାରଣ ଲୋକଙ୍କ ଅଭିଯୋଗ ଓ ଅସୁବିଧା ବୁଝିବା ନିମନ୍ତେ କାର୍ଯ୍ୟକ୍ରମ ରହିଅଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ଜିଲ୍ଲା ଯୁବକଂଗ୍ରେସ ପୂର୍ବତନ ସଭାପତି ବିଶ୍ୱ ପ୍ରକାଶ ସାମଲ, ପ୍ରାକ୍ତନ ସରପଂଚ ବିଳାସ ଚନ୍ଦ୍ର ବାରିକ, ଦେବେନ୍ଦ୍ର କୁମାର ସାମଲ, ସେକ୍ ରିଆସତ ଅଲ୍ଲି, ଚର୍ଚ୍ଚିତ ମାହାଲା, ସୁଧୀର ଦାସ, ବଟକୃଷ୍ଣ ଦାସ, ସଂଜୟ କୁମାର କର, ଚାନ୍ଦ ଖାଁ, ସନ୍ତୋଷ କୁମାର ପରିଡ଼ା, ସରୋଜ କୁମାର ଜେନା, ଅଶୋକ କୁମାର ରାଉତ, ମହେଶ୍ୱର ମହାପାତ୍ର, ଅଶୋକ କୁମାର ବେହେରା, ସେକ୍ ଇକବାଲ ହୁସେନ୍, ନାରାୟଣ ଦାସ, କାହ୍ନୁ ଚରଣ ଦାସ ପ୍ରମୁଖ ବହୁ କର୍ମୀ ଏହି ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବେଳେ ବାଲିଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ଯାଜପୁର ଜିଲ୍ଲା ଓଷ୍ଟାର ଶିଶୁ ଉତ୍ସବ ଉଦଯାପିତ



ମଙ୍ଗଳପୁର,୨୧।୧୨(ସମିସ): ଯାଜପୁର ଜିଲ୍ଲା ଓଷ୍ଟାର ୪୨ତମ ଶିଶୁ ଉତ୍ସବ ଓ ଆଲୋଚନାଚକ୍ର ଉଦଯାପିତ ହୋଇଯାଇଛି। ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ଦାମୋଦରପୁର ରଘୁନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ୨୦ତାରିଖ ଠାରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପି ନେତା ଗୌତମ ରାୟ ମୁଖ୍ୟଅତିଥି ଓ ଧର୍ମଶାଳା ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ଅଭୟ ବେହେରା ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଯାଜପୁର ଜିଲ୍ଲା ଓଷ୍ଟା ସମ୍ପାଦକ ପବିତ୍ର କୁମାର ପଣ୍ଡା, ରଘୁନାଥ ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃତିବାସ ସାହୁ, ଦଶରଥପୁର ବ୍ଲକ ପୂର୍ବତନ ଅଧକ୍ଷ ରମେଶ ଚନ୍ଦ୍ର ସାମଲ, ରାଜ୍ୟ ଓଷ୍ଟା ପ୍ରାକ୍ତନ ଉପସଭାପତି ଉପେନ୍ଦ୍ର କୁମାର ସାମଲ, ଏସ୍‌ଟିଏଫଆଇ ସମ୍ପାଦିକା ଯୁଗପ୍ରଭା ସାବତ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦଶରଥପୁର ବ୍ଲକ ଓଷ୍ଟା ସମ୍ପାଦକ ଦିଲ୍ଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୧୦ଟି ବ୍ଲକରୁ ପ୍ରାୟ ୨୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଦଶରଥପୁର ବ୍ଲକ ଓଷ୍ଟା ସଂଘ ସଭାପତି ଶ୍ରୀକାନ୍ତ ସାହୁଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓ ରଘୁନାଥ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ପୋଷାକ ସଂଗ୍ରହ ଓ ବିତରଣ କାର୍ଯ୍ୟକ୍ରମ

ଯାଜପୁର ଟାଉନ,୨୧।୧୨ (ସମିସ): ଯାଜପୁର ପୌରାଞ୍ଚଳ ମହାବୀର ଛକରେ ପୋଷାକ ସଂଗ୍ରହ ଓ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବୀର ଛକ ପୂଜା କମିଟିର ସଭାପତି ଡ. ମୁରଲୀଧର ଜେନା ଓ ସମ୍ପାଦକ ମଳୟ କୁମାର ମିତ୍ର ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯାହା ପାଖରେ ସାମର୍ଥ୍ୟ ଅଛି ଦିଅ ଓ ଯାହା ପାଖରେ ସାମର୍ଥ୍ୟ ନାହିଁ ନିଅ। ଯେଉଁ ବ୍ୟକ୍ତି ଇଚ୍ଛା କରିବେ ସେ ତାଙ୍କର ପୁରୁଣା ବସ୍ତ୍ର, ନୂଆ ବସ୍ତ୍ର, କମ୍ବଳ ଚଦର, ସୁଏଟର ଏଠାରେ ଦାନ କରିପାରିବେ। ବହୁ ଗରିବ ଅସହାୟ ବ୍ୟକ୍ତି ଏହି ଶିବିରରୁ ନିଜ ଇଚ୍ଛା ମୁତାବକ ପୋଷାକ, କମ୍ବଳ ନେଉଥିବାର ଦେଖିବାକୁ ମିଳିଛି। ଏହି ଶିବିର ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ମହାବୀର ଛକ ପୂଜା କମିଟିର କୋଷାଧକ୍ଷ ପିତାମ୍ବର ମୁଦୁଲି, ତୃପ୍ତିରଞ୍ଜନ ପୃଷ୍ଟି, ବଳରାମ ବିଶୋଇ, କାହ୍ନୁଚରଣ ମହାନ୍ତି, ଇନ୍ଦ୍ରମଣୀ ସାହୁ, ନବକିଶୋର ବେହେରା, ଶିବ ଚରଣ ବେହେରା, ଆନନ୍ଦ ଚନ୍ଦ୍ର ସାମଲ, ବିଷ୍ଣୁ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବରାହଜୀଉଙ୍କ ସ୍ୱନକ୍ଷତ୍ର ଉତ୍ସବ



ଯାଜପୁର,୨୧।୧୨(ସମିସ): ପବିତ୍ର ବକୁଳ ଅମାବାସ୍ୟା ଅବସରରେ ଯାଜପୁର ସହରର ଐତିହାସିକ ତଥା କିମ୍ବଦନ୍ତୀ ବହନ କରୁଥିବା ପ୍ରଭୁ ବରାହଙ୍କର ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ସକାଳୁ ମୁଖ୍ୟ ପୁରୋଧା ହିମାଂଶୁ ପତିମିଶ୍ରଙ୍କ ତତ୍ତ୍ୱାବଧାନରେ ସରୋଜକାନ୍ତ ପତିଙ୍କ ସମେତ ସମସ୍ତ ପୂଜକ ପ୍ରଭୁଙ୍କର ମହାସ୍ନାନ, ହୋମ, ବିଷ୍ଣୁ ସହସ୍ର ନାମ, ଗୀତା ପାଠ ଓ ସଂକୀର୍ତ୍ତନ ନାମଯଜ୍ଞ କରିଥିଲେ। ଏହି ଉତ୍ସବରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ବରାହଜୀଉଙ୍କୁ ଦର୍ଶନ କରିବା ସହିତ ପୂଜାର୍ଘ୍ୟ କରିଥିଲେ। ପାରମ୍ପାରିକ ରୀତିନୀତ ଅନୁସାରେ ଯଜ୍ଞ ବରାହଙ୍କୁ ପୂଜା କରାଯରିବା ସହିତ ମନ୍ଦିର ଉପରେ ଧ୍ୱଜା ରୋପଣ କରାଯାଇ ନାମ ସଂକୀର୍ତ୍ତନ କରାଯାଇଥିଲା। ବକୁଳ ଅମାବାସ୍ୟା ଅବସରରେ ପ୍ରଭୁ ବରାହଙ୍କୁ ବକୁଳ କଢ଼ିରେ ପୂଜା କରାଯାଇ ଭକ୍ତଙ୍କୁ ବକୁଳ ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ସମୟରେ ଗଇଁଠା ପିଠା ଭୋଗ ପ୍ରଭୁ ବରାହଙ୍କୁ ଅର୍ପଣ କରାଯାଇଥିଲା। ବରାହ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ତଥା ଯାଜପୁର ତହସିଲଦାର ରବିନାରାୟଣ ପାଢ଼ୀ ପ୍ରଭୁ ବରାହଙ୍କୁ ଦର୍ଶନ କରିବା ସହିତ ପୂଜା ରୀତିନୀତି ସମ୍ପର୍କରେ ତଦାରଖ କରୁଥିଲେ। ଓଡ଼ିଶାର ସୁନାମଧନ୍ୟ ଭଜନ କଣ୍ଠଶିଳ୍ପୀ ଶିବ ନନା ପ୍ରଭୁ ବରାହଙ୍କ ମନ୍ଦିର ପ୍ରାଙ୍ଗଣରେ ଭଜନ ପରିବେଷଣ କରିଥିଲେ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ପ୍ରଭୁ ବରାହଙ୍କୁ ଦର୍ଶନ କରିଥିଲେ। ମନ୍ଦିର ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ



ଯାଜପୁର,୨୧।୧୨(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ଯମଧର ପଞ୍ଚାୟତର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ "ସ୍ପନ୍ଦନ' ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଦିଲ୍ଲିପ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ଦେବିଲାଲ ମଲ୍ଲିକ, ମୁଖ୍ୟବକ୍ତା ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଯମଧର ପଞ୍ଚାୟତର ସରପଞ୍ଚ ବାଦଲ ଖୁଣ୍ଟିଆ, ପୂର୍ବତନ ସରପଞ୍ଚ ସୁମତି ମାଝୀ, ଶିକ୍ଷାବିତ୍ ବ୍ରଜକିଶୋର ସାହୁ, ଭିଏମଡିସି ସଦସ୍ୟ ହେମଲତା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସେକ ଜଲାଲ ଉଦ୍ଦିନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତି, ଚିତ୍ରକଳା ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶୀ, ସମ୍ବଲପୁରୀ, ଭୋଜପୁରୀ ନୃତ୍ୟ ସହ ନାଟକ "ମଝି ନଈରେ ମୋ ଜୀବନ ଡଙ୍ଗା' ପରିବେଷଣ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷକ ବିକାଶ କୁମାର ପତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଉତ୍କଳ ସାମ୍ବାଦିକ ସଂଘର ଦକ୍ଷତା ବିକାଶ କର୍ମଶାଳା ୪ରେ



ଦାନଗଦି, ୨୧।୧୨ (ସମିସ): ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଅଧିବେଶନ ଆଗାମୀ ଜାନୁଆରୀ ୪ ତାରିଖରେ ଅନୁଷ୍ଠିତ ହେବ। ଦାନଗଦିଠାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଦାନଗଦିର ଏମ୍‌ଆଇପିଏଲ ହୋଟେଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବର ପ୍ରଥମ ଅଧିବେଶନରେ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦ୍ୱିତୀୟ ଅଧିବେଶନରେ ସାମ୍ବାଦିକମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଅନୁଷ୍ଠିତ ହେବ। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ସମବାୟ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ ଓ ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେବେ। ସେହିପରି ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବିଜେବି କଲେଜ୍‌ର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରାଧ୍ୟାପକ ସାମନ୍ତ ବିଶ୍ୱଭୁଷଣ ଧୀର ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର କାଉନସିଲର ପ୍ରିୟରଞ୍ଜନ କର ସଞ୍ଚାଳନ କରିବେ। ପ୍ରସ୍ତୁତି ବୈଠକରେ ଜିଲ୍ଲା ସଭାପତି ହରିହର ସ୍ୱାଇଁ, ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଜାତୀୟ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ଜିଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ସମ୍ପାଦକ ଶୁଭାଶିଷ ରାଉତ, ଉପସଭାପତି ପ୍ରଦୀପ ଜେନା, ଉପଦେଷ୍ଟା ପ୍ରିୟରଞ୍ଜନ କର, ଦୁଷ୍ମନ୍ତ ଘଡ଼ାଇ ଓ ବିପ୍ଳବ ବିଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

## ନାବାଳକର ଝୁଲନ୍ତା ମୃତଦେହ ଜବତ ଘଟଣା


# ପ୍ରେମିକାର ବାପା ଗିରଫ

ବିଞ୍ଝାରପୁର,୨୧।୧୨(ସମିସ):

ବିଞ୍ଝାରପୁର ଥାନା ଅନ୍ତର୍ଗତ ଘଣ୍ଟିଆଳି ଗ୍ରାପ କେଳାସାହିରୁ ଗତ ଶୁକ୍ରବାର ପ୍ରେମିକା ଘର ନିକଟରୁ ନାବାଳକର ଝୁଲନ୍ତା ମୃତଦେହ ଜବତ ଘଟଣାରେ ପୁଲିସ ପ୍ରେମିକାର ବାପା କାଇନ ଦାସ(୫୨)କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କାଇନକୁ ସୋମବାର କୋର୍ଟଚାଲଣ କରାଯିବ ବୋଲି ବିଞ୍ଝାରପୁର ପୁଲିସ ସୂଚନା ଦେଇଛି। ପ୍ରକାଶ ଥାଉକି ବିଞ୍ଝାରପୁର ଥାନା ଅନ୍ତର୍ଗତ ଘଣ୍ଟିଆଳି ଗ୍ରାପର ମଇଁନ୍ଦା ନିକଟସ୍ଥ କେଳାସାହିର କାଇନ ଦାସ ନିଜ ଝିଅକୁ କଟକ ଜିଲ୍ଲା ସାଲେପୁର ଥାନା ଗଙ୍ଗେଶ୍ୱର ଦେଉଳି ଗ୍ରାମରେ ବାହାଦେଇଥିଲେ। ବାହାଘର କିଛି ଦିନ ପରେ ସେହି ଗ୍ରାମର ମନୋଜ ଦାସଙ୍କ ପୁଅ ଅଶୋକ ଦାସ (୧୭)ଙ୍କ ସହିତ ଯୁବତୀପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହି ଅନୈତିକ ପ୍ରେମ ସମ୍ପର୍କ ଯୋଗୁଁ କାଇନ ଦାସଙ୍କ ଝିଅର ଶାଶୁଘର ସହିତ ମନାନ୍ତର ହେବାରୁ ସେ ଆସି ବାପ ଘରେ ରହୁଥିଲେ। କାଇନଙ୍କ ବିବାହିତ ଝିଅର ପ୍ରେମରେ ଉବୁଟୁବୁ ଅଶୋକ ଘଣ୍ଟିଆଳି ପଞ୍ଚାୟତ କେଳାସାହିସ୍ଥିତ ପ୍ରେମିକା ଘରକୁ ଗତ ଗୁରୁବାର ଆସିଥିଲେ। କିନ୍ତୁ ସେଠାରେ ତାଙ୍କୁ ବାନ୍ଧି ଅଟକ ରଖିଥିବା ସେ ଫୋନ୍ ଯୋଗେ ଗୁରୁବାର ବିଳମ୍ବିତ ରାତିରେ ନିଜ ଘରକୁ ଫୋନ ମାଧ୍ୟମରେ ଜଣାଇଥିଲେ। ଏହି ଖବର ପାଇ ଅଶୋକଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପାଇଁ କାଇନଙ୍କ ଘରେ ପହଞ୍ଚିଥିଲେ। କିନ୍ତୁ ଶୁକ୍ରବାର ସକାଳେ ସେଠାରେ ସନ୍ଦେହ ଜନକ ଅବସ୍ଥାରେ ପୁଅର ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ମୃତ ଅଶୋକଙ୍କ ମା' ବେବିନା ଦାସ ତାଙ୍କ ପୁଅକୁ କାଇନ ଦାସଙ୍କ ପରିବାର ଲୋକେ ମାରିଦେଇ ଥିବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଶୋକର ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ବେବିନାଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା କେଶ ନଂ ୫୯୩/୨୫ ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ କାଇନକୁ ଗିରଫ କରାଯାଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ସଂଘର୍ଷବିହୀନ ଓ ଅପରୀକ୍ଷିତ ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

## (ଅ)ପବିତ୍ର ଆଇନ

ଶାସକ ଦଳର ଅଭିଯୋଗ ଅନୁଯାୟୀ 'ଏମନରେଗା' ରଦ୍ଦ କରିବା ପଛରେ ମୁଖ୍ୟ କାରଣ ଥିଲା ଏହା ଜନ୍ମ ଦେଇଥିବା ଦୁର୍ନୀତି। ଲକ୍ଷ ଲକ୍ଷ ଭୂତ ଜବକାର୍ଡ ମାଧ୍ୟମରେ କୋଟି କୋଟି ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ନିରାଧାର ନୁହେଁ। ତେଣୁ ଗଳାବାଟଗୁଡ଼ିକୁ ବନ୍ଦ କରି ଯୋଜନାକୁ ଅଧିକ ସମୟୋପଯୋଗୀ, ସ୍ୱଚ୍ଛ ଓ ବ୍ୟବସ୍ଥିତ କରିବାରେ କାହାର କିଛି ଆପତ୍ତି ନଥିଲା। ଏ ଦାୟିତ୍ୱ ସରକାରଙ୍କର। କିନ୍ତୁ ସମ୍ପୂର୍ଣ୍ଣ ଭାବେ ଆଇନଟିକୁ ରଦ୍ଦ କରିଦେବା 'କ୍ଷତର ଉପଚାର ବଦଳରେ ସମ୍ପୂର୍ଣ୍ଣ ଅଙ୍ଗଟିକୁ କାଟି ଫୋପାଡ଼ି ଦେବା' ଭଳି ହୋଇ ନାହିଁ କି? ଏ ପ୍ରଶ୍ନ ଏବେ ସବୁମହଲରେ ଉତ୍ତର ଅପେକ୍ଷାରେ ଘୂରି ବୁଲୁଛି। ଯଦି ଦୁରୁପଯୋଗ ଓ ଦୁର୍ବଳ ଅଭିଯୋଗରେ ଗୋଟିଏ ପରେ ଗୋଟିଏ ଯୋଜନାକୁ ଏଭଳି ସମ୍ପୂର୍ଣ୍ଣ ବନ୍ଦ କିମ୍ବା ଆଇନଗୁଡ଼ିକୁ ଉଚ୍ଛେଦ କରିଦିଆଯାଏ କିମ୍ବା ବ୍ୟବସ୍ଥାକୁ ବିଲୋପ କରିଦେବାର ଉଦ୍ୟମ ହୁଏ, ତେବେ ଦେଶରେ 'ଆଇନର ଶାସନ' କେଉଁ ଦିଗକୁ ଯିବ ତାହା ଅନୁମେୟ। ଏଠାରେ ଆଉ ଏକ ପ୍ରଶ୍ନ ଉଠୁଛି ଯେ କ'ଣ କେବଳ 'ଏମ୍‌ନରେଗା' ହିଁ ଦୁର୍ନୀତିଯୁକ୍ତ; ଆଉ ସବୁ ସ୍ୱଚ୍ଛ? ଏହାର ଉତ୍ତର ଖୋଜିବା ବେଳେ ନିକଟରେ ସିଏଜି(କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ୍ ଅଫ୍ ଇଣ୍ଡିଆ)ଙ୍କ ୨୦୧୫ରେ ପ୍ରଣୀତ 'ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା(ପିଏମ୍‌କେଭିୱାଇ)'ର ଗତ ୭ ବର୍ଷର ସ୍ୱଚ୍ଛତା ଓ ଦକ୍ଷତା ପ୍ରସଙ୍ଗରେ ଦେଇଥିବା ରିପୋର୍ଟ ଉପରେ ଦୃଷ୍ଟି ପକାଯାଉ।

ସଂସଦର ସଦ୍ୟସମାପ୍ତ ଶୀତ ଅଧିବେଶନରେ ଉପସ୍ଥାପିତ ସିଏଜିଙ୍କ ରିପୋର୍ଟର ସାରାଂଶ ଅନୁଯାୟୀ, ଏହି ଯୋଜନା ଅଧୀନରେ ଗୋଟିଏ ସମାନ ନମ୍ବରରେ, ଗୋଟିଏ ଫଟୋରେ ଲକ୍ଷାଧିକ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି, ୩୪ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଖାତାକୁ ସହାୟତା ରାଶି ଏ ପର୍ଯ୍ୟନ୍ତ ପହଞ୍ଚି ନାହିଁ, ହଜାର ହଜାର ସଂଖ୍ୟାରେ ତାଲିମ୍‌କେନ୍ଦ୍ରଗୁଡ଼ିକ ବନ୍ଦ ହୋଇପଡ଼ିଛି। ୧.୩୨ ଲକ୍ଷ ଯୁବବର୍ଗଙ୍କୁ ତାଲିମ୍ ଜରିଆରେ କୁଶଳୀ କରି କର୍ମସଂସ୍ଥାନ ଯୋଗାଇ ଦେବା ଏବଂ ସ୍ୱାବଲମ୍ବନ କରିବା ଉଦ୍ଦେଶ୍ୟରେ ପ୍ରଣୀତ ଏହି ଯୋଜନାରେ ତିନି ପର୍ଯ୍ୟାୟରେ ୧୪, ୪୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ଯୋଜନାରେ ହୋଇଥିବା ବ୍ୟାପକ ଅନିୟମିତତାକୁ ସିଏଜି ଧରିବା ସହିତ ୨୦୨୫ ମେ ସୁଦ୍ଧା ବେରୋଜଗାର ହାର ୧୫ ପ୍ରତିଶତକୁ ଛୁଇଁଥିବା ଉଲ୍ଲେଖ କରିଛନ୍ତି। ଅର୍ଥାତ୍ ଏହି ଯୋଜନା ତା'ର ମୂଳ ଲକ୍ଷ୍ୟରେ ବିଫଳ ହେବା ସହିତ ବ୍ୟାପକ ଦୁର୍ନୀତିକୁ ଜନ୍ମ ଦେଇଛି। ବିଡ଼ମ୍ବନା ହେଉଛି ସମାନ ଅଭିଯୋଗ ଆଧାରରେ 'ଏମନରେଗା'କୁ ରଦ୍ଦ କରାଯାଇଥିବା ବେଳେ 'ପିଏମ୍‌କେଭିୱାଇ' ପ୍ରତି ସେଭଳି ବିପଦର ଆଶଙ୍କା ନାହିଁ।

ସିଏଜି ରିପୋର୍ଟରେ ଯେଉଁ ସାଂଘାତିକ ତଥ୍ୟ ପ୍ରଘଟ ହୋଇଛି ସେଥିମଧ୍ୟରେ ମୋଟ ୯୫, ୯୦, ୮୦୧ ହିତାଧିକାରୀଙ୍କ ମଧ୍ୟରୁ ୯୪.୫୩ %ଙ୍କ ବ୍ୟାଙ୍କ ଆକାଉଣ୍ଟ ସବିଶେଷ ବିବରଣୀ ନାହିଁ କିମ୍ବା ଆଦୌ ନାହିଁ। ୧୨, ୧୨୨ଜଣଙ୍କ ବ୍ୟାଙ୍କ ଆକାଉଣ୍ଟ ୧୧୧୧୧୧୧୧୧୧ କିମ୍ବା ୧୨୩୪୫୬ ଆଦି ସମାନ ନମ୍ବରରେ ରହିଛି। ଅର୍ଥାତ୍ ହିତାଧିକାରୀ କିଏ ତାହା ସମ୍ପୂର୍ଣ୍ଣ ଅଜ୍ଞାତ ରହିଛି। ଏ ସମ୍ପର୍କରେ ସମ୍ପୃକ୍ତ ମନ୍ତ୍ରଣାଳୟର ସ୍ପଷ୍ଟୀକରଣ ହେଉଛି ଆଧାର ସଂଯୁକ୍ତ ବ୍ୟାଙ୍କ ଆକାଉଣ୍ଟରେ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯାଉଛି। ଉପରୋକ୍ତ ନମ୍ବରଗୁଡ଼ିକ କେବଳ ୱେବ୍‌ସାଇଟ୍‌ର ଔପଚାରିକତା ରକ୍ଷା କରିବା ପାଇଁ ପୂରଣ କରାଯାଇଛି। ଏହି ସ୍ପଷ୍ଟୀକରଣ ଉପରେ ସିଏଜି ପୁନଃତର୍ଜମା ଓ ଅନୁସନ୍ଧାନ କରି ଯେଉଁ ତଥ୍ୟ ପାଇଛନ୍ତି ତାହା ମଧ୍ୟ ଲୋକସଭାରେ ଗତ ଗୁରୁବାର ଦିନ ଉପସ୍ଥାପିତ ରିପୋର୍ଟରେ ଉଲ୍ଲେଖ ରହିଛି। ଉକ୍ତ ତଥ୍ୟ ଅନୁଯାୟୀ ୨୦୨୩ରେ ଡିବିଟି ବା ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଯୋଜନାରେ ମାତ୍ର ୨୪.୫୩ ଲକ୍ଷ(୨୫.୫୮%) ହିତାଧିକାରୀଙ୍କ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି, ଯେଉଁଥିରେ ମାତ୍ର ୧୭.୬୯ ଲକ୍ଷ(୧୮.୪୪%) ହିତାଧିକାରୀ ଉପକୃତ ହୋଇଛନ୍ତି। ୨୦୨୪ରେ ୯୫.୯୧ ଲକ୍ଷ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ସହାୟତା ଦିଆଯାଇଥିବା ମନ୍ତ୍ରଣାଳୟ କହିଥିବା ବେଳେ ମାତ୍ର ୬୩.୭୫% ବା ୬୧.୧୪ ଲକ୍ଷ ପାଇଥିବା ସିଏଜି କହିଛନ୍ତି। ଅର୍ଥାତ୍ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୫% ଏବଂ ଦ୍ୱିତୀୟ-ତୃତୀୟ ପର୍ଯ୍ୟାୟରେ ୮୦%ରୁ ଅଧିକ ବାଟମାରଣା ବା ଜାଲିଆତି ହୋଇଛି। ଯୋଜନାର ନିର୍ଦ୍ଧାରିତ ତିନିଟି ପର୍ଯ୍ୟାୟ ସମାପ୍ତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପଞ୍ଜିକୃତ ଓ ତାଲିମପ୍ରାପ୍ତ ହିତାଧିକାରୀଙ୍କ ମଧ୍ୟରୁ ୩୪ ଲକ୍ଷଙ୍କୁ ଆର୍ଥିକ ସହାୟତା ମିଳିନାହିଁ। ସେମାନଙ୍କୁ କିଭଳି ସହାୟତା ରାଶି ହସ୍ତାନ୍ତର କରାଯିବ ସେ ବିଷୟରେ ମନ୍ତ୍ରଣାଳୟ ନିରବ ରହିଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ୱେବ୍‌ସାଇଟ୍‌ରେ ହିତାଧିକାରୀମାନଙ୍କର ଯେଉଁ ଇମେଲ୍ ଆଇଡି ରହିଛି ସେଥିରୁ ଅଧିକାଂଶ ସମାନ ବୋଲି ମଧ୍ୟ ସିଏଜି ଜାଣିବାକୁ ପାଇଛନ୍ତି। ଯୋଜନାର ୱେବ୍‌ସାଇଟ୍ 'ଏସ୍‌ଆଇପି'ରେ ଯେଉଁ ତାଲିମ୍‌କେନ୍ଦ୍ରଗୁଡ଼ିକୁ ଦର୍ଶାଯାଇଛି ସେଥିମଧ୍ୟରୁ ଅଧିକାଂଶ ବନ୍ଦ ଥିବା ବେଳେ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର, ରାଜସ୍ଥାନ ଆଦି ରାଜ୍ୟର ତାଲିମକେନ୍ଦ୍ରଗୁଡ଼ିକରେ ସମାନ ହିତାଧିକାରୀଙ୍କ ଫଟୋ ରେଜିଷ୍ଟରରେ ଦେଖିବାକୁ ମିଳିଛି। ତାଲିମ୍‌ପ୍ରାପ୍ତମାନଙ୍କୁ ଯେଉଁ ପ୍ରମାଣପତ୍ର ମିଳିଛି ସେଗୁଡ଼ିକୁ ମଧ୍ୟ ଦକ୍ଷତା ପରୀକ୍ଷା ଆଧାରରେ ବର୍ଗୀକୃତ ନ କରି ସମସ୍ତଙ୍କୁ 'ବେଷ୍ଟ ଇନ୍ କ୍ଲାସ୍' ବା 'ଉତ୍ତମ' ବୋଲି ଉଲ୍ଲେଖ ରହିଛି।

ଏଭଳି ତ୍ରୁଟିକୁ ପରବର୍ତ୍ତୀ ସମୟରେ ସୁଧାରି ଦିଆଯାଇଛି ବୋଲି ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ଦେଇଥିଲେ ମଧ୍ୟ ତ୍ରୁଟି ଓ ଅନିୟମିତତା ଯେ ହୋଇଛି ଏହାକୁ କ'ଣ ଅସ୍ୱୀକାର କରିହେବ? ଦୁର୍ନୀତି କିମ୍ବା ଦୁରୁପଯୋଗ ନୁହେଁ, ବରଂ ଏକ ମହତ୍ ଉଦ୍ଦେଶ୍ୟ ଓ ପବିତ୍ର ଭାବନା ନେଇ ହିଁ ଆଇନ କିମ୍ବା ଯୋଜନା ପ୍ରଣୀତ ହୁଏ। କ୍ଷମତାରେ ଯେଉଁ ଦଳର ଶାସନ ଥାଉ ନା କାହିଁକି କୌଣସି ଯୋଜନାର ଅସଫଳତା କିମ୍ବା ଆଇନର ଦୁରୁପଯୋଗ ପାଇଁ ତା'କୁ ସମ୍ପୂର୍ଣ୍ଣ ଉତ୍ତରଦାୟୀ କରିବା ବୁଦ୍ଧିମତ୍ତାର ପରିଚୟ ନୁହେଁ। କାରଣ ଯୋଜନାର ସଫଳତା କିମ୍ବା ପବିତ୍ରତା ତୃଣମୂଳସ୍ତରରେ ରୂପାୟନର ଦକ୍ଷତା, ଆନ୍ତରିକତା ଓ ସ୍ୱଚ୍ଛତା ଉପରେ ନିର୍ଭର କରେ। କିନ୍ତୁ 'ପିଏମ୍‌କେଭିୱାଇ'ରେ ସିଏଜି ଧରିଥିବା ଅନିୟମିତତା ପାଇଁ କେନ୍ଦ୍ର ସରକାର ଏହାକୁ 'ଏମ୍‌ନରେଗା' ଭଳି ରଦ୍ଦ କରିଦେଇ ପାରିବେ କି? 'ଏମ୍‌ନରେଗା' କେବଳ କଂଗ୍ରେସ ଅମଳରେ ହୋଇଥିବାରୁ ଦୋଷଯୁକ୍ତ, ଅପବିତ୍ର ଓ ଅଛୁଆଁ ଏବଂ 'ପିଏମ୍‌କେଭିୱାଇ' ଏନ୍‌ଡିଏ ସରକାରଙ୍କ ହୋଇଥିବାରୁ ସଦା ପବିତ୍ର? ଏସବୁ ପ୍ରଶ୍ନର ଊର୍ଦ୍ଧ୍ୱରେ ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗଟି ହେଉଛି ଆଇନ ଓ ଯୋଜନାର ଏହି ପବିତ୍ରତା ପରୀକ୍ଷାରେ ମହାତ୍ମାମାନେ କଳଙ୍କିତ ଓ ତେଜ୍ୟ ନ ହୁଅନ୍ତୁ।

## ଗାନ୍ଧୀଙ୍କ ପତନ ନିଶ୍ଚିତ ?

**ଡକ୍ଟର ଅବଶ ପରିଡ଼ା**

'ଗାନ୍ଧୀଙ୍କ ପତନ ନିଶ୍ଚିତ?' ପ୍ରଥମ ଦୃଷ୍ଟିରେ ଏହି ବାକ୍ୟାଂଶଟି ଟିକେ ଅଡୁଆ ଲାଗିପାରେ। ଭାରତ ସମେତ ଅନେକ ଦେଶରେ, ଯେଉଁଠାରେ ମହାତ୍ମା ଗାନ୍ଧୀଙ୍କୁ ଅହିଂସା, ସତ୍ୟ, ଶାନ୍ତିର ପୂଜକ ଭାବରେ ସମ୍ମାନିତ କରାଯାଏ, ସେଠାରେ ଅଧିକାଂଶଙ୍କୁ ଅପମାନଜନକ ବି ଲାଗିପାରେ। କିଛିବର୍ଷ ତଳେ 'ଗାନ୍ଧୀଙ୍କ ପତନ ନିଶ୍ଚିତ' ବା #gandhimustfall ସ୍ଲୋଗାନ ଓ ଅଭିଯାନ ଆରମ୍ଭ ହୋଇଥିଲା। କିଛି କୃଷ୍ଣକାୟ ଗୋଷ୍ଠୀ ଦ୍ୱାରା ୟୁକେର ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ, କାନାଡ଼ା ଓ ଆମେରିକାରେ ଏହି ଅଭିଯାନ ଆରମ୍ଭ ହୋଇ ଅନ୍ତର୍ଜାତୀୟ ସ୍ତରରେ ଲୋକଲୋଚନକୁ ଆସିଥିଲା। ଏହି ଅଭିଯାନଟି ବର୍ତ୍ତମାନ ସମ୍ପୂର୍ଣ୍ଣ ସକ୍ରିୟ ନୁହେଁ କି ସମ୍ପୂର୍ଣ୍ଣ ସୁପ୍ତ ବି ନୁହେଁ। କିନ୍ତୁ ସମାଜବିଜ୍ଞାନୀଙ୍କ ପାଇଁ ଏକ ଆଗ୍ରହର କ୍ଷେତ୍ର ପାଲଟିଛି।

'ଗାନ୍ଧୀଙ୍କ ପତନ ନିଶ୍ଚିତ' ର ଉତ୍ପତ୍ତି ଦକ୍ଷିଣ ଆଫ୍ରିକାରେ 'ରୋଡ୍ସ ପତନ ନିଶ୍ଚିତ' ଏବଂ ୟୁକେ ଓ ଆମେରିକାରେ 'ପ୍ରତିମୂର୍ତ୍ତି ପତନ ନିଶ୍ଚିତ' ଭଳି ଆନ୍ଦୋଳନ ଦ୍ୱାରା ଆକାର ଓ ଗତି ପାଇଥିଲା। ଏହି ଅଭିଯାନଗୁଡ଼ିକ ଉଭା ହୋଇଥିଲେ ଉପନିବେଶବାଦ ପରବର୍ତ୍ତୀ ଏବଂ ଉପନିବେଶବାଦ ବିହୀନ ଚିନ୍ତାଧାରାରୁ। ଯୁକ୍ତି ଥିଲା ଯେ ଆଇକନ ବା ଆଦର୍ଶ ଏବଂ ସେମାନଙ୍କ ପ୍ରତିମୂର୍ତ୍ତି ପ୍ରାୟତଃ ଉପନିବେଶବାଦୀ ଶକ୍ତି, ବର୍ଣ୍ଣଗତ ଅନୁକ୍ରମ ଓ ଐତିହାସିକ ନୀରବତାକୁ ପ୍ରତିନିଧିତ୍ୱ କରନ୍ତି। ଗାନ୍ଧୀ ମଧ୍ୟ ସେହିଭଳି ଏକ ଆଇକନ ବା ଆଦର୍ଶ। ଦକ୍ଷିଣ ଆଫ୍ରିକାରେ ରହିବାର ପ୍ରାରମ୍ଭିକ ବର୍ଷ ସମୟରେ ଗାନ୍ଧୀ ନିଜର କିଛି ଲେଖାରେ ଆଫ୍ରିକୀୟମାନଙ୍କ ପାଇଁ ବର୍ଣ୍ଣଗତ ଭାଷା ବ୍ୟବହାର କରିଥିଲେ ବୋଲି ସମାଲୋଚକମାନେ ଅଭିଯୋଗ କରନ୍ତି। ବିଡ଼ମ୍ବନା ଯେ ଶହେ ତିରିଶ ବର୍ଷ ତଳେ ଦେଇଥିବା ପ୍ରାରମ୍ଭିକ ବର୍ଣ୍ଣନାକୁ ଇଙ୍ଗିତ କରି ଆନ୍ଦୋଳନକାରୀ ଏହାକୁ ଆଜିର ସମସ୍ୟାପୂର୍ଣ୍ଣ ମତାମତ ବୋଲି ବିବେଚନା କରିଥିଲେ।

ଗାନ୍ଧୀ ଆଫ୍ରିକୀୟମାନଙ୍କ ବିଷୟରେ 'ଅଳସୁଆ', 'ଅଶିଷ୍ଟ' ଓ 'କାଫିର' ଭଳି ଶବ୍ଦ ବ୍ୟବହାର କରିଥିଲେ। ଯେହେତୁ ଏସବୁ ଶବ୍ଦ ସେ ବ୍ୟବହାର କରିଥିଲେ, ତେଣୁ ଆଫ୍ରିକୀୟ କିଛି ଗୋଷ୍ଠୀମାନଙ୍କ ପାଇଁ ଗାନ୍ଧୀ କେବଳ ଉପନିବେଶ ବିରୋଧୀ ପ୍ରତିରୋଧ ନୁହେଁ, ବରଂ ଉପନିବେଶବାଦ ଯୁଗର ସଂସ୍କାରକଙ୍କ ବିରୋଧାଭାସର ମଧ୍ୟ ପ୍ରତୀକ ପାଲଟିଗଲେ। ଏହାର ଉତ୍ତରରେ ଗାନ୍ଧୀଙ୍କ ନାତି ରାଜାମୋହନ ଗାନ୍ଧୀ ନିଜ ପୁସ୍ତକରେ କୁହନ୍ତି ଯେ ନୂଆ ନୂଆ ଯାଇଥିବା ଗାନ୍ଧୀଙ୍କର ଆଫ୍ରିକାରେ ବ୍ୟବହାର କରାଯାଉଥିବା ଭାଷା ଉପରେ କମ୍ ଜ୍ଞାନ ଥିଲା। ତେଣୁ ବ୍ରିଟିଶ ବ୍ୟବହାର କରୁଥିବା ଇଂରାଜୀକୁ ସେ ବ୍ୟବହାର କରିଦେଇଥିଲେ। ଗାନ୍ଧୀ ମଧ୍ୟ ଅନେକଙ୍କ ଭଳି ଜଣେ ଅସମ୍ପୂର୍ଣ୍ଣ ମଣିଷ। କିନ୍ତୁ ଅନ୍ୟ ସାଥୀମାନଙ୍କ ତୁଳନାରେ ତାଙ୍କର ଚିନ୍ତା ଥିଲା ଅତ୍ୟନ୍ତ ପ୍ରଗତିଶୀଳ। ମୁଖ୍ୟ କଥା ହେଉଛି, ଗାନ୍ଧୀ ନୈତିକ ସଂଘର୍ଷ ମାଧ୍ୟମରେ ନିଜକୁ ଅତ୍ୟନ୍ତ ବିକଶିତ କରିଥିଲେ। କ୍ରମାଗତ ଭାବେ ନିଜ ଆଦର୍ଶ ଓ ଚିନ୍ତାଧାରାରେ ବିବର୍ତ୍ତନ ଆଣିଥିଲେ ଗାନ୍ଧୀ। ଜାତିଗତ ଓ ବର୍ଣ୍ଣବୈଷମ୍ୟକୁ ସେ ଦୃଢ଼ ପ୍ରତ୍ୟାଖ୍ୟାନ କରିଥିଲେ। ଗାନ୍ଧୀଙ୍କ ମତ ଥିଲା ଇତିହାସ କିମ୍ବା ଭୁଲକୁ ଅସ୍ୱୀକାର କରିବା ନୁହେଁ, ସତ୍ୟକୁ ପାଥେୟ କରି ନିଜ ତ୍ରୁଟିଗୁଡ଼ିକୁ ସ୍ୱୀକାର କରିବା ହିଁ ପ୍ରକୃତ ପରିବର୍ତ୍ତନ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଶିଷ୍ଟ ଗାନ୍ଧୀସାହିତ୍ୟ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଯେ ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ କୃଷ୍ଣକାୟ ଆଫ୍ରିକୀୟଙ୍କ ଅଧିକାର ପାଇଁ ଆନ୍ଦୋଳନର ନେତୃତ୍ୱ କିମ୍ବା ସଂଗଠନ କରି ନ ଥିଲେ। ତାଙ୍କର ପ୍ରାଥମିକ ସଂଘର୍ଷ ଥିଲା ଭାରତୀୟ ନାଗରିକ ଅଧିକାର ପାଇଁ ଥିଲା। ଦକ୍ଷିଣ ଆଫ୍ରିକାରେ ଗାନ୍ଧୀ ଭାରତୀୟମାନଙ୍କ ପାଇଁ ଜଣେ ସଂସ୍କାରକ, ଆଫ୍ରିକୀୟ ଦୁଃଖର ଜଣେ ଦର୍ଶୀ ଏବଂ ଜଣେ ଚିନ୍ତାନାୟକ ଥିଲେ, ଯାହାଙ୍କ ଚିନ୍ତାଧାରା ପରବର୍ତ୍ତୀ ସମୟରେ ଆଫ୍ରିକୀୟ ସ୍ୱାଧୀନତା ସଂଗ୍ରାମକୁ ଶକ୍ତିଶାଳୀ କରିଥିଲା। ନେଲସନ ମାଣ୍ଡେଲା, ଆଲବର୍ଟ ଲୁଥୁଲି, ଡେସମଣ୍ଡ ଟୁଟୁ ଓ କେନେଥ କାଉଣ୍ଡା ଭଳି ଆଫ୍ରିକୀୟ ବିଶ୍ୱସ୍ତରୀୟ ରାଜନେତା ଆଫ୍ରିକୀୟ ଜାତୀୟତାବାଦରେ ଗାନ୍ଧୀବାଦୀ ଅହିଂସାକୁ ସ୍ପଷ୍ଟ ଭାବରେ ସ୍ୱୀକାର କରିଥିଲେ। ଶ୍ରୀପରିଡ଼ା ଆହୁରି ମତ ରଖନ୍ତି 'ଗାନ୍ଧୀଙ୍କ ପତନ ନିଶ୍ଚିତ' ଭଳି ଅଭିଯାନଗୁଡ଼ିକ କ୍ଷଣସ୍ଥାୟୀ। ଏହାର କାରଣ ହେଉଛି ଏହିଭଳି ଅଭିଯାନଗୁଡ଼ିକ ଘଟଣା-ଚାଳିତ, ପ୍ରତୀକାତ୍ମକ, ପ୍ରତିମୂର୍ତ୍ତି, ହ୍ୟାସଟ୍ୟାଗ୍ କିମ୍ବା କ୍ରୋଧ ଉପରେ କେନ୍ଦ୍ରିତ। ଏସବୁ କିଛି ଗୋଷ୍ଠୀର କ୍ରୋଧକୁ ସଂଗଠିତ କରନ୍ତି। କିନ୍ତୁ ଏମାନଙ୍କ ପାଖରେ ଗଠନମୂଳକ ବିକଳ୍ପ ନୈତିକ ଢାଞ୍ଚାର ଘୋର ଅଭାବ। ନୈତିକ ଦୃଷ୍ଟିକୋଣ ବିନା ପ୍ରସଙ୍ଗ ଆଧାରିତ ତଥ୍ୟଗତ ପ୍ରମାଣ ଏବଂ ନକାରାତ୍ମକ ପାଠ ଯୋଗୁଁ ଏଗୁଡ଼ିକ ଧୀରେ ଧୀରେ ଫିକା ପଡ଼ିଯାଏ। ବିପରୀତରେ, ଗାନ୍ଧୀ ଏକ ଦୀର୍ଘକାଳୀନ ନୈତିକ ଶବ୍ଦକୋଷ। ସେ କୌଣସି ଏକ କ୍ଷଣିକ ପ୍ରତିବାଦ ନୁହେଁ। ଗାନ୍ଧୀଙ୍କଠାରୁ ସମ୍ପୂର୍ଣ୍ଣତାର ଆଶା ଯୋଗୁଁ ସେ ନିନ୍ଦିତ।

ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ କହିବାକୁ ଗଲେ 'ଗାନ୍ଧୀଙ୍କ ପତନ ନିଶ୍ଚିତ' ଅଭିଯାନଟି ଗାନ୍ଧୀଙ୍କୁ ନୈତିକ ଭାବରେ ଅପସାରଣ କରିବା ପାଇଁ ଉଦ୍ଦିଷ୍ଟ ନଥିଲା, ବରଂ ଏହାର ଦୁଇଟି ଲୁକ୍କାୟିତ ମୁଖ୍ୟ ଲକ୍ଷ୍ୟ ଥିଲା। ପ୍ରଥମଟି ହେଉଛି ପରିବର୍ତ୍ତିତ ନୈତିକ ଏବଂ ରାଜନୈତିକ ଦୃଶ୍ୟପଟରେ ଉପୁଜୁଥିବା ପ୍ରଶ୍ନ ଏବଂ ଦ୍ୱିତୀୟତଃ, ସମାଜର ପ୍ରେରଣାସ୍ରୋତ ବା ଆଇକନ୍‌ଙ୍କଠାରୁ ଏହାର ଉତ୍ତର। ସେହିପରି ଅନେକ ଗାନ୍ଧୀ ବିଶାରଦ କୁହନ୍ତି ଯେ ଗାନ୍ଧୀଙ୍କ ଚିନ୍ତାଧାରାକୁ ଜୀବିତ ରଖିବା ପାଇଁ ତାଙ୍କୁ ବିରୋଧ କରିବା ଜରୁରୀ। ସମାଲୋଚନାହୀନ ପୂଜା ଓ ପ୍ରଶଂସା ଆଦର୍ଶଙ୍କୁ ଦୁର୍ବଳ କରିଥାଏ। ବିରୋଧ ହିଁ ବ୍ୟକ୍ତିକୁ ପଦ୍ଧତିଠାରୁ ପୃଥକ କରିଥାଏ। ଉଦାହରଣ ସ୍ୱରୂପ, ଅହିଂସା ନୈତିକ ଭାବରେ ଶକ୍ତିଶାଳୀ ହେବା ପାଇଁ ଗାନ୍ଧୀ ନୈତିକ ଭାବରେ ସିଦ୍ଧ ହେବା ଆବଶ୍ୟକ ନାହିଁ। ଯଦି ଗାନ୍ଧୀ ଆଦର୍ଶର ସମାଲୋଚନା ହେବ ନାହିଁ ତେବେ ତାହା ପ୍ରୟୋଗ ମଧ୍ୟ ହେବ ନାହିଁ। ଅହିଂସାର ଆଲୋଚନା ନହେଲେ ତାହା ଅନୁଶାସନ ହେବ ନାହିଁ, ବରଂ ଏକ ଶବ୍ଦ ଅଳଙ୍କାରରେ ସୀମିତ ହୋଇଯିବ। ସେହିପରି ସତ୍ୟର ବିରୋଧ ନହେଲେ ତାହା କଦାପି ଦାୟିତ୍ୱ ହେବ ନାହିଁ। ତେଣୁ ତୀକ୍ଷ୍ଣ ସମାଲୋଚନା ସମେତ ସାର୍ବଜନୀନ ବିତର୍କ, ଗାନ୍ଧୀଙ୍କୁ ବୌଦ୍ଧିକ ଭାବରେ ଜୀବିତ ରଖିଛି ବୋଲି ଏକ ମହଲ ଯୁକ୍ତି ବାଢ଼ନ୍ତି।

'ଗାନ୍ଧୀଙ୍କ ପତନ ନିଶ୍ଚିତ' ହେଉଛି ଏକ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ଏବଂ ସମାଲୋଚନା କରିବା ମଧ୍ୟରେ ହୋଇଥିବା ଏକ ଦ୍ୱନ୍ଦ୍ୱ। ପ୍ରତିମୂର୍ତ୍ତିଗୁଡ଼ିକୁ ବଦଳାଇବା କିମ୍ବା ଭାଙ୍ଗିବା ଦ୍ୱାରା ସ୍ୱୟଂଚାଳିତ ଭାବରେ ନ୍ୟାୟ ସୃଷ୍ଟି ହୁଏ ନାହିଁ। ଏହା ସଂରଚନିକ ଅସମାନତାକୁ ସମାଧାନ ନକରି କେବଳ କ୍ରୋଧକୁ ଇନ୍ଧନ ଯୋଗାଏ। ଗାନ୍ଧୀ ସର୍ବଦା ଅନ୍ଧ ଭାବେ ନାୟକ-ପୂଜା ବିରୁଦ୍ଧରେ ବାରମ୍ବାର ଚେତାବନୀ ଦେଇଥିଲେ। ଏହାକୁ ବୌଦ୍ଧିକ ଦାସତ୍ୱର ଏକ ରୂପ ବୋଲି କହିଥିଲେ, ଯାହା ଏବେ ବିଶ୍ୱର ସମସ୍ତ ଦେଶରେ ଘଟୁଛି।

ପରିଶେଷରେ ଏକ ମୌଳିକ ପ୍ରଶ୍ନର ଉତ୍ତର ଖୋଜିବା। ଗାନ୍ଧୀଙ୍କୁ କ'ଣ ସମସାମୟିକ ନୈତିକ ମାନଦଣ୍ଡ ଦ୍ୱାରା ବିଚାର କରାଯାଇପାରିବ? ପ୍ରଶ୍ନର ଉତ୍ତର ହେଉଛି 'ହଁ'। କିନ୍ତୁ ଏସବୁ ପ୍ରସ୍ତୁତ ବା ରେଡିମେଡ୍ ସମାଧାନ ଭାବରେ ନୁହେଁ, ବରଂ ଗାନ୍ଧୀଙ୍କ ଦର୍ଶନ ଆମକୁ ଏକ ନୈତିକ ପଦ୍ଧତି ପ୍ରଦାନ କରିପାରିବ। ବିଶ୍ୱ ସାକ୍ଷୀ ଅଛି ଯେ ଗାନ୍ଧୀଙ୍କ ଅହିଂସା, ସର୍ବୋଦୟ ଓ ସତ୍ୟ ହେଉଛି ପରିବର୍ତ୍ତନ ଓ ସମାଧାନର ସର୍ବୋତ୍କୃଷ୍ଟ ନୈତିକ ଉପକରଣ। ଗାନ୍ଧୀଙ୍କ ମୃତ୍ୟୁର ଆଠ ଦଶନ୍ଧି ପରେ ମଧ୍ୟ ତାଙ୍କ ବିଷୟରେ ବିତର୍କ ହେବା ତାଙ୍କର ଅପ୍ରାସଙ୍ଗିକତା ନୁହେଁ, ବରଂ ତାଙ୍କର ନିରନ୍ତର ପ୍ରାସଙ୍ଗିକତାକୁ ଦର୍ଶାଉଛି। ସମାଲୋଚନା ବା ପ୍ରତ୍ୟାଖ୍ୟାନ ଦ୍ୱାରା ଗାନ୍ଧୀଙ୍କ ପତନ ହେଉନାହିଁ। ଆମର ବ୍ୟବହାର, ସାର୍ବଜନୀନ ଏବଂ ରାଜନୈତିକ ନୀତି ଦ୍ୱାରା ନୈତିକ ଆଦର୍ଶର 'ପତନ' ହେଉଛି। ଶ୍ରୀପରିଡ଼ା ନିଜ ଆଲେଖ୍ୟରେ ଲେଖିଛନ୍ତି ଯେ ଗାନ୍ଧୀ ଚିନ୍ତକ ନୁହେଁ, ବରଂ ଗାନ୍ଧୀଙ୍କ ସମାଲୋଚନାହୀନ, ପ୍ରସଙ୍ଗହୀନ ଓ ଚୟନମୂଳକ ପାଠର ପତନ ହେବା ଜରୁରୀ। ଏହା ବଦଳରେ ସମାଜକୁ ଏକ ସମାଲୋଚନାମୂଳକ ଓ ବିତର୍କିତ ଗାନ୍ଧୀଙ୍କ ଆବଶ୍ୟକତା ଅଛି। ତେଣୁ ଗାନ୍ଧୀଙ୍କୁ କେବଳ ଆଇକନ୍ ବା ପ୍ରତିମୂର୍ତ୍ତିରେ ସୀମିତ କରିଦେଲେ କିଛି ଲାଭ ହେବନାହିଁ, ବରଂ ସେ ଆମ ପାଇଁ ଅଭ୍ୟାସ କରାଯାଇପାରୁଥିବା ଆଦର୍ଶ ହେବା ଉଚିତ। ଗାନ୍ଧୀଙ୍କ ମନ୍ତବ୍ୟ ଥିଲା 'ଯଦି ମୋର ଚିନ୍ତାଧାରା ସତ୍ୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ନହୁଏ, ତେବେ ସେଗୁଡ଼ିକୁ ପତନ ହେବାକୁ ଦିଅନ୍ତୁ - କିନ୍ତୁ ସତ୍ୟକୁ ଶକ୍ତି ଦିଅନ୍ତୁ, ତା'କୁ ଉଠିବାକୁ ଦିଅନ୍ତୁ।' ସତ୍ୟର ଜୟ ହେଉ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ନ୍ୟାୟପାଳିକା: ଭାରତୀୟ ଗଣତନ୍ତ୍ରର ପ୍ରହରୀ

**ଜୟଦେବ ମାଝୀ**



ଏକ ସୁସ୍ଥ ଗଣତନ୍ତ୍ରରେ ନ୍ୟାୟପାଳିକା ସାମ୍ବିଧାନିକ ବ୍ୟବସ୍ଥାର ରକ୍ଷକ ଭାବରେ କାର୍ଯ୍ୟ କରେ। ଭାରତରେ ବର୍ତ୍ତମାନ ସାମାଜିକ-ରାଜନୈତିକ ପରିସ୍ଥିତିର ଦ୍ରୁତ ପରିବର୍ତ୍ତନଶୀଳ। ଜନବିତର୍କ ବୃଦ୍ଧି ଏବଂ ସାଂଗଠନିକ ଚାପ ଦ୍ୱାରା ଅନେକ ଆହ୍ୱାନର ସମ୍ମୁଖୀନ। ଏହି ପୃଷ୍ଠଭୂମିରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେବାରେ ନ୍ୟାୟପାଳିକାର ଭୂମିକା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଛି।

ଭାରତୀୟ ଗଣତନ୍ତ୍ରର ମୂଳରେ ସମ୍ବିଧାନ ରହିଛି ଏବଂ ନ୍ୟାୟପାଳିକା ଏହାର ସର୍ବୋତ୍ତମ ରକ୍ଷକ। ନ୍ୟାୟପାଳିକାର ସମୀକ୍ଷା ମାଧ୍ୟମରେ ଆଇନ ଓ କାର୍ଯ୍ୟନିର୍ବାହୀ ଅନୁଷ୍ଠାନଗୁଡ଼ିକ ସାମ୍ବିଧାନିକ ସୀମା ମଧ୍ୟରେ ରହିବେ। ଭାରତ ଭଳି ଏକ ବିବିଧ ଓ ଜଟିଳ ସମାଜରେ ଏହି କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଉଁଠାରେ ସାମ୍ବିଧାନିକ ନୈତିକତାର ସୁରକ୍ଷା ପ୍ରାୟତଃ ଗଣତାନ୍ତ୍ରିକ ଶାସନର ଗୁଣବତ୍ତା ନିର୍ଣ୍ଣୟ କରେ। ସ୍ୱେଚ୍ଛାଚାରୀ କିମ୍ବା ଅସାମ୍ବିଧାନିକ କାର୍ଯ୍ୟଗୁଡ଼ିକୁ ପ୍ରତିହତ କରି ନ୍ୟାୟପାଳିକା ଏହି ନୀତିକୁ ସୁଦୃଢ଼ କରେ ଯେ, କୌଣସି କର୍ତ୍ତୃପକ୍ଷ ସମ୍ବିଧାନର ଊର୍ଦ୍ଧ୍ୱରେ ନୁହନ୍ତି। ମୌଳିକ ଅଧିକାରକୁ ସୁରକ୍ଷା ଦେବାରେ ନ୍ୟାୟପାଳିକାର ଭୂମିକା ସମାନ ଗୁରୁତ୍ୱପୂର୍ଣ୍ଣ। ଦଶନ୍ଧି ଧରି ଭାରତୀୟ ଅଦାଲତଗୁଡ଼ିକ ପରିବର୍ତ୍ତନଶୀଳ ସମୟର ପ୍ରତିକ୍ରିୟା ପାଇଁ ଅଧିକାରର ପରିସରକୁ ବିସ୍ତାର କରିଛନ୍ତି। ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ବ୍ୟାଖ୍ୟାକରଣ ମର୍ଯ୍ୟାଦା, ଗୋପନୀୟତା, ପରିବେଶ ସୁରକ୍ଷା ଓ ନ୍ୟାୟ ବ୍ୟବସ୍ଥାକୁ ବିକଶିତ କରିଛନ୍ତି। ଏହି ପ୍ରଗତିଶୀଳ ନ୍ୟାୟଶାସ୍ତ୍ର ବ୍ୟକ୍ତିଗତ ନାଗରିକଙ୍କୁ କେନ୍ଦ୍ରରେ ରଖି ଗଣତନ୍ତ୍ରକୁ ମଜବୁତ କରିଛି।

ଗଣତାନ୍ତ୍ରିକ ଜୀବନରେ ଭାରତୀୟ ନ୍ୟାୟପାଳିକାର ସବୁଠାରୁ ସ୍ୱତନ୍ତ୍ର ଅବଦାନ ମଧ୍ୟରୁ ଗୋଟିଏ ହେଉଛି ଜନସ୍ୱାର୍ଥ ମାମଲାର ବିକାଶ। କୋର୍ଟଗୁଡ଼ିକ ପ୍ରକ୍ରିୟାଗତ ନିୟମକୁ ଶିଥିଳ କରି ଗରିବ, ଅବହେଳିତ ଓ ଦୁର୍ବଳ ବର୍ଗଙ୍କ ପାଇଁ ସେମାନଙ୍କର ଦ୍ୱାର ଖୋଲି ଦେଇଛନ୍ତି। ଜନସ୍ୱାର୍ଥ ମାମଲା ମାଧ୍ୟମରେ ପରିବେଶଗତ ଅବନତି, ଦୁର୍ନୀତିଠାରୁ ଆରମ୍ଭ କରି ଜେଲ ସଂସ୍କାର ଓ ସାମାଜିକ କଲ୍ୟାଣ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗକୁ ସମାଧାନ କରାଯାଏ। ନ୍ୟାୟପାଳିକା ବ୍ୟବସ୍ଥାର ଅପବ୍ୟବହାର ବିଷୟରେ ବିତର୍କ ଜାରି ରହିଥିବା ବେଳେ ଜନସ୍ୱାର୍ଥ ମାମଲା ଗଣତାନ୍ତ୍ରିକ ଦାୟିତ୍ୱକୁ ଗଭୀର ଏବଂ ନାଗରିକ ଅଂଶଗ୍ରହଣକୁ ବିସ୍ତାର କରିଛି ବୋଲି ତିଳେମାତ୍ର ଅସ୍ୱୀକାର କରାଯାଇ ପାରିବ ନାହିଁ।

ବର୍ତ୍ତମାନ ପରିସ୍ଥିତିରେ ନ୍ୟାୟପାଳିକା ମଧ୍ୟ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନିଜ ମଧ୍ୟରେ କ୍ଷମତାର ସନ୍ତୁଳନ ବଜାୟ ରଖିବାରେ ଏକ ବିଶେଷ ଭୂମିକା ଗ୍ରହଣ କରେ। ଏକ ସୁସ୍ଥ ଗଣତନ୍ତ୍ର ପ୍ରଭାବଶାଳୀ ନିୟନ୍ତ୍ରଣ ଓ ସନ୍ତୁଳନ ଉପରେ ନିର୍ଭର କରିଥାଏ। ନ୍ୟାୟିକ ବ୍ୟବସ୍ଥା ନିଶ୍ଚିତ କରେ ଯେ କାର୍ଯ୍ୟପାଳିକା କ୍ଷମତାର ଅପବ୍ୟବହାର ଏବଂ ବିଧାନପାଳିକାର ସଂଖ୍ୟାଗରିଷ୍ଠତା ସାମ୍ବିଧାନିକ ମୂଲ୍ୟବୋଧକୁ ଦୁର୍ବଳ କରିପାରିବ ନାହିଁ। ରାଜନୈତିକ ଧ୍ରୁବୀକରଣ ସମୟରେ ମଧ୍ୟ ସ୍ୱାଧୀନ ନ୍ୟାୟ ପଦ୍ଧତି ଏକ ସ୍ଥିର ଶକ୍ତି ଭାବରେ କାର୍ଯ୍ୟ କରେ ଏବଂ ସାଂଗଠନିକ ସନ୍ତୁଳନ ରକ୍ଷା କରିଥାଏ। ନ୍ୟାୟପାଳିକା ମଧ୍ୟ ଆଇନର ଶାସନକୁ ବଜାୟ ରଖିବା ପାଇଁ କେନ୍ଦ୍ରବିନ୍ଦୁ। କେବଳ ଲୋକପ୍ରିୟ ଇଚ୍ଛା ଉପରେ ଗଣତନ୍ତ୍ର ବଞ୍ଚିପାରିବ ନାହିଁ। ତେଣୁ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରୟୋଗ ହୋଇଥିବା ଏକ ଆଇନଗତ ଢାଞ୍ଚା ଆବଶ୍ୟକ। ନିରପେକ୍ଷତା ସୁନିଶ୍ଚିତ କରି ଅଦାଲତ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ବୃଦ୍ଧି କରିବାରେ ବେଶ ସହାୟକ ହୋଇଛି। ଯେତେବେଳେ ନାଗରିକମାନେ ବିଶ୍ୱାସ କରିବେ ଯେ ନ୍ୟାୟ ସୁଗମ ଓ ନିରପେକ୍ଷ ତେବେ ଗଣତାନ୍ତ୍ରିକ ବୈଧତା ଆହୁରି ସୁସ୍ଥ ଓ ସୁଦୃଢ଼ ରୂପେ ପରିଣତ ହେବ।

ବର୍ତ୍ତମାନ ଭାରତୀୟ ନ୍ୟାୟପାଳିକା ଆଗରେ ଏକ ବଡ଼ ଆହ୍ୱାନ ହେଉଛି ମାମଲାଗୁଡ଼ିକର ବହୁଳ ବିଚାର, ନ୍ୟାୟ ପ୍ରଦାନରେ ବିଳମ୍ବ, ସ୍ୱଚ୍ଛତା ଉପରେ ଚିନ୍ତା ଏବଂ ଉତ୍ତରଦାୟିତ୍ୱ। ଏକ ଗଣତନ୍ତ୍ରରେ 'ନ୍ୟାୟ ବିଳମ୍ବ' ର ଅର୍ଥ ପ୍ରାୟତଃ 'ନ୍ୟାୟ ପ୍ରତ୍ୟାଖ୍ୟାନ' ହୋଇପାରେ। ଜନସାଧାରଣଙ୍କ ବିଶ୍ୱାସକୁ ବଜାୟ ରଖିବା ପାଇଁ ନ୍ୟାୟିକ ସଂସ୍କାର, ପ୍ରଯୁକ୍ତିବିଦ୍ୟା ସମନ୍ୱୟ ଓ ସାଂଗଠନିକ ସହଯୋଗ ମାଧ୍ୟମରେ ଏହି ସମସ୍ୟାଗୁଡ଼ିକର ସମାଧାନ କରିବା ଅତ୍ୟାବଶ୍ୟକ। ବର୍ତ୍ତମାନ ପରିପ୍ରେକ୍ଷୀରେ ସାମ୍ବିଧାନିକ ମୂଲ୍ୟବୋଧ, ମୌଳିକ ଅଧିକାର ଓ ଆଇନର ଶାସନର ରକ୍ଷକ ଭାବରେ ଏହାର ଭୂମିକା ଅପରିହାର୍ଯ୍ୟ। ଗଠନମୂଳକ ସମାଲୋଚନା ଓ ସଂସ୍କାର ଆବଶ୍ୟକ ହେଲେ ମଧ୍ୟ ନ୍ୟାୟିକ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବା ଦ୍ୱାରା ଗଣତନ୍ତ୍ର ଦୁର୍ବଳ ହେବ। ଏକ ଦୃଢ଼, ନିରପେକ୍ଷ ଓ ପ୍ରତିକ୍ରିୟାଶୀଳ ନ୍ୟାୟପାଳିକା ଗଣତନ୍ତ୍ର ପାଇଁ ସବୁଠାରୁ ବଡ଼ ଶକ୍ତି ମଧ୍ୟରୁ ଗୋଟିଏ।

(ଆଇନଜୀବୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ)
କଟକ, ମୋ: ୮୧୧୪୩୧୭୬୭୪

## ଆମ ବୃକ୍ଷଲତା ଆମ ଜୀବନ

### ଦୁଦୁରା
(Indian Thornapple- Datura metel)

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

'ଦୁଦୁରା' ସମଗ୍ର ଭାରତରେ ପ୍ରାୟତଃ ଅନାବନା ଯାଗାରେ, ବିଶେଷତଃ ଉଷ୍ଣମଣ୍ଡଳୀୟ ଜଳବାୟୁରେ ଦେଖାଯାଏ। ପ୍ରାଚୀନ ସଂସ୍କୃତ ଶବ୍ଦ 'ଧାତୁରା'ରୁ ଏହି ଉଦ୍ଭିଦର ଇଂରାଜୀ ନାମ 'ଦାତୁରା' ଆସିଛି। ଏହା ବର୍ତ୍ତମାନ ବିଶ୍ୱର ସମସ୍ତ ଉଷ୍ଣ ମଣ୍ଡଳୀୟ ଦେଶରେ ପ୍ରାକୃତିକୀକରଣ ହୋଇସାରିଛି। ଏହି ଉଦ୍ଭିଦଟି ଏହାର ସୌନ୍ଦର୍ଯ୍ୟ ଓ ଔଷଧୀୟ ଗୁଣ ପାଇଁ ବିଶ୍ୱବ୍ୟାପୀ ଚାଷ କରାଯାଏ। ଏହା ଶିବ ଓ ଗଣେଶଙ୍କ ପୂଜାର୍ଚ୍ଚନାରେ ଅର୍ପଣ କରାଯାଏ। ଏହା ମଧ୍ୟ ଶିବ-ଶେଖର(ଶିବଙ୍କ ମୁକୁଟ) ଭାବେ ବିଦିତ। ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହଳାହଳ ପିଇବା ପରେ ଏହି ଉଦ୍ଭିଦ ଶିବଙ୍କ ଛାତିରୁ ବାହାରିଥିବା ବିଶ୍ୱାସ କରାଯାଏ।

'ଦୁଦୁରା' ହେଉଛି ଏକ-ବାର୍ଷିକ କିମ୍ବା ବହୁ-ବର୍ଷୀୟ ଔଷଧି କ୍ଷୁପ ବା କ୍ଷୁଦ୍ର ଉଦ୍ଭିଦ, ଯାହା ପ୍ରାୟ ୦.୫ ରୁ ୧.୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର କାଣ୍ଡ ଓ ଡାଳଗୁଡ଼ିକ କିଛିଟା କାଠିଆ, ଫମ୍ପା, ସବୁଜ କିମ୍ବା ବାଇଗଣୀ-କଳା ବର୍ଣ୍ଣର, ତୀବ୍ର ସୁଗନ୍ଧଯୁକ୍ତ। ପତ୍ରଗୁଡ଼ିକ ସରଳ, ବିକଳ୍ପ, ଡେମ୍ଫଯୁକ୍ତ, ସମ୍ପୂର୍ଣ୍ଣ କିମ୍ବା ଗଭୀର ଭାବରେ ଲୋବ ବା ପାଳି ପ୍ରଦର୍ଶନ କରେ। ଫୁଲଗୁଡ଼ିକ ସିଧା, କାହାଳି ଆକୃତିର, ୫-୨୦ ସେମି ଲମ୍ବା, ମୁଖ ଭାଗରେ ୪- ୧୨ ସେମି ଚଉଡ଼ା; ରଙ୍ଗ ଧଳାରୁ ହଳଦିଆ, ଫିକା ବାଇଗଣୀ ଓ ସୁଗନ୍ଧଯୁକ୍ତ। ୫ଟି ଯୁଗ୍ମ ବୃତି ସହିତ ବୃତିମଣ୍ଡଳ ୫-୮ ମିମି ଲମ୍ବା, ନଳୀକାର, କୋରୋଲା ବା ଦଳମଣ୍ଡଳର ଅଧା କିମ୍ବା ତା'ଠାରୁ କମ୍ ଲମ୍ବା; ଦଳମଣ୍ଡଳ ୫ ଟି ଯୁଗ୍ମ ପାଖୁଡ଼ା ସହିତ ୧୧-୧୭ ସେମି ଲମ୍ବା, ତୂରୀ ଆକୃତିର, ରଙ୍ଗ ଧଳାରୁ କ୍ରିମ୍, ହଳଦିଆ, ଲାଲ, ବାଇଗଣୀ କିମ୍ବା ହଳଦିଆ ହୋଇପାରେ। ବେଳେ ବେଳେ ଦୁଇରୁ ତିନି ପରସ୍ତ ଦଳ ମଣ୍ଡଳ ଥାଏ, ଯେଉଁଥିରେ ପ୍ରତି ପରସ୍ତ ପାଞ୍ଚଟି ଯୁଗ୍ମ ପାଖୁଡ଼ାକୁ ନେଇ ଗଠିତ। ପରାଗପେଟି ୧୨-୧୫ ମିମି ଲମ୍ବା; କ୍ୟାପସୁଲ୍ ବା ଡିମ୍ବାଶୟ ୩୫-୪୦ ମିମି ଚଉଡ଼ା, ଗୋଲାକାର। ବିହନ ୪-୫.୫ ମିମି, ସଙ୍କୁଚିତ, ମାଟିଆ ବର୍ଣ୍ଣର। ଫଳ ଏକ କଣ୍ଟାଯୁକ୍ତ କ୍ୟାପସୁଲ୍, ୪-୧୦ ସେମି ଲମ୍ବା, ୨-୬ ସେମି ଚଉଡ଼ା। ପାଚି ଶୁଖିବା ପରେ ଖୋଲିଯାଇ ଭିତରେ ବହନ କରିଥିବା ଅନେକ ବିହନ ମୁକ୍ତ କରେ। ଏହି ବିହନଗୁଡ଼ିକ ମୁକ୍ତ ଭାବରେ ବିସ୍ତାରିତ ହୁଏ। ଜୁନ୍‌ରୁ ନଭେମ୍ବର ମାସରେ ଫୁଲ ଫୁଟେ ଏବଂ ସେପ୍ଟେମ୍ବରରୁ ମାର୍ଚ୍ଚ ମାସରେ ଫଳ ଦିଏ। ଏହାର ଅନ୍ୟ ଏକ ପ୍ରକାର ଉଦ୍ଭିଦ ଅଛି ଯାହା ଚକଚକିଆ, ବାଇଗଣୀ-କଳା ବା କୃଷ୍ଣକାଣ୍ଡ ବିଶିଷ୍ଟ, ଫୁଲର ପାଖୁଡ଼ାଗୁଡ଼ିକ ସାଧାରଣତଃ ଦୁଇ କିମ୍ବା ତ୍ରିସ୍ତରୀୟ ଥାଏ, ପ୍ରତ୍ୟେକ ପାଖୁଡ଼ା ସମୂହର ବାହ୍ୟ ଅଂଶ ଗଭୀର ବାଇଗଣୀ ଏବଂ ଭିତର ଅଂଶ ଧଳା।

ଭାରତରେ ପାରମ୍ପରିକ ଭାବରେ ଦୁଦୁରା ଏକ ଔଷଧୀୟ ଉଦ୍ଭିଦ ଭାବରେ ବ୍ୟବହୃତ ହୁଏ। ତମାଖୁ ସହିତ ମିଶ୍ରିତ ପତ୍ର ଓ ଫୁଲଗୁଡ଼ିକୁ ଶ୍ୱାସ ବା ଆସ୍ଥମାରୁ ମୁକ୍ତି ପାଇଁ ସିଗାର ଭାବରେ ଧୂମପାନ କରାଯାଏ। ପତ୍ରଗୁଡ଼ିକ ମଧ୍ୟ ଆନୋଡାଇନ୍, ଆଣ୍ଟିସେପ୍ଟିକ୍, ନିଶାକାରକ ଏବଂ ଫୁଲା, ଘା' ଉପଶମ ପାଇଁ ପ୍ରୟୋଗ କରାଯାଏ। ଫୁଲଗୁଡ଼ିକ କାନ ଯନ୍ତ୍ରଣା ନିବାରଣ କରେ। ଫଳଟି ଅଧିକ ମାତ୍ରାରେ ନିଶାକାରକ। ରୁପି, କେଶ ହ୍ରାସ ଚିକିତ୍ସା ପାଇଁ ଏହାର ରସକୁ ମୁଣ୍ଡରେ ଲଗାଯାଏ। ବିହନଗୁଡ଼ିକ ପ୍ରଦାହ-ବିରୋଧୀ, ବେଦନା ନାଶକ, କୃମି ଆକ୍ରମଣରୁ ପେଟଓ ଅନ୍ତନଳୀ ଯନ୍ତ୍ରଣା, ପ୍ରଦାହରୁ ଜ୍ୱରର ଉପଶମ ପାଇଁ ବ୍ୟବହୃତ ହୁଏ। ଦୁଦୁରା ଚୀନ୍‌ର ପାରମ୍ପରିକ ଔଷଧରେ ବ୍ୟବହୃତ ୫୦ ଟି ମୌଳିକ ଔଷଧ ମଧ୍ୟରୁ ଗୋଟିଏ।

ଦୁଦୁରା ଶାସ୍ତ୍ରୀୟ 'ଡାଇନି' ଘାସ' ମଧ୍ୟରୁ ଏକ। ଗଛର ସମସ୍ତ ଅଂଶ ବିଷାକ୍ତ। ଭାରତରେ ଏହାକୁ ବହୁବର୍ଷ ଧରି ବିଷ, ହତ୍ୟା, ଆତ୍ମହତ୍ୟା ଓ କାମୋଦ୍ଦୀପକ ଭାବରେ ବିବେଚନା କରାଯାଇ ଆସୁଛି। ଦୁଦୁରା ଗଛରେ, ମୁଖ୍ୟତଃ ବିହନ, ଫୁଲ ଓ ମୂଳରେ ସ୍କୋପୋଲାମାଇନ୍, ଆଟ୍ରୋପିନ୍ ଭଳି ଅନେକ ଟ୍ରୋପେନ୍ ଆଲକାଲଏଡ୍ ଥାଏ। ତେଣୁ ମଣିଷ କିମ୍ବା ପଶୁ ଏହାକୁ ଖାଇଲେ ଘାତକ ହୋଇପାରେ। ଔଷଧ ଓ ପ୍ରସାଧନ ଆଇନ ୧୯୪୦ ଏବଂ ନିୟମ ୧୯ ୯୫ ଅନୁସାରେ ଔଷଧରେ ବ୍ୟବହାର ବ୍ୟତୀତ ଭାରତରେ ଦୁଦୁରାକୁ ନିଷିଦ୍ଧ କରାଯାଇଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାଇରଙ୍ଗପୁର ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

# ଆଣ୍ଠୁରୁ ବାହାରିଲା ବ୍ରେକ୍ ଖଣ୍ଡ

ରାଇରଙ୍ଗପୁର, ୨୧।୧୨(ସମିସ): ରାଇରଙ୍ଗପୁର ଉପଖଣ୍ଡ ହସପିଟାଲର ଡାକ୍ତରୀ ଟିମ୍ ଆଜି ଜଣେ ନାବାଳକକୁ ନୂଆ ଜୀବନ ଦେଇଛନ୍ତି। ଜଟିଳ ଅସ୍ତ୍ରୋପଚାର କରି ନାବାଳକାର ଆଣ୍ଠୁରୁ ସାଇକଲ ବ୍ରେକ୍ ଖଣ୍ଡ ବାହାର କରିଛନ୍ତି।



### ତୁରନ୍ତ ଅସ୍ତ୍ରୋପଚାର ଯୋଗୁଁ ବଞ୍ଚିଗଲା ନାବାଳକର ଜୀବନ

ଉପରବେଡ଼ା ଅଞ୍ଚଳର ଦୁବଲାବେଡ଼ା ଗ୍ରାମର ରତିରଞ୍ଜନ ମହାନ୍ତଙ୍କ ୧୩ବର୍ଷର ପୁଅ ସୌମ୍ୟ ଶିବଜିତ ମହାନ୍ତ ରବିବାର ଅପରାହ୍ଣରେ ସାଇକଲ ଚଳାଉଥିବା ବେଳେ କୌଣସି କାରଣରୁ ସାଇକଲ ବ୍ରେକ୍ ଖଣ୍ଡ ତା' ଡାହାଣ ଗୋଡ଼ ଆଣ୍ଠୁ ଭିତରେ ପଶିଯାଇଥିଲା। ମାଂସପେଶୀକୁ ଭେଦ କରି ତାହା ଆଣ୍ଠୁଚକି ଭିତରେ ପଶି ରହିଥିଲା। ଏହାସହ ୨/୩ଟି ରକ୍ତପ୍ରଶିରା କଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାରଲୋକେ ତାକୁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ରବୀନ୍ଦ୍ର କୁମାର ମାର୍ଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ସୌମ୍ୟର ଅସ୍ତ୍ରୋପଚାର କରାଯାଇଥିଲା। ଡା. ଅଂଶୁମାନ ଦାସ ଓ ଅସ୍ଥିଶଲ୍ୟ ଡା. ଜୟଦେବ ପ୍ରଧାନ ଦୀର୍ଘ ସମୟ ଧରି ଅସ୍ତ୍ରୋପଚାର କରି ଆଣ୍ଠୁଚକିରୁ ବ୍ରେକ୍ ଖଣ୍ଡକୁ ବାହାର କରିଥିଲେ। ଠିକ୍ ସମୟରେ ଅସ୍ତ୍ରୋପଚାର ହୋଇ ନ ଥିଲେ ନାବାଳକଜଣଙ୍କ ଚଲାବୁଲା ଶକ୍ତି ହରାଇବା ସହ ପ୍ରଚୁର ରକ୍ତସ୍ରାବ ଯୋଗୁଁ ତା'ର ଜୀବନ ଯିବାର ଆଶଙ୍କା ମଧ୍ୟ ରହିଥିଲା।

## ଧାର୍ଯ୍ୟ କରିପାରିଲାନି ଶ୍ରୀମନ୍ଦିର ପ୍ରଶାସନ

# ଅବଢ଼ା ଦରବୃଦ୍ଧି ପାଇଁ ସେବାୟତ ସଜବାଜ

ପୁରୀ,୨୧।୧୨(ସମିସ): ଅବଢ଼ା ଦର ଉପରେ ଶ୍ରୀମନ୍ଦିର ପ୍ରଶାସନର କୌଣସି ନିୟନ୍ତ୍ରଣ ନାହିଁ। ସୁଆର ସେବକମାନେ ମନଇଚ୍ଛା ଅବଢ଼ା ବିକିଥା'ନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଆନନ୍ଦବଜାରରେ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ। ଭକ୍ତ-ସୁଆର ସେବକ କଥା କଟାକଟି ବି ହୁଅନ୍ତି। ତେଣୁ, ଏହାର ସ୍ଥାୟୀ ସମାଧାନ ପାଇଁ ଅବଢ଼ା ଦର ଧାର୍ଯ୍ୟ ଲାଗି ନିଷ୍ପତ୍ତି ନିଆଯାଇଥିଲା। ହେଲେ, ନିଷ୍ପତ୍ତିକୁ ୭ବର୍ଷ ବିତିଲାଣି, କିନ୍ତୁ ମହାପ୍ରସାଦର ଦର ଧାର୍ଯ୍ୟ କରିପାରିଲାନି ଶ୍ରୀମନ୍ଦିର ପ୍ରଶାସନ। ଅନ୍ୟପକ୍ଷରେ, ଅବଢ଼ା ଦରବୃଦ୍ଧି ପାଇଁ ସୁଆର ମହାସୁଆର ନିଯୋଗ ସଜବାଜ ହେଲାଣି। ଏଥିପାଇଁ ନିଯୋଗ ପକ୍ଷରୁ ଅବଢ଼ା ଦୋକାନୀଙ୍କୁ ନେଇ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ, ସେବକଙ୍କ ପକ୍ଷରୁ ଧାର୍ଯ୍ୟ ଦରକୁ ମନ୍ଦିର ପ୍ରଶାସନ ସ୍ୱୀକୃତି ଦେବ ନା ସେମାନେ ମନଇଚ୍ଛା ଯାହା ଦର ଧାର୍ଯ୍ୟ କରିବେ, ତାହା ଭକ୍ତଙ୍କ ଉପରେ ଲଦିଦେବେ, ତାହାକୁ ନେଇ ପ୍ରଶ୍ନ ଉଠିଛି।

ଆନନ୍ଦବଜାରକୁ ଶୃଙ୍ଖଳିତ କରିବା ଏବଂ ଭକ୍ତ ଯେପରି ଶୋଷଣର ଶିକାର ନ ହେବେ, ତାକୁ ଗୁରୁତ୍ୱ ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ମହାପ୍ରସାଦ ଦର ନିର୍ଦ୍ଧାରଣ କରାଯାଇ ଆନନ୍ଦବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ଲଗାଯିବା ପାଇଁ ନିଷ୍ପତ୍ତି ନେଇଥିଲା। ଏପରି ହେଲେ ଅବଢ଼ା କିଣିବାକୁ ନେଇ ସୁଆରଙ୍କ ସହ କାହାକୁ ମୂଲଚାଲ କରିବାକୁ ପଡ଼ିବ ନାହିଁ କି କେହି ଦୁର୍ବ୍ୟବହାରର ଶିକାର ହେବେ ନାହିଁ। ୨୦୧୮ ସେପ୍ଟେମ୍ବରରେ ସୁଆର-ମହାସୁଆର



ନିଯୋଗ ସହ ତତ୍କାଳୀନ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ବୈଠକ କରି ଏହି ନିଷ୍ପତ୍ତି ନେଇଥିଲେ। ପ୍ରକ୍ରିୟା ବି ଜୋର୍‌ଦାର ଆରମ୍ଭ ହେଲା। ସେହିବର୍ଷ ଅକ୍ଟୋବର ୧୬ରେ ପୁନଶ୍ଚ ବୈଠକ ବସି ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା। ଥରେ ଅବଢ଼ା ରୋଷେଇ, ମନ୍ଦିର ପ୍ରଶାସନ ଆବଶ୍ୟକ ଚାଉଳ, ଡାଲି, କୁଡୁଆ ଯୋଗାଇବା, କୋଠ ରୋଷରେ ରୋଷେଇ, ଦେଉଳକରଣ ଏବଂ ସୁପରଭାଇଜର୍‌ଙ୍କ ନିରୀକ୍ଷଣ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ରୋଷେଇ ସରିବା ପରେ ସାମଗ୍ରୀ କିଣାରେ କେତେ ଖର୍ଚ୍ଚ ହେଉଛି ଏବଂ ସୁଆର ସେବକ କେତେ ଲାଭ ପାଇବେ, ତାହା ଶ୍ରୀମନ୍ଦିର ପ୍ରଶାସନ ସ୍ଥିର କରିବ ବୋଲି ନିଷ୍ପତ୍ତି ବି ନିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ରୋଷେଇ ଲାଗି ଏକାଧିକ ତାରିଖ ସ୍ଥିର କରାଯାଇ ସମୟ ଗଡ଼ିଥିଲା। ଶେଷରେ ୨୦୧୮ ଡିସେମ୍ବର ୪ରେ ମହାପ୍ରସାଦ ଦର ନିର୍ଦ୍ଧାରଣ ଲାଗି ରୋଷେଇ ହୋଇଥିଲା। ଖୁବ୍‌ଶୀଘ୍ର ଦର ତାଲିକା ଚୂଡ଼ାନ୍ତ କରାଯାଇ ଆନନ୍ଦବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ତତ୍କାଳୀନ ମୁଖ୍ୟ ପ୍ରଶାସକ କହିଥିଲେ।

ରୋଷେଇ ହେବାର ୭ ବର୍ଷ ବିତିଗଲାଣି, ହେଲେ ଏ ପର୍ଯ୍ୟନ୍ତ ମହାପ୍ରସାଦ ଦର ନିର୍ଦ୍ଧାରଣ ହୋଇପାରିଲା ନାହିଁ। ନିଷ୍ପତ୍ତି ନିଆଯିବା ପରେ ଅନେକଥର ଶ୍ରୀମନ୍ଦିରରେ ଅବଢ଼ା ଦରକୁ ନେଇ ଭକ୍ତ-ସେବକ ମୁହାଁମୁହିଁ ହୋଇଛନ୍ତି। ନିଷ୍ପତ୍ତି ନେଇଥିବା ମୁଖ୍ୟ ପ୍ରଶାସକଙ୍କ ସମେତ ଏକାଧିକ ଅଧିକାରୀ ବଦଳିଗଲେଣି। କିନ୍ତୁ ଅବଢ଼ା ଦର ଧାର୍ଯ୍ୟ ହୋଇପାରୁନାହିଁ।

ଏଭଳି ସ୍ଥିତିରେ ସୁଆର ମହାସୁଆର ନିଯୋଗ ଅବଢ଼ା ଦରବୃଦ୍ଧି ନେଇ ପ୍ରାରମ୍ଭିକ ବୈଠକ କରିସାରିଛି। ଜାଳେଣି କାଠ, ସଉଦା ଓ ପରିବା ଆଦିର ମୂଲ୍ୟ ବୃଦ୍ଧି ହେଉଥିବାରୁ ମହାପ୍ରସାଦର ଦରବୃଦ୍ଧି ନେଇ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଥିବା ନିଯୋଗର ଜଣେ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସବୁର ଦରଦାମ୍ ବଢ଼ିଲାଣି। ସେଇ ଅନୁସାରେ ମହାପ୍ରସାଦରେ ଦରବୃଦ୍ଧି ହୋଇନାହିଁ। ଏବେ ସାଧାରଣ ମହାପ୍ରସାଦ ପତ୍ର ମୁଣ୍ଡ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଥିଲେ ହେଁ ରାତି ହେଲେ ଆହୁରି କମ୍‌ରେ ଦିଆଯାଉଛି। ଅନ୍ୟପକ୍ଷରେ ଜାଳେଣି କାଠ କେଜି ୧୫ ଟଙ୍କା ହେଲାଣି। ସଉଦା ଓ ପରିବା ଦରବୃଦ୍ଧି ଘଟିଚାଲିଛି। ଭକ୍ତଙ୍କ ନିକଟରେ ଅବଢ଼ା ପହଞ୍ଚିବା ବେଳକୁ ୧୨ଟି ପର୍ଯ୍ୟାୟ ହୋଇ ପହଞ୍ଚୁଛି। ଜାଳେଣି କାଠ ଯୋଗାଣ, ସଉଦା ଯୋଗାଣ, ପାଣି ଯୋଗାଣ, ବାଇହାଣ୍ଡି ଯୋଗାଣ ଆଦି ଏହିଭଳି ବିଭିନ୍ନ ସେବାଧାରୀଙ୍କ ମାଧ୍ୟମ ହୋଇ ଭକ୍ତଙ୍କ ନିକଟରେ ପହଞ୍ଚୁଛି। ତେଣୁ ଅବଢ଼ା ଦରବୃଦ୍ଧି କରିବା ପାଇଁ ଦୋକାନୀମାନଙ୍କୁ ନେଇ ପ୍ରାରମ୍ଭିକ ଆଲୋଚନା ହୋଇଛି। ଆଗାମୀ ଦିନରେ ଏ ସଂକ୍ରାନ୍ତରେ ପୁଣି ଏକ ବୈଠକ ବସିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯିବ ବୋଲି ସମ୍ପୃକ୍ତ ସେବକ କହିଛନ୍ତି।

ସୂଚନାଯୋଗ୍ୟ, ଏବେ ଶ୍ରୀମନ୍ଦିର ଆନନ୍ଦ ବଜାରରେ ୮୫ଟି ଅବଢ଼ା ଦୋକାନୀ ରହିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ମହାପ୍ରସାଦ ଦର ତାଲିକା ଲାଗିପାରିଲା ନାହିଁ।

## ସୀତାକୁଣ୍ଡରେ ଅଘଟଣ

# ଗ୍ୟାସ୍ ବେଲୁନ୍ ଟାଙ୍କି ବିସ୍ଫୋରଣ; ବିକାଳି ଗୁରୁତର

ବାରିପଦା, ୨୧।୧୨(ସମିସ): ଶିମିଳିପାଳ ପାଦଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତ ପର୍ଯ୍ୟଟନସ୍ଥଳୀରେ ରବିବାର ଏକ ଅଘଟଣ ଘଟିଛି। ଆଜି ଏଠାରେ ବହୁସଂଖ୍ୟକ ପର୍ଯ୍ୟଟକଙ୍କ ସମାଗମ ହୋଇଥିବା ବେଳେ ଏକ ଗ୍ୟାସ୍ ବେଲୁନ୍ ଟାଙ୍କି ବିସ୍ଫୋରଣ ହୋଇଛି। ଏଥିରେ ବେଲୁନ ବିକାଳି ଗୁରୁତର ଆହତ ହୋଇଛନ୍ତି। ଆହତଜଣଙ୍କ ହେଲେ, ବାରିପଦା ସହର ଶୂନଗଡ଼ିଆର ସେରୁ ସିଂ(୨୪)। ତାଙ୍କୁ ଗୁରୁତର ଅବସ୍ଥାରେ ପିଆରଏମ୍ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାଖାପାଖି କେହି ପର୍ଯ୍ୟଟକ ନଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବିସ୍ଫୋରଣ ପରେ ଗ୍ୟାସ୍ ଟାଙ୍କିଟି ପାର୍କିଂରେ ଛିଡ଼ା ହୋଇଥିବା ଏକ ଟୁରିଷ୍ଟ ବସ୍ ଉପରେ ପଡ଼ିଥିଲା। ସେରୁ ଧୂମପାନ କରି ସିଲିଣ୍ଡରକୁ ଅନ୍ୟତ୍ର ନେଇଯାଉଥିଲେ। ପୂର୍ବରୁ ଲିକ୍ ଥିବା ଟାଙ୍କିରେ ଅଠା ଦେଇ ଅସ୍ଥାୟୀ ସିଲ୍ କରିଥିବା ବେଳେ ସେଠାରୁ ଗ୍ୟାସ ଲିକ୍ ହୋଇ ଏହି ଅଘଟଣ ଘଟିଥିବା କୁହାଯାଉଛି। ଦୁର୍ଘଟଣା ପରେ ବେଲୁନ୍ ବିକାଳିଙ୍କୁ ଉଦ୍ଧାର କରିବାକୁ କେହି ଆସିନଥିଲେ।

**ଅଳ୍ପକେ ବର୍ତ୍ତିଲେ ପର୍ଯ୍ୟଟକ**

# ବଢ଼ିବ ଓଡ଼ିଶାର ଜାତୀୟ ଜଳପଥ ସଂଖ୍ୟା

## ରାଜ୍ୟକୁ ଯୋଗ୍ୟ ଜଳପଥର ତାଲିକା ମାଗିଲା କେନ୍ଦ୍ର

ଭୁବନେଶ୍ୱର,୨୧।୧୨(ସମିସ): ଓଡ଼ିଶାରେ ଜାତୀୟ ଜଳପଥର ବିକାଶ ପାଇଁ ପୁଣିଥରେ ଅଣ୍ଟା ଭିଡ଼ିଛି କେନ୍ଦ୍ର ସରକାର। ରାଜ୍ୟରେ ଯେଉଁ ଜଳପଥ ଗୁଡ଼ିକର ଜାତୀୟ ରାଜପଥ ଭାବେ ଘୋଷଣା କରିବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ଓ ମାନଦଣ୍ଡ ରହିଛି, ତାହାର ତାଲିକା ଦେବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ଚିଠି ଲେଖିଛନ୍ତି। ଓଡ଼ିଶା ପକ୍ଷରୁ ତାଲିକା କେନ୍ଦ୍ର ନିକଟରେ ପହଞ୍ଚିବା ପରେ, ଏହାର ଫିଜିବିଲିଟ ସର୍ଭେ ହେବ। ଏହାପରେ ଜାତୀୟ ଜଳପଥ ଭାବେ ମାନ୍ୟତା ପ୍ରଦାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଦେଶରେ ମୋଟ ୧୧୧ଟି ଜଳପଥକୁ ଜାତୀୟ ଜଳପଥର ମାନ୍ୟତା ଦିଆଯାଇଛି। ତନ୍ମଧ୍ୟରେ ଓଡ଼ିଶାର ୬ଟି ଜଳପଥ ସାମିଲ ରହିଛି। ସେଗୁଡ଼ିକ ହେଲା ଜାତୀୟଜଳପଥ-୫, ୧୪, ୨୨, ୨୩, ୬୪ ଓ ୯୬। ଜାତୀୟଜଳପଥ-୫ ଅଧିନରେ ବ୍ରାହ୍ମଣୀ-କୁଶଭଦ୍ରା-ଧାମରା ରହିଥିବା ବେଳେ ଜଳପଥ-୧୪ ଅଧିନରେ ବୈତରଣୀ ନଦୀ ରହିଛି। ସେହିପରି ଜଳପଥ-୨୨ ଅଧିନରେ ବିରୁପା-ଗେଙ୍ଗୁଟି-ବ୍ରାହ୍ମଣୀ ରିଭର ସିଷ୍ଟମ, ଜଳପଥ-୨୩ ଅଧିନରେ ବୁଢାବଳଙ୍ଗ, ଜଳପଥ-୬୪ ଅଧୀନରେ

### ଫିଜିବିଲିଟି ସର୍ଭେ ପରେ ପଦକ୍ଷେପ
### ପୂର୍ବରୁ ୬ଟି ଜଳପଥକୁ ମିଳିଛି ମାନ୍ୟତା
### ଜଳପଥ-୫ ଓ ଜାତୀୟ ଜଳପଥ-୬୪ର ବିକାଶ ପାଇଁ ୧୨୫୦୦ କୋଟି

ମହାନଦୀ ଏବଂ ଜାତୀୟ ଜଳପଥ-୯୬ ଅଧିନରେ ସୁବର୍ଣ୍ଣରେଖା ନଦୀ ସାମିଲ ରହିଛି। ନିକଟରେ ମୁମ୍ବାଇଠାରେ ଅନୁଷ୍ଠିତ ଇଣ୍ଡିଆ ମାରିଟାଇମ୍-୨୦୨୫ କାର୍ଯ୍ୟକ୍ରମରେ ଜାତୀୟ ଜଳପଥ-୫ ଓ ଜାତୀୟ ଜଳପଥ-୬୪ର ବିକାଶ ପାଇଁ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଇନଲ୍ୟାଣ୍ଡ ୱାଟରୱେଜ ଅଥରିଟି ଅଫ୍ ଇଣ୍ଡିଆ (ଆଇଡବ୍ଲ୍ୟୁଏୱାଇ), ରାଜ୍ୟ ସରକାର, ପାରାଦୀପ ପୋର୍ଟ ଅଥରିଟି(ପିପିଏ) ଏବଂ ମହାନଦୀ କୋଲ୍ଡଫିଲ୍ଡ ଲିମିଟେଡ(ଏମସିଏଲ) ମଧ୍ୟରେ ଏହି ଚୁକ୍ତିନାମା ହୋଇଥିବା ବେଳେ ଏଥିପାଇଁ ୧୨୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜାତୀୟ ରାଜପଥ ଓ ରେଳ ଉପରେ ଲଜିଷ୍ଟିକ ଖର୍ଚ୍ଚ



ହ୍ରାସ, ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହନ, ତାଳଚେର କୋଇଲାଖଣିରୁ ପାରାଦୀପ ଓ ଦାମରା ବନ୍ଦରକୁ କାର୍ଗୋ ପରିବହନ ଆଦି ଏହାର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ଅପରପକ୍ଷେ କୌଣସି ଜଳପଥ ଜାତୀୟ ଜଳପଥର ମାନ୍ୟତା ପାଇଲେ ସେଠାରେ ଭିତ୍ତିଭୂମି ବିକାଶର ବ୍ୟାପକ ପଥ ଉନ୍ମୁକ୍ତ ହେଉଥିବାରୁ ଏହା ଓଡ଼ିଶା ପାଇଁ ବେଶ୍ ଉପାଦେୟ ହେବ ବୋଲି ଜଣାପଡ଼ିଛି। ଓଡ଼ିଶାରେ ବହୁ ସଂଖ୍ୟକ ଜଳପଥ ଏଥିପାଇଁ ଯୋଗ୍ୟତା ରଖିଥିବା ବେଳେ ଏନେଇ ଖୁବଶୀଘ୍ର ରିପୋର୍ଟ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଜଳସମ୍ପଦ ବିଭାଗ ସୂତ୍ରରୁ ଜଣାପଡ଼ିଛି।

## ■ ବନ୍ଧୁକ ମୁନରେ ଦାଦାବଟି ଆଦାୟ

# ପୂର୍ବତନ କର୍ପୋରେଟରଙ୍କ ପୁଅ ସମେତ ୨ ଗିରଫ

ବ୍ରହ୍ମପୁର, ୨୧।୧୨ (ସମିସ): ଦାଦାବଟି ଆଦାୟ ମାମଲାରେ ଟାଉନ ଥାନା ପୁଲିସ ପୂର୍ବତନ କର୍ପୋରେଟରଙ୍କ ପୁଅ ସମେତ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ହେଲେ, ପୂର୍ବତନ କର୍ପୋରେଟର୍‌ଙ୍କ ପୁଅ ତଥା ରାଉତପେଟା ସାହିନିବାସୀ ଶୁଭମ ମାଝୀ (୨୨) ଓ ସହଯୋଗୀ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବୁଟୁଲୁ ଗ୍ରାମର ଆଲୋକ ମାଝୀ (୨୬)। ଶୁଭମଙ୍କ ନିକଟରୁ ପୁଲିସ ଗୋଟିଏ ପିସ୍ତଲ, ଗୋଟିଏ ଖଣ୍ଡା, ମୋବାଇଲ୍, ଗୋଟିଏ ଟିଭିଏସ୍ ସ୍କୁଟି, ଗୋଟିଏ ମେଫେଣ୍ଟେରମାଇନ୍ ସଲଫେଟ୍ (ଟରମାଙ୍ଗ) ଇଞ୍ଜେକ୍ସନ ବୋତଲ ଓ ଦୁଇଟି ସିରିଞ୍ଜ ଜବତ କରିଛି।

ସୂଚନାଯୋଗ୍ୟ, ବଡ଼ବଜାର ଥାନା ଅଞ୍ଚଳର ରବି ସେଠୀ (୪୫) ମଧ୍ୟସ୍ଥି ସାଜି ଗେଟବଜାର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଘର ବିକ୍ରି କରିଥିଲେ। ଏଥିରୁ ରବି ମୋଟା ଅଙ୍କର ଅର୍ଥ ପାଇଥିଲେ। ସେହି ଟଙ୍କାରୁ ୭୦ ହଜାର ଟଙ୍କା ଦାବି କରିଥିଲେ ଶୁଭମ। ରବି ଟଙ୍କା ନଦେବାରୁ ଶୁଭମ ତାଙ୍କୁ ଧମକଚମକ ଦେଇଆସୁଥିଲା। ଶୁଭମ ଓ ସହଯୋଗୀ ଆଲୋକ ଉଭୟ ୨ ଓ ୩ ତାରିଖରେ ରବିଙ୍କୁ ଧମକ ଦେବା ସହ ଆକ୍ରମଣ କରିଥିଲେ। ଏପରିକି, ତାଙ୍କୁ ପାନବିକା ସାହି ସମେତ ବିଭିନ୍ନ ସ୍ଥାନକୁ ନେଇ ଅଟକ ରଖି ମାରପିଟ୍ କରିବା ସହ ତାଙ୍କ ମୋବାଇଲକୁ ଭାଙ୍ଗି ଦେଇଥିଲେ। ପରେ ପିସ୍ତଲ ଏବଂ ଖଣ୍ଡା ଦେଖାଇ ୭୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଘଟଣାକୁ ନେଇ ରବି ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ସମୁଦ୍ରକୁ ଶଙ୍ଖେ ଓୟୁଏଟି ପିଲାଙ୍କ ଛାତ୍ରବୃତ୍ତି

- ■ ୨ ଜଣ ପିଜି ପିଲାଙ୍କୁ ମାସିକ ୧୫ଶହ ଓ ଜଣେ ପିଏଚ୍‌ଡି ପିଲାକୁ ୨ ହଜାର
- ■ ବାରମ୍ବାର ଦାବି ସତ୍ତ୍ୱେ କର୍ଣ୍ଣପାତ କରୁନାହାନ୍ତି ସରକାର ଓ କୁଳପତି
- ■ ଆଜିଠୁ ଆମରଣ ଅନଶନରେ ବସିବେ ସମସ୍ତ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୧।୧୨(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପିଲାଙ୍କୁ ମିଳୁଥିବା ଛାତ୍ରବୃତ୍ତି ସମୁଦ୍ରକୁ ଶଙ୍ଖେ। ପିଜି ପିଲାଙ୍କ ମଧ୍ୟରୁ ମାତ୍ର ୨ ଜଣଙ୍କୁ ମାସକୁ ମାତ୍ର ୧୫୦୦ ଟଙ୍କା ମିଳୁଥିବା ପିଏଚ୍‌ଡି ପିଲାଙ୍କ ମଧ୍ୟରୁ ଜଣଙ୍କୁ ମାତ୍ର ୨ହଜାର ଟଙ୍କା ପ୍ରଦାନ କରାଯାଉଛି। ବୃତ୍ତି ରାଶିର ପରିସୀମା ବଢ଼ାଇବାକୁ ବାରମ୍ବାର ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି।

ଓୟୁଏଟିରେ ମୋଟ୍ ୨୬୮ ପିଲା ସ୍ନାତକୋତ୍ତର ଶ୍ରେଣୀରେ ପଢୁଛନ୍ତି। ତନ୍ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଥିବା ମାତ୍ର ୨ଜଣ ପିଲାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାସକୁ ମାତ୍ର ୧୫୦୦ଟଙ୍କା ଲେଖାଏଁ ମେରିଟ୍ ସ୍କଲାରସିପ୍ ପ୍ରଦାନ କରାଯାଉଛି। ଅନୁରୂପ ଭାବେ ମୋଟ୍ ୫୬ ଜଣଛାତ୍ରଛାତ୍ରୀ ପିଏଚ୍‌ଡି କରୁଥିବା ବେଳେ ତନ୍ମଧ୍ୟରୁ ମାତ୍ର ଜଣକୁ ମାସିକ ମାତ୍ର ୨ହଜାର ଟଙ୍କା ସ୍କଲାରସିପ୍ ଦିଆଯାଉଛି। ଅପରପକ୍ଷରେ ରାଜ୍ୟ ବାହାରୁ ପଢୁଥିବା ଛାତ୍ରଛାତ୍ରୀମାନେ ବହୁ ଅଧିକ ସ୍କଲାର୍‌ସିପ୍ ପାଉଛନ୍ତି। ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ମିଳୁ ନ ଥିବାରୁ ଅନେକ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପକାଉଛନ୍ତି। ଗବେଷଣାରତ ଛାତ୍ରଛାତ୍ରୀମାନେ ଋଣ ଉପରେ ଭରସା କରୁଛନ୍ତି। ଯାହା ମାନସିକ ଭାବେ ଚାପଗ୍ରସ୍ତ କରୁଛି। ଏଣୁ ଓଡ଼ିଶାରୁ ପଢୁଥିବା ସମସ୍ତ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ମାସିକ ୧୦ ହଜାର ଏବଂ ପିଏଚ୍‌ଡି ପିଲାଙ୍କୁ ୨୦ ହଜାର ଲେଖାଏଁ ସ୍କଲାରସିପ୍ ପ୍ରଦାନ କରିବାକୁ ଛାତ୍ରଛାତ୍ରୀମାନେ ଦାବି କରୁଛନ୍ତି।

ଦାବି ସମ୍ପର୍କରେ ଦୀର୍ଘଦିନରୁ ଛାତ୍ରଛାତ୍ରୀମାନେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଦାବି ପୂରଣ ପାଇଁ ଗୁହାରି କରିଛନ୍ତି। ପ୍ରତିଶ୍ରୁତି ମଧ୍ୟ ପାଇଛନ୍ତି। ମାତ୍ର ସେମାନଙ୍କ ଦାବି ପୂରଣ ପ୍ରତି ସରକାର କର୍ଣ୍ଣପାତ କରୁ ନଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ବାରମ୍ବାର ଅବଗତ କରି ଆଲୋଚନା କଲେ କୌଣସି ସୁଫଳ ମିଳୁନାହିଁ। ଏଣୁ ଆସନ୍ତାକାଲି ଅର୍ଥାତ୍ ସୋମବାର ଦିନଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏନେଇ କୁଳପତିଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ସମସ୍ତ ଛାତ୍ରଛାତ୍ରୀଙ୍କ ଦରଖାସ୍ତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ଅବଶିଷ୍ଟାଂଶ

## ବଢ଼ିଲା ରେଳ ଯାତ୍ରୀ...

କରିଥିଲେ। ସେତେବେଳେ, ଅଣ-ଏସି ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ ପାଇଁ ପ୍ରତି କିମି ପିଛା ୧ ପଇସା ଏବଂ ଏସି ଶ୍ରେଣୀ ଭଡା ପାଇଁ ପ୍ରତି କିମିରେ ୨ ପଇସା ବୃଦ୍ଧି କରାଯାଇଥିଲା। ତା' ପୂର୍ବରୁ ୨୦୨୦ରେ ଯାତ୍ରୀ ଭଡ଼ା ବୃଦ୍ଧି ହୋଇଥିଲା।

ଭଡ଼ା ବୃଦ୍ଧି ଜରିଆରେ ରେଳବାଇ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୬୦୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଛି। ରେଳ ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ, ବର୍ଦ୍ଧିତ ପରିଚାଳନା ଖର୍ଚ୍ଚକୁ ପୂରଣ କରିବା ଏବଂ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇବା ପାଇଁ ଏହି ଭଡ଼ା ବୃଦ୍ଧି ଜରୁରୀ। ରେଳବାଇ ଏହାର ସେବାକୁ ଉନ୍ନତ କରିବା, ନୂତନ ଟ୍ରେନ ପ୍ରଚଳନ କରିବା ଏବଂ ଷ୍ଟେସନ୍‌ଗୁଡ଼ିକୁ ଆଧୁନିକୀକରଣ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଏହି ଭଡ଼ା ବୃଦ୍ଧି ଦ୍ୱାରା ସୃଷ୍ଟ ୬୦୦ କୋଟିର ଅତିରିକ୍ତ ରାଜସ୍ୱ ଏହି କାର୍ଯ୍ୟ ପାଇଁ ବ୍ୟବହାର କରାଯିବ।

## ନାକେଦମ୍ କରିବ...

କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ସେହିପରି ସମ୍ବଲପୁର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ଦେବଗଡ଼, କଳାହାଣ୍ଡି ଓ କୋରାପୁଟରେ ମଧ୍ୟମଧରଣର କୁହୁଡ଼ି ପାଇଁ ପାଣିପାଗ କେନ୍ଦ୍ର କହିଛି।

ଘନ କୁହୁଡ଼ିକୁ ଦୃଷ୍ଟିରେ ରଖି କିପରି ରାସ୍ତାରେ ଯାନବାହନ ଚଳାଚଳରେ ଦୁର୍ଘଟଣା ନ ଘଟିବ ତାହା ଉପରେ ରାଜ୍ୟ ପରିବହନ ବିଭାଗ ଗୁରୁତ୍ୱ ଦେଇଛି। ଏଥିପାଇଁ ବିଭାଗ ପକ୍ଷରୁ କୁହୁଡ଼ି ସମୟରେ ଗାଡ଼ି ନ ଚଳାଇବାକୁ ପରାମର୍ଶ ଦିଆଯାଇଛି। ନିହାତି ଆବଶ୍ୟକ ଥିଲେ ଧୀରେ ଓ ସାବଧାନତାର ସହ ଗାଡ଼ି ଚଳାଇବାକୁ କୁହାଯାଇଥିବା ବେଳେ ଗାଡ଼ି ପାର୍କିଂ ସମୟରେ ହାଜାର୍ଡ ଲାଇଟ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଏହାସହିତ ଆବଶ୍ୟକ ନଥିଲେ ଗାଡ଼ି ଓଭରଟେକ୍ କରିବାକୁ ମଧ୍ୟ ବାରଣ କରାଯାଇଛି। ଦ୍ରୁତଗତିରେ ଗାଡ଼ି ଚଳାଇବାକୁ ବାରଣ କରାଯିବା ସହ ହଠାତ୍ ଲେନ୍ ପରିବର୍ତ୍ତନ ନ କରିବା ଓ ଗାଡ଼ି ଗାଡ଼ି ମଧ୍ୟରେ ସୁରକ୍ଷିତ ବ୍ୟବଧାନ ରଖିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି।

ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଜି. ଉଦୟଗିରିରେ ୫.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏହା ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଲିଗୁଡ଼ାରେ ୬.୭, ଦାରିଙ୍ଗବାଡ଼ି ୭, ଫୁଲବାଣୀ ୭, କୋରାପୁଟ ୭.୬, ନବରଙ୍ଗପୁର ୯, ଭବାନୀପାଟଣା ୯.୪ ବୌଦ୍ଧ ୯.୬, ଅନୁଗୁଳ ୯.୬ ଓ ଝାରସୁଗୁଡ଼ାରେ ପାରଦ ୯.୬ ଡିଗ୍ରୀ ରେକର୍ଡ ହୋଇଛି।

## ଜଣେ ମୃତ...

ରେଣ୍ଡୀ, ହିମାଂଶୁ ସେଠୀ, ସାଗର ଦାସ, କୈଳାସ ଦାସ, ଡି. ଦୁର୍ଯ୍ୟୋଧନ ପ୍ରମୁଖଙ୍କ ସମେତ ୧୭ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁସାରେ, ବ୍ରହ୍ମପୁର ସହର ଉପକଣ୍ଠ ଆଙ୍କୁଶପୁରସ୍ଥିତ ଘରୋଇ ସ୍କୁଲ ତକ୍ଷଶୀଳାର ବସ୍‌ରେ ରବିବାର ସକାଳେ ସ୍କୁଲ କର୍ମଚାରୀ, ଏମଆରଏଫ୍ ଓ ରୟାଲ ଏନଫିଲ୍ଡର କର୍ମଚାରୀ ମିଶି ବଣଭୋଜି କରିବାକୁ ଯାଇଥିଲେ। ପାତ୍ରପୁର ବ୍ଲକ ତଥା ଜରଡ଼ା ଥାନା ଅନ୍ତର୍ଗତ ବାର୍‌ହା ପଥରକୁ ସେମାନେ ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ଫେରିବା ବେଳେ ବ୍ରେକ୍ ଫେଲ୍ ହୋଇଯିବାରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ, ଜରଡ଼ା ଥାନା ପୁଲିସ ଓ ପାତ୍ରପୁର ଅଗ୍ନିଶମ ବାହିନୀର ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ସମସ୍ତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

## ଓଡ଼ିଶା ଉପରେ...

ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି। ଏହି କ୍ରମରେ ପୂର୍ବ ବର୍ଷର 'ମନରେଗା'ରେ ହୋଇଥିବା ଆର୍‌ଥିକ ଅଟକଳକୁ ଦେଖିଲେ ଓଡ଼ିଶାର ଏହି ଖର୍ଚ୍ଚ ପାଖାପାଖି ୫୫୦ ପ୍ରତିଶତ ବଢ଼ିଯିବ ବୋଲି ଆକଳନ କରାଯାଇଛି। ଗତ ୨୦୨୪-୨୫ ଆର୍‌ଥିକ ବର୍ଷରେ ଓଡ଼ିଶାରେ 'ମନରେଗା' ପାଇଁ ମୋଟ୍ ୪୬୩୬.୭୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ଅଣକୁଶଳୀ ମଜୁରୀ ବାବଦକୁ ୩୧୮୬.୯୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପୂର୍ବ ଯୋଜନା ଅନୁଯାୟୀ ଏ ବାବଦକୁ ଓଡ଼ିଶାକୁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିବାକୁ ପଡ଼ି ନାହିଁ। ହେଲେ 'ଭିବି ଜି-ରାମ୍-ଜି' ଯୋଜନାରେ ଏହି କ୍ଷେତ୍ରରେ ଓଡ଼ିଶାକୁ ୧୨୭୪.୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ସମାନ ଭାବେ ପ୍ରଶାସନିକ ଖର୍ଚ୍ଚ ବାବଦକୁ ମଧ୍ୟ ୮୪.୫୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏବାବଦରେ ଓଡ଼ିଶାର ଖର୍ଚ୍ଚ ପ୍ରାୟତ ଶୂନ ରହିଛି। ହେଲେ ନୂତନ ଯୋଜନାରେ ଏହି ସମସ୍ତ ବାବଦକୁ ଓଡ଼ିଶା ଖର୍ଚ୍ଚ ଭରଣା କରିବା ସହ ପୂର୍ବ ତୁଳନାରେ ପ୍ରତିଶତ ମଧ୍ୟ ବୃଦ୍ଧି ପାଇଛି। ଏପରି ହାରରେ ମୋଟ୍ ଖର୍ଚ୍ଚର ୪୦ ପ୍ରତିଶତ ଖର୍ଚ୍ଚ ଓଡ଼ିଶା ଖର୍ଚ୍ଚ କଲେ ୧୮୫୪.୧୩ କୋଟି ଟଙ୍କା ଭାଗ ପଡୁଛି। ହେଲେ ମନରେଗା ଏହି କ୍ଷେତ୍ରରେ ଓଡ଼ିଶା ମାତ୍ର ୩୪୧.୧୮ କୋଟି ଖର୍ଚ୍ଚ କରିଛି। ଯାହାକି ମୋଟ୍ ଅର୍ଥର ୭.୩୫ ପ୍ରତିଶତ ରହିଛି। ହେଲେ ଏବେ ଏହି ଯୋଜନା ବାବଦକୁ ୪୦ ପ୍ରତିଶତ ଅର୍ଥ ବ୍ୟୟ କଲେ ଏହି ଖର୍ଚ୍ଚ ପ୍ରାୟ ୫୪୩.୪ ପ୍ରତିଶତ ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ପୂର୍ବରୁ ଓଡ଼ିଶା ସରକାର ସୁଭଦ୍ରା ଯୋଜନା ପାଇଁ ବାର୍ଷିକ ପ୍ରାୟ ୧୦ ହଜାର କୋଟି ଟଙ୍କା ଓ ଧାନ କିଣାରେ ୮୦୦ ଟଙ୍କା ସବସିଡି ବାବଦକୁ ୬୦୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ରାଜ୍ୟର ଆର୍‌ଥିକ ପରିଚାଳନା ଏକ ପ୍ରକାର ଅସନ୍ତୁଳନ ହୋଇପଡ଼ିଥିବା ବେଳେ ସରକାର ଏବେ ଖୋଲା ବଜାରରୁ ମଧ୍ୟ ଋଣ କରିବାକୁ ବାଧ୍ୟ ହେଉଛନ୍ତି। ଏବେ 'ଭିବି ଜି-ରାମ୍-ଜି' ବାବଦକୁ ଖର୍ଚ୍ଚର ପରିମାଣ ୨୦୦୦ କୋଟି ଟଙ୍କା ବଢ଼ିଗଲେ ଓଡ଼ିଶା ଉପରେ ଆର୍‌ଥିକ ବୋଝ ଆହୁରି ବଢ଼ିବା ଏକ ପ୍ରକାର ସୁନିଶ୍ଚିତ ହୋଇଛି। କୋଭିଡ ସମୟରେ ମନରେଗା ଯୋଗୁଁ କୋଟି କୋଟି ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ଏବଂ ତାଙ୍କ ଜୀବନକୁ ରକ୍ଷା କରାଯାଇପାରିଥିଲା। ହେଲେ ନୂଆ ଯୋଜନା ଅନୁସାରେ ବଜେଟର ପରିମାଣ କେନ୍ଦ୍ର ସରକାର ସ୍ଥିର କରିବେ। କେଉଁ କାମ ହେବ ତାହା ମଧ୍ୟ କେନ୍ଦ୍ର ସ୍ତରରେ ସ୍ଥିର ହେବ। ଫଳରେ ପଞ୍ଚାୟତର ଭୂମିକାକୁ ଗୌଣ କରିଦିଆଯିବ ବୋଲି ଦର୍ଶାଇ ବିରୋଧୀ ଏହି ଯୋଜନାକୁ ବିରୋଧ କରୁଛନ୍ତି। ଏହା ସହିତ ରାଜ୍ୟମାନଙ୍କର ଅଂଶଧନ ୪୦ ପ୍ରତିଶତ କରିବା ଦ୍ୱାରା ବହୁ ରାଜ୍ୟ ଏହି ଯୋଜନାକୁ କାର୍ଯ୍ୟକାରୀ କରିପାରିବେ କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ ରହିଛି। ଓଡ଼ିଶାରେ ପ୍ରାୟ ୬୭.୫ ଲକ୍ଷ ଶ୍ରମିକ ମନରେଗା ଦ୍ୱାରା କାମ ପାଉଥିଲେ। ଫଳରେ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ଏହା ବଳିଷ୍ଠ କରିପାରୁଥିଲା। ମାତ୍ର ନୂତନ ଯୋଜନାରେ ରାଜ୍ୟ ସରକାରଙ୍କ ଉପରେ ଆର୍‌ଥିକ ବୋଝ ବଢୁଥିବାରୁ ଏହାକୁ ନେଇ ସରକାରଙ୍କର କେଉଁ ଆଭିମୁଖ୍ୟ ରହୁଛି ତାହା ମଧ୍ୟ ପ୍ରଶ୍ନ ଘେରରେ ରହିଛି।

## ନିଜ ନିୟମକୁ...

ଦିଆଯାଇଥିଲା। ପୁଲିସ ଅଧିକାରୀମାନେ ନିୟମ ନମାନି ଷ୍ଟେସନରେ ୩ବର୍ଷରୁ ଅଧିକ ଓ ଗୋଟିଏ ଜିଲ୍ଲାରେ ୬ବର୍ଷରୁ ଅଧିକ ସମୟ ଧରି ରହୁଥିବାରୁ ଏହା ପୁଲିସର ଛବିକୁ ମଳିନ କରୁଥିଲା। ଏଥିରେ ସ୍ୱଚ୍ଛତା ଆଣିବାକୁ ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗ ପତ୍ର ଅନୁସାରେ ରାଜ୍ୟ ପୁଲିସ ବିଭାଗ ସ୍ୱତନ୍ତ୍ର ବଦଳି ନୀତି ଆଣିଥିଲା। ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ସାଧାରଣ ବଦଳି ପ୍ରକ୍ରିୟା କରିବ ବୋଲି ନୀତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲା। ନଭେମ୍ବର ପହିଲାରେ ଆସିଥିବା ଏହି ନିୟମକୁ ସେହି ମାସରେ ହିଁ ଲାଗୁ କରାଯାଇଥିଲା। ଗତ ମାସ ୧୯ ତାରିଖ ଦିନ ୪୭୫ ଜଣ ଇନ୍ସପେକ୍ଟରଙ୍କର ହୋଇଥିବା ବଦଳିରେ ପୁଲିସ ବଦଳି ନୀତିକୁ ଆପଣାଯିବା ସହ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟଧରି ରହିଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି ହୋଇଥିଲା। ପୁଲିସ ଭଳି ବିଭାଗରେ ବଦଳି ନୀତି କାର୍ଯ୍ୟକାରୀ ହେବା ପରେ ସ୍ୱଚ୍ଛତା ଆସିବ ବୋଲି ଆଶା କରାଯାଉଥିଲା।

କିନ୍ତୁ ଦୁଇମାସ ବିତି ନଥିବା ବେଳେ ନିୟମକୁ ଫୁ' କରିଦେଇଛି ପୁଲିସ ବିଭାଗ। ନଭେମ୍ବର ୧୯ ତାରିଖରେ ବଦଳି ହୋଇଥିବା ୪୭୫ ଜଣ ଇନ୍ସପେକ୍ଟରଙ୍କ ମଧ୍ୟରୁ ୫୬ଜଣ ଇନ୍ସପେକ୍ଟର୍‌ଙ୍କ ବଦଳିକୁ ବାତିଲ କରି ପରିବର୍ତ୍ତନ କରାଯାଇଛି। ଏହି ବଦଳି ପରେ ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗର ଚିଠିର ଧଜିଆ ଉଡ଼ିଛି। ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ବଦଳି ହେବାର ନିୟମ ରହିଥିବା ବେଳେ କାହା ସ୍ୱାର୍ଥରେ ଅଚାନକ ବଦଳି କରାଗଲା, ତାକୁ ନେଇ ପ୍ରଶ୍ନ ଉଠିଛି।

ଆଶ୍ଚର୍ଯ୍ୟଜନକ କଥା ହେଲା, ଏଥିରେ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ରହିଥିବା ଅଧିକାରୀଙ୍କୁ ପୁଣିଥରେ ସେହି ଜିଲ୍ଲାରେ ନିଯୁକ୍ତି ଦିଆଯାଇଛି। ମୋଟାମୋଟି କହିବାକୁ ଗଲେ, ଅନୁଗୋଳ, ରାଉରକେଲା, ଯାଜପୁର ଓ କମିସନରେଟ୍ ପୁଲିସ ସମେତ ଅନ୍ୟ କେତେକ ପୁଲିସ ଜିଲ୍ଲାରେ ଥିବା କିଛି ଅଧିକାରୀଙ୍କ ପାଇଁ ଏହି ନିୟମ ପ୍ରହସନ ପାଲଟିଛି।


**AFFIDAVIT**

By virtue of an Affidavit sworn before the Executive Magistrate, Dhamnagar, on 21.11.2025, I, MINATI JENA, W/o- NIRANJAN JENA, Vill.- Nandore Katasahi, P.S.- Dhusuri, Dist.- Bhadrak hereby declare that my name has been wrongly mentioned as MINA JENA in my HDFC Life Insurance Policy. That Minati Jena & Mina Jena is one and the same person. Henceforth, I shall be known as **MINATI JENA** for all purposes.

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

ସକାଳ
THE SAKALA



## ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର

**ସୁକିନ୍ଦା, ୨୧।୧୨(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ମହୁଲପାଳ ଗ୍ରାମ ନୀଳମଣି ସାହୁ(୬୦) ଓ ଅମ୍ବୁଜ ରାଉତ(୫୫) ବାଇକ୍ ନେଇ ଡୁବୁରୀ ଯାଉଥିବା ସମୟରେ ସୁକିନ୍ଦା ଛକ ନିକଟରେ ଅନ୍ୟ ଏକ ବାଇକ୍ ସହ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଉଭୟ ଆହତଙ୍କୁ ସ୍ଥାନୀୟ ଲୋକେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନିଳମଣୀଙ୍କ ଗୋଡ଼ ଭାଙ୍ଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ସୁକିନ୍ଦା, ୨୧।୧୨(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ଅଗ୍ରା ବ୍ରିଜ ନିକଟରୁ ଡିଡିଏମ ଯାଜପୁର ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ଜିଲ୍ଲା ମାଇନିଂ ଅଫିସର ଅଶୋକ କୁମାର ମହାନ୍ତି ଓ ଶେଖର କୁମାର ମଲ୍ଲିକଙ୍କ ନେତୃତ୍ୱରେ ସୁକିନ୍ଦା ପୁଲିସ ଓ ତହସିଲ କର୍ମଚାରୀଙ୍କ ମିଳିତ ସହଯୋଗରେ ଅଗ୍ରା ବ୍ରିଜ ନିକଟରେ ଚଢ଼ଉ କରାଯାଇ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇ ସୁକିନ୍ଦା ଥାନାରେ ଅଟକ ରଖାଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ବାଲି ବୋଝେଇ ଟ୍ରାକ୍ଟର ଆବଶ୍ୟକୀୟ କାଗଜପତ୍ର ଦେଇ ନପାରିବାରୁ ଦୁଇ ଲକ୍ଷ ଟଙ୍କାର ଜୋରିମନା ଲଗା ଯାଇଥିବା ବିଭାଗୀ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି।



## ଟାଟା ବିସ୍ଥାପିତ ପରିବାରଙ୍କ ଧାରଣା ପ୍ରତ୍ୟାହୃତ

**ଦାନାଗଦି, ୨୧।୧୨(ସମିସ)**

୧୮ ଘଣ୍ଟା ଧାରଣା ଦେବା ପରେ କ୍ଷତିପୂରଣ ମିଳିବାରୁ ବିସ୍ଥାପିତ ପରିବାରଙ୍କ ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନା ମୁତାବକ ଟାଟା ଷ୍ଟିଲ ପ୍ରତିଷ୍ଠା ସମୟରେ ଗାଡ଼ପୁରର ମାର୍କଣ୍ଡ ହାଇବ୍ରୁଙ୍କ ଝିଅ ଜେମା ହାଇବ୍ରୁ କାରଖାନା ପାଇଁ ଜମିବାଡ଼ି ହରାଇ ବିସ୍ଥାପିତ ହୋଇଥିଲେ ମଧ୍ୟ ଦୀର୍ଘ ୨୦ ବର୍ଷ ଧରି ତାଙ୍କୁ ସରକାରଙ୍କ ପୁନର୍ବାସ ଥଇଥାନ ନୀତି ଅନୁଯାୟୀ କ୍ଷତିପୂରଣ ନ ମିଳିବା ଯୋଗୁଁ ସେ ଧାରଣା ଦେଇଥିଲେ। ପ୍ରଶାସନ ପକ୍ଷରୁ ସର୍ଭେ ସମୟରେ ଜେମାଙ୍କ ନାମ ସଠିକ ଭାବେ ପଞ୍ଜିକୃତ ହୋଇନଥିବାରୁ ସେ ଦୀର୍ଘ ୨୦ ବର୍ଷ ଧରି ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ ସମସ୍ତ ସୁବିଧା ପାଇବାରୁ ବଞ୍ଚିତ ହୋଇଥିଲେ। ଜେମା ହାଇବ୍ରୁଙ୍କ ନିଜ ସାନ ଭଉଣୀ ପୁନର୍ବାସ - ଥଇଥାନ ନୀତି ଅନୁଯାୟୀ ୧୦ ଡେସିମିଲି ଜମି ସହ ଟାଟା କାରଖାନାରେ ନିଯୁକ୍ତି ପାଇ ସମସ୍ତ ପ୍ରକାର ସହଯୋଗ ପାଇଥିବା ବେଳେ ପ୍ରାଶାସନିକ ଭୁଲ ଯୋଗୁଁ ସମସ୍ତ ସୁବିଧାରୁ ବଡ଼ଭଉଣୀ ଜେମା ଏଥିରୁ ବଞ୍ଚିତ ହୋଇଥିଲେ। ଜେମା ନିଜର ହକ୍ ପାଇଁ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଟାଟା ପଦାଧିକାରୀଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିଥିଲେ ହେଁ କୌଣସି ସୁଫଳ ନ ପାଇ ଶେଷରେ ମାନସିକ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁ ବରଣ କରିଛନ୍ତି। ସରକାରଙ୍କ ପୁନର୍ବାସ - ଥଇଥାନ ନିତି ଅନୁଯାୟୀ ଜେନାଙ୍କୁ କ୍ଷତିପୂରଣ ଦେବା ଦାବି କରି ଟାଟା ଫାଟକ ସାମ୍ନାରେ ଶବ ରଖି ବିସ୍ଥାପିତ ଧାରଣା ଦେଉଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଘଟଣାସ୍ଥଳରେ କଳିଙ୍ଗନଗର ଏଡିଏମ୍ ସପନ କୁମାର ନନ୍ଦ, ଦାନଗଦି ତହସିଲଦାର ରଞ୍ଜିତ ମଲିକ, ଭୂ-ଅର୍ଜନ ଅଧିକାରୀ ନମ୍ରତା ମୋଦୀଙ୍କ ସମେତ କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ ଉପସ୍ଥିତ ରହି ବିସ୍ଥାପିତ ପରିବାରର ସଦସ୍ୟ ବାବୁଲି ହାଇବ୍ରୁ, ରବି ଜାରିକା, ବାବୁଲି ପୂର୍ତ୍ତି, ସ୍ୱର୍ଣ୍ଣଲତା ବାନରା ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ। ସୁଦ୍ଧିକ୍ରିୟା ନିମନ୍ତେ ଏକ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା ବେଳେ ନଗଦ ୨୦ ହଜାର ଟଙ୍କା ଓ ୮୦ ହଜାର ଟଙ୍କା ୭ଦିନ ଭିତରେ ଜିଲ୍ଲାପାଳ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### କୋରେଇ ବିଜେପି ଯୁବ ନେତାଙ୍କ ସାଂଘାତିକ ବୟାନ

## ବାଲି ଚୋରାଚାଲାଣ କରିବାକୁ ବିଜେପିକୁ ଆସୁଛନ୍ତି ନେତା

**ଯାଜପୁର, ୨୧।୧୨(ସମିସ):** ରାଜ୍ୟରେ ନୂତନ ସରକାର ଆସିବା ପରେ ଯାଜପୁର ଜିଲ୍ଲାରେ ଲଘୁଖଣିଜ ସମ୍ପଦର ଜୋରଦାର ଚୋରା ଚାଲାଣ ହେଉଛି। ବିଶେଷକରି ବାଲିର ଅବାଧ ଚୋରାଚାଲାଣ ହେଉଛି। ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ବେଆଇନ ବାଲି ଘାଟ ସୃଷ୍ଟି କରାଯାଇ ଦିନ ରାତି ଚୋରାଚାଲାଣ ହେଉଥିବା ଅଭିଯୋଗ ମାଳ ମାଳ ହେଉଛି। ଯାହାକୁ ରୋକିବା ପ୍ରଶାସନର ମୁଣ୍ଡବିନ୍ଧା ପାଲଟିଛି। ଶାସକ ଦଳର ନେତାମାନଙ୍କ ଇଙ୍ଗିତରେ ଏହି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଥିବାରୁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବା ପାଇଁ କୁଣ୍ଠକୁଣ୍ଠ ହେଉଛି। ଏଭଳି ଅଭିଯୋଗ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେଉଥିଲେ ମଧ୍ୟ ଖଣି ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିପାରୁନାହିଁ। ଏହି ସମୟରେ ବିଜେପିର ଯୁବ ନେତା ମୃତ୍ୟୁଞ୍ଜୟ ମିଶ୍ର କୋରେଇରେ ହେଉଥିବା ବାଲି ଚୋରା ଚାଲାଣ ସମ୍ପର୍କରେ ଏକ ଭିଡିଓ ଜାରି କରିଛନ୍ତି। ଯେଉଁଥିରେ ସେ ସ୍ପଷ୍ଟ ଭାବେ ଜିଲ୍ଲାରେ ବିଶେଷ କରି କୋରେଇରେ ହେଉଥିବା ବାଲି ଚୋରାଚାଲାଣକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ଏ ସମ୍ପର୍କରେ ସେ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ। ଏହା ପରେ ପ୍ରଶାସନ ପକ୍ଷରୁ କୋରେଇର ବିଭିନ୍ନ ବାଲି ଖାଦାନ ଉପରେ ଚଢ଼ଉ କରାଯାଇଛି ଏବଂ ଏହି ବାଲି ଚୋରାଚାଲାଣ ପଛରେ ବିଜେପି ନେତାଙ୍କ ହାତ ଥିବା ପରୋକ୍ଷରେ କହିଛନ୍ତି। ଏହି ବାଲି ଚୋରା ଚାଲାଣ କରିବା ପାଇଁ ଶାସକ ବିଜେପି ଦଳରେ ଅନେକ ନେତା ମିଶୁଥିବା ସେ ଉଲ୍ଲେଖ କରିଛନ୍ତି।

କୋରେଇରୁ ପଶ୍ଚିମବଙ୍ଗକୁ ହେଉଥିବା ବ୍ୟାପକ ବାଲିଚାଲାଣ ପଛରେ ନିନା ଘଡ଼େଇ ନାମକ ବ୍ୟକ୍ତିଙ୍କୁ ଦାୟୀ କରିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଶ୍ରୀ ମିଶ୍ରଙ୍କ ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ଏହି ବାଲି ଚୋରାଚାଲାଣ ପଛରେ ସ୍ଥାନୀୟ ବିଧାୟକଙ୍କ ହାତ ଥିବା ଏବଂ ସେ ନିର୍ବାଚନ ପୂର୍ବରୁ ବିଜେପିରେ ସାମିଲ ହୋଇଥିଲେ ବୋଲି କେତେକ କମେଣ୍ଟ କରିଥିବା ଦେଖିବାକୁ ମିଳିଛି। ତେବେ ଯାହା ହେଉ ବିଜେପି ଯୁବ ନେତା ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବାଲି ଚୋରାଚାଲାଣ ବନ୍ଦ କରିବାକୁ ନେଇଥିବା ନିଷ୍ପତିକୁ ସ୍ୱାଗତ କରି ଅନ୍ୟପଟେ କୋରେଇରେ ହେଉଥିବା ବାଲି ଚୋରାଚାଲାଣ ପଛରେ ବିଜେପି ନେତାଙ୍କ ହାତ ଥିବା ପରୋକ୍ଷରେ ସ୍ୱୀକାର କରିଥିବା ଘଟଣା ବେଶ ଚର୍ଚ୍ଚାର ବିଷୟ ପାଲଟିଛି।

### ଜମିଜମା ବିବାଦକୁ ନେଇ ଗଣ୍ଡଗୋଳ

## ଉଭୟ ପକ୍ଷରୁ ୫ ଜଣ ଗିରଫ

**ବଡ଼ଚଣା, ୨୧।୧୨(ସମିସ):** ବଡ଼ଚଣା ଥାନା ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମରେ ଜମିଜମା ଗଣ୍ଡଗୋଳରୁ ଉଭୟ ପକ୍ଷରୁ ପୁଲିସ ଆଜି ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ପ୍ରକାଶ ଥାଉକି ପୂର୍ବ ଶତ୍ରୁତା ଏବଂ ଜମିବାଡିକୁ ନେଇ ଗତକାଲି ସୁଙ୍ଗୁଡା ଗ୍ରାମରେ ଦୁଇ ଗୋଷ୍ଠୀ ପକ୍ଷରୁ ପାଟିତୁଣ୍ଡ ହୋଇ ମାଡଗୋଳ ହୋଇଥିଲେ। ପରେ ଏହାକୁ ନେଇ ଉକ୍ତ ଗାଁର ଲାଲି ବିବି ଓ ସାଇରା ବିବି ଉଭୟ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ସୁରେନ୍ଦ୍ର କୁମାର ଜେନା ଘଟଣାର ତଦନ୍ତ କରି ଏସ୍ଆଇ ଶାନ୍ତନୁ ମିଶ୍ରଙ୍କୁ ମାମଲାର ତଦନ୍ତ ଭାର ଦେଇଥିଲେ। ପରେ ଏହାକୁ ନେଇ ତଦନ୍ତ କରି ଶ୍ରୀ ମିଶ୍ର ଦୁଇଟି ପୃଥକ ପୃଥକ ମାମଲା ୪୬୩/୨୫ ଓ ୪୬୪/୨୫ରେ ରୁଜୁ କରି ଆଜି ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ୟାସିନ୍ ଖାଁ (ରାଜା), ଜାବିର ଖାଁ, ସାବିର୍ ଖାଁ ଓ ଅନ୍ୟ ଦୁଇ ଜଣଙ୍କୁ ମିଶାଇ ଗିରଫ ହୋଇଥିବା ୫ ଜଣଙ୍କର ଚଣ୍ଡିଖୋଲ ଅଦାଲତ ଜାମିନ ନାମଞ୍ଜୁର କରିବାରୁ ରଗଡ଼ି ଜେଲ୍ ପଠାଇ ଦିଆଯାଇଛି। ସୂଚନା ମୁତାବକ ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଜମି ଜମା ବିବାଦ ଲାଗିରହିଥିଲା ପୂର୍ବରୁ ବହୁ ମାମଲା ଥାନା ଫାଣ୍ଡି ଅଦାଲତରେ ଚାଲୁଛି ବୋଲି ଗ୍ରାମବାସୀଙ୍କ ଠାରୁ ପ୍ରକାଶ।

## ଜଳିଗଲା ଧାନ ବୋଝେଇ ଟ୍ରାକ୍ଟର

**ପାଣିକୋଇଲି, ୨୧।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ବିଦ୍ୟୁତ ତାର ସଂଯୋଗରେ ଆସି ଧାନ ବୋଝେଇ ଟ୍ରାକ୍ଟରରେ ନିଆଁ ଲାଗିଯାଇଥିଲା। ଫଳରେ ନିଆଁ ଲିଭାଇବାକୁ ଯାଇ ଧାନ ମାଲିକ ବାପ ପୁଅ ଆହତ ହୋଇଥିବା ଜଣାପଡ଼ିଛି। ପ୍ରକାଶଯେ ଏକ ଟ୍ରାକ୍ଟର ଯୋଗେ ଗୋବିନ୍ଦପୁର ଗ୍ରାମର ନିରଞ୍ଜନ ପାଳ ଓ ନିତ୍ୟାନନ୍ଦ ପାଳ କଟାଯାଇଥିବା ଧାନକୁ ଏକ ଟ୍ରାକ୍ଟର ଯୋଗେ ଘରକୁ ଆଣୁଥିଲେ। ଏହି ସମୟରେ ହାତପାଆନ୍ତାରେ ଥିବା ବିଦ୍ୟୁତ ତାର ଧାନରେ ଲାଗିଥିଲା। ଫଳରେ ଧାନ ଜଳିବାକୁ ଲାଗିଥିଲା। ଟ୍ରାକ୍ଟରଟି ସେଠାରେ ଧାନକୁ ଓହ୍ଲାଇ ଦେଇ ବର୍ତ୍ତି ଯାଇଥିଲା। ହେଲେ ନିଆଁ ଲିଭାଇବାକୁ ଚେଷ୍ଟା କରି ବାପ ପୁଅ ଆହତ ହୋଇଥିଲେ। ଖବର ପାଇ ବୈତରଣୀରୋଡ ଦମକଳ ବାହିନୀ ଘଟଣାସ୍ଥଳେ ପହଞ୍ଚି ନିଆଁକୁ ଆୟତ କରିଥିବା ବେଳେ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବାପ ପୁଅ ଏବେ ଚିକିତ୍ସାଧିନ ଅବଛନ୍ତି। ବିଦ୍ୟୁତ ବିଭାଗ ଅବହେଳାରୁ ଏଭଳି କାଣ୍ଡ ଘଟିଥିବାର ଅଭିଯୋଗ ହୋଇଛି।

### ଜେଜେ ମା' ହତ୍ୟା ମାମଲା


## ନାତି ସମେତ ପୁଅ ଅଦାଲତ ଚାଲାଣ

**ପାଣିକୋଇଲି, ୨୧।୧୨(ସମିସ):** ପାଣିକୋଇଲି ଅଞ୍ଚଳରେ ବହୁ ଚର୍ଚ୍ଚିତ ସମ୍ପତି ଲୋଭରେ ଜେଜେ ମା'କୁ ନାତି ଗାଡି ଚଢାଇ ମାରିଦେବା ଘଟଣାରେ ପୁଲିସ ପୁଅ ସମେତ ମୁଖ୍ୟ ଅଭିଯୁକ୍ତ ସହ ସାନ ନାତିକୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ପ୍ରକାଶ ଯେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଖାନ୍ଦରାପୁର (ସିଂଗଡ଼ା) ଗ୍ରାମରେ ଗୁରୁବାର ନାତିର ଗାଡି ଧକ୍କାରେ ଜେଜେମାର ମୃତ୍ୟୁ (ହତ୍ୟା) ଘଟିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ୪୦୦/୨୫ ରୁଜୁ କରି ଶୁକ୍ରବାର ସାଇନ୍‌ଟିଫିକ୍ ଟିମ ଦ୍ୱାରା ତଦନ୍ତ କରିଥିଲା। ଆଜି ତଦନ୍ତାଧିକାରୀ ସବଇନ୍ସପେକ୍ଟର ସୁମିତ କୁଜୁର ଯାଜପୁରରୋଡ ଅଞ୍ଚଳରୁ ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକକୁ ଗିରଫ କରିବା ସହ ପିକଅପକୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି। ଆଜି ବୃଦ୍ଧାର ପୁଅ ରାରାୟଣ ସାହୁ (୩୨)ଓ ତାଙ୍କ ପୁଅ ମୁଖ୍ୟଅଭିଯୁକ୍ତ କାର୍ତ୍ତିକ ସାହୁ( ୩୨) ଏବଂ ସାନପୁଅ ରମେଶ ସାହୁଙ୍କୁ ଗିରଫ କରି ଦଫା ୧୦୩(୧)/୩(୫) ବିଏନଏସ ରେ ଅଦାଲତ ଚାଲାଣ କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ଡାକ୍ତର ଗୁରୁତର

**ପାଣିକୋଇଲି, ୨୧।୧୨(ସମିସ):** ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ବଡ଼ବିରୁହାଁ ଠାରେ ଏକ ଦ୍ରୁତଗାମୀ ବାଇକ ଧକ୍କାରେ ଅବସରପ୍ରାପ୍ତ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରକାଶଯେ ହାଟସାହି ଓ ରସୁଲପୁର ଆୟୁର୍ବେଦିକ ଡାକ୍ତରଖାନାରେ ଦୀର୍ଘ ବର୍ଷ ଧରି କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ବାଲେଶ୍ୱର ଜିଲ୍ଲା ମୋତିଗଂଜ ଅଞ୍ଚଳର ଡାକ୍ତର ଦୟିନିଧି ଦ୍ୱିବେଦୀ ଗତ ୧୯ ତାରିଖ ଦିନ ଯାଜପୁର ରୋଡ଼ରୁ କାର୍ଯ୍ୟସାରି ନିଜ ବାଇକରେ ସେ ରହୁଥିବା ବଡ଼ ବିରୁହାଁ ସ୍ଥିତ ଭଡ଼ା ଘରକୁ ଫେରୁଥିବା ବେଳେ ଗ୍ରାମର ଛକ ନିକଟରେ ଉକ୍ତ ଗ୍ରାମର ସୁଶାନ୍ତ ସେନାପତିଙ୍କ ପୁଅ ଚିତ୍ତରଞ୍ଜନ (୨୦) ଦ୍ରୁତଗତିରେ ଆସି ଡାକ୍ତରଙ୍କ ବାଇକ ପଛରେ ଧକ୍କା ଦେଇଥିଲା। ଫଳରେ ଡାକ୍ତର ଦ୍ୱିବେଦୀ ରାସ୍ତା ଉପରେ ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଗ୍ରାମବାସୀ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ଚିନ୍ତୁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକସ୍ଥିତ ଏକ ବେସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ଏସ୍ଆର୍‌ୟୁ ଯାଜପୁର ଶାଖାର ବାର୍ଷିକ ଉତ୍ସବ




**ଯାଜପୁର ଟାଉନ, ୨୧।୧୨(ସମିସ):** ଯାଜପୁର ସହରର ଜିଲ୍ଲା ପ୍ରକଳ୍ପ କନଫରେନ୍ସ ହଲରେ ଓଡ଼ିଶା ସେଲସ୍ ରିପ୍ରେଜେଣ୍ଟିଭ୍ ସଙ୍ଘର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଆରମ୍ଭରେ ସଂଘ ସଭାପତି ପ୍ରଭାତ ତ୍ରିପାଠୀଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ସମ୍ପାଦକ ସଂଗ୍ରାମ ସାମଲ ନିଜର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଙ୍ଘର କାର୍ଯ୍ୟକର୍ତ୍ତା ସନ୍ଦୀପ ସାହୁ ଲେବର କୋର୍ଡ ବିଷୟରେ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ସଙ୍ଘର ଉପସଭାପତି ମଳୟ ନିଶିଥ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାକାର୍ଯ୍ୟ ମଧ୍ୟରେ ନିମନ୍ତ୍ରିତ ଅତିଥି, ଡା. ମଦନ ମୋହନ ସାମଲ, ଡା. ନିମାଇଁ ଚରଣ ନାୟକ, ଡାକ୍ତର କାର୍ତ୍ତିକ ଚନ୍ଦ୍ର ରାଉତ, ଡା.ବିଜୟ ଶତପଥି, ଡାକ୍ତର ବିଦ୍ୟାଧର ପାତ୍ର, ଔଷଧ ବିତରକଙ୍କୁ ସମ୍ମାନିତ କରାଯାଇଥିଲା। ରାଜ୍ୟ ସଙ୍ଘର ସମ୍ପାଦକ ସତ୍ୟବ୍ରତ ସାମଲଙ୍କ ଦ୍ୱାରା ସମସ୍ତ କଶ୍ରମ ଆଇନ, ସରକାରଙ୍କ ଶ୍ରମିକ ଆଇନର ପରିବର୍ତ୍ତନର ପ୍ରଭାବ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପୂର୍ବ କମିଟିକୁ ଭଙ୍ଗାଯାଇ ନୂତନ କମିଟି ସର୍ବସମ୍ମତିରେ ପାରିତ ହୋଇଥିଲା। ପୁନର୍ବାର ସଭାପତି ରୂପେ ପ୍ରଭାତ ତ୍ରିପାଠୀ, ଉପସଭାପତି ରୋମାନ୍ସ ସାମଲ, ସମ୍ପାଦକ ସଂଗ୍ରାମ ସାମଲ, କୋଷାଧକ୍ଷ ଚିତ୍ତରଞ୍ଜନ, କମିଟି ସଦସ୍ୟ ମାନଙ୍କୁ ନିର୍ବାଚିତ କରାଯାଇଥିଲା।

## ଷଣ୍ଢ ହଣାକୁ କେନ୍ଦ୍ରକରି ଅଡ଼ଙ୍ଗରେ ଉତ୍ତେଜନା; ରାସ୍ତାରୋକ

**ଯାଜପୁର, ୨୧।୧୨(ସମିସ):** ଷଣ୍ଢ ହଣାକୁ କେନ୍ଦ୍ର କରି ଯାଜପୁର ସଦର ଥାନା ଅନ୍ତର୍ଗତ ଅଡ଼ଙ୍ଗ ଗାଁରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଛି। ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ଲୋକେ ରାସ୍ତା ରୋକ କରିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଥିଲେ। ଘଟଣାରୁ ପ୍ରକାଶ, ଯାଜପୁର ବ୍ଲକ ନାଥସାହି ପଞ୍ଚାୟତ ଅଡ଼ଙ୍ଗ ଗ୍ରାମରେ କେହି ଦୁର୍ବୃତ୍ତ ଏକ ଷଣ୍ଢର ପଛପଟ ଡାହାଣ ଗୋଡ଼କୁ ହାଣି ଦେଇଥିଲେ। ଏହାକୁ କେନ୍ଦ୍ର କରି ଅଡ଼ଙ୍ଗ ଗ୍ରାମର ଲୋକେ ଉତ୍ତ୍ୟକ୍ତ ହେବା ସହ ଅଡ଼ଙ୍ଗ ସେତୁ ଉପରେ ବାଉଁଶ ବାନ୍ଧି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ସଦର ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଭ୍ରାମ୍ୟମାଣ ପଶୁ ଚିକିତ୍ସାଧିକାରୀ ଡାକ୍ତର ପହଞ୍ଚି ଷଣ୍ଢର ଗୋଡ଼କୁ ଦୀର୍ଘ ସମୟ ଧରି ଚିକିତ୍ସା କରିଥିଲେ। ଚାପା ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀତିକଣ୍ଠ କାନୁନଗୋ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର, ସଦର ଥାନାଧିକାରିଣୀ ଚିନ୍ମୟୀ ବେହେରା ସମେତ ପୁଲିସ ଫୋର୍ସ ପହଞ୍ଚିଥିଲେ। ଏହି ଘଟଣାର ଯେପରି ପୁନରାବୃତ୍ତି ନ ହେଉ ଓ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଅଡ଼ଙ୍ଗ ଗ୍ରାମର ବହୁ ଲୋକେ ଘଟଣା ସ୍ଥଳରେ ଉପରୋକ୍ତ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ସଦର ପୁଲିସ ଥାନାରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି।



## ଜାରକା ଲକ୍ଷ୍ମୀନାରାୟଣ ମଣ୍ଡପରେ ବାଦିପାଲା

**ଧର୍ମଶାଳା, ୨୧।୧୨(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଲକ୍ଷ୍ମୀନାରାୟଣ ପୂଜା ମଣ୍ଡପ ନିକଟରେ ଆଜିଠାରୁ ବାଦିପାଲା ପରିବେଷଣ କରାଯାଉଛି। ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱରର ପ୍ରବଚକ ବିରେନ୍ଦ୍ର ପଣ୍ଡା ଏଠାରେ ପ୍ରବଚନ ଦେଇଥିଲା ବେଳେ ଆଜି ସନ୍ଧ୍ୟାରେ ଭୁବନେଶ୍ୱରର ପାଲାଗାୟିକା ସୁଭଦ୍ରା ବେହେରା ଓ ସାଥୀମାନଙ୍କ ଦ୍ୱାରା ବାଦିପାଲା ପରିବେଷଣ କରାଯାଇଛି। ଏହି ପାଲା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଜାରକା ପୂଜା ମଣ୍ଡପରେ ଲକ୍ଷ୍ମୀନାରୟଣଙ୍କ ମୃଣ୍ମୟୀ ମୂର୍ତ୍ତୀ ପୂଜା ପାଉଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବା ସହିତ ମଣ୍ଡପ ନିକଟରେ ଚାଲିଥିବା ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଉଛନ୍ତି। ୨୫ ତାରିଖ ସନ୍ଧ୍ୟାରେ ଜାରକା ମହୋତ୍ସବ ପଡ଼ିଆରେ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟିତ ହେବା ପରେ ଓଲିଉଡ ଓ ବଲିଉଡର ନାମୀ ଦାମୀ କଳାକାରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିବେ। ଏଥି ପାଇଁ ପେଣ୍ଡାଲ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ସମସ୍ତ କାର୍ଯ୍ୟକ୍ରମକୁ ଧର୍ମଶାଳା ମହୋତ୍ସବ ପୂଜା କମିଟିର ସଭାପତି ରବିନାରାୟଣ ସାହୁ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସହ ସମ୍ପାଦକ ଜିତେନ୍ଦ୍ର ରାଉତ, ସଂଯୋଜକ ଦେବରାଜ ମିଶ୍ର, ରାଜେଶ ପାଳ, ନିର୍ମଳ ପ୍ରଧାନ, ତୀର୍ଥରାଜ ପଣ୍ଡା, ସ୍ୱାଗତ ଦାସ, ପ୍ରଦୀପ ପରିଡ଼ା, ତୁଷାର ରାୟ, ଜଗଦୀଶ ମହାନ୍ତ, ନାରାୟଣ ମଲିକ, ସବ୍ୟସାଚୀ ସୁନ୍ଦରରାୟ, କାଶିନାଥ ସାହୁ, ଅଜାମ୍ବର ସାହୁ, ବିଚିତ୍ରାନନ୍ଦ ସ୍ୱାଇଁ, ଜଳଧର ସାହୁ, ମନୋଜ ରାଉଳ, ଯୁଗଳ ଦାସ, ଉପେନ୍ଦ୍ର କର, ଚିତରଞ୍ଜନ ଶତପଥୀ, ଅନନ୍ତ ପ୍ରଧାନ ଓ ବଜାର କମିଟିର କର୍ମକର୍ତ୍ତାମାନେ ପରିଚାଳନା କରୁଛନ୍ତି।

## ଶଙ୍କର୍ଷଣ-ଘନଶ୍ୟାମ ସ୍ମୃତି ପରିଷଦର ବାର୍ଷିକ ଉତ୍ସବ



**କୋରେଇ, ୨୧।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ତଳଗଡ଼ ପଞ୍ଚାୟତ ସ୍ଥିତ ଉପୁଳାଇ ଗ୍ରାମର ଶଙ୍କର୍ଷଣ-ଘନଶ୍ୟାମ ସ୍ମୃତି ପରିଷଦର ପ୍ରଥମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ପିତା-ମାତା ଓ ଗୁରୁଜନଙ୍କ ପ୍ରତି ସମ୍ମାନ ବୋଧ' ପ୍ରତି ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ହୋଇଥିଲା। ଗ୍ରାମର ଶନିଶ୍ଚର ଓ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଉତ୍ସବ ସୁଦର୍ଶନ ରାଉତରାୟଙ୍କ ସଭାପତିତ୍ୱରେ ହୋଇଥିଲା ବେଳେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇଥିଲେ। ଉଦଘାଟକ ଭାବେ 'ଚଲାପଥ'ର ସମ୍ପାଦକ ହଳଧର ଧୀର, ମୁଖ୍ୟବକ୍ତା ଝାଡ଼େଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, ବିଶିଷ୍ଟ ଅତିଥି ଭାବେ କବି ତଥା ସ୍ତମ୍ଭକାର ସୁରେଶ ପରିଡ଼ା, କୋରାଇ ସ୍ଥିତ କାହ୍ନୁଚରଣ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମୋହନ ଚରଣ ଖୁଣ୍ଟିଆ ଓ 'ଯାତ୍ରାଦୁନିଆ'ର ସମ୍ପାଦକ ନାରାୟଣ କୁମାର ରାଉତରାୟ ଯୋଗଦେଇଥିଲେ। 'ସ୍ମୃତିଲିପି'ର ସମ୍ପାଦକ ଭୁବନ ମୋହନ ମହାନ୍ତିଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ଜଗନ୍ନାଥ ମାଝୀ, ଶିଶୁ ସାହିତ୍ୟିକ ତଥା ସାମ୍ବାଦିକ ଅଧ୍ୟାପକ ମଳୟ କୁମାର ମଲ୍ଲିକ, ସାହିତ୍ୟ ସଂଗଠକ ଭୁବନ ମୋହନ ମହାନ୍ତି, ଗାଳ୍ପିକ ତଥା ବେତାର ନାଟ୍ୟକାର ଅକ୍ଷୟ କୁମାର ବାରିକ, ସମାଜସେବୀ ସୁରେନ୍ଦ୍ର କୁମାର ବରାଳ ଓ ଯୁବକବି ରେଶମା ମିର୍ଜାଙ୍କୁ ସମ୍ବର୍ଦ୍ଧିତ ଶିକ୍ଷକ ଅରୁଣ କୁମାର ବେହେରା ମାନପତ୍ର ପାଠ କରିଥିଲେ ବେଳେ ସଂସଦ ସଭାପତି ସାମ୍ବାଦିକ ପବିତ୍ର ମୋହନ ରାଉତରାୟ ମଞ୍ଚ ପରିଚାଳନା ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ୍ତ କୁମାର ରାଉତ ରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ମଧୁସୂଦନ ରାଉତ ରାୟ, ଦୁଷ୍ମନ୍ତ ରାଉତ ରାୟ ଓ ବିଜ୍ଞଜିତ ରାଉତରାୟ ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଯାଜପୁର ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ




**କୁଆଖିଆ, ୨୧।୧୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟ ଶିକ୍ଷକ ଶିକ୍ଷା ଓ ଅନୁସନ୍ଧାନ ପ୍ରଶିକ୍ଷଣ, ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧୀକରଣ, ଭୁବନେଶ୍ୱର ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ ସମଗ୍ର ଶିକ୍ଷା, ଯାଜପୁର ତରଫରୁ ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଏବଂ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ଟି ପ୍ରତିଯୋଗିତାରେ ବ୍ଲକସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବାଲ ବୈଜ୍ଞାନିକ ପ୍ରଦର୍ଶନୀର ମୁଖ୍ୟ ପ୍ରସଙ୍ଗ 'ଷ୍ଟେମ ଫର ବିକଶିତ ଓ ଆତ୍ମ ନିର୍ଭର ଭାରତ' ଉପରେ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ବିଜ୍ଞାନ ମେଳାରେ ପ୍ରାଥମିକ ସ୍ତରରେ ୩୦ଟି ଓ ମାଧ୍ୟମିକ ସ୍ତରରେ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୁଇଜ ପ୍ରତିଯୋଗିତାରେ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ପ୍ରତି ବିଭାଗରୁ ୩୦ ଜଣ ଲେଖାଏଁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଲ ବୈଜ୍ଞାନିକ ପ୍ରଦର୍ଶନୀର ୭ଟି ଉପ ପ୍ରସଙ୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ହେଲେ ଦେବୀପ୍ରସାଦ ନାୟକ ଓଏଭି ଜାମଧର, ଜ୍ୟୋତିର୍ମୟୀ ସାମଲ, ତଳବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ, ସୁଜୟ କୁମାର ବଳ, ଓଏଭି ଗହୀରପାଟୁଳି, ଶୁଭ୍ରଜିତ ଜେନା ଓଏଭି, ଉତ୍ତରକୂଳ, ପାଭକି ଦାଶ ଓଏଭି, ରସୁଲପୁର, ସ୍ମୃତି ସଙ୍ଗୀତା ବେହେରା, ସରକାରୀ ୟୁପି ସ୍କୁଲ, କୃଷ୍ଣପଡ଼ା ଓ ବିଶ୍ୱରଞ୍ଜନ ମହାପାତ୍ର, ଅମ୍ବିକାଦେବୀ ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛନ୍ତି। ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ସୋମ୍ୟ ପ୍ରକାଶ ମହାପାତ୍ର ପ୍ରଥମ, ବନୀତ ପ୍ରିୟଦର୍ଶୀ ଦ୍ୱିତୀୟ ଓ ସାଇ ପ୍ରସାଦ ନାୟକ ତୃତୀୟ ଏବଂ ମାଧ୍ୟମିକ ସ୍ତରରେ ପ୍ରତୀକ୍ଷା ଦାସ ପ୍ରଥମ, ଶ୍ରୀତାଂଶୁ ଶତପଥୀ ଦ୍ୱିତୀୟ ଓ ଜିନତ ଫିର୍ଦୋଷ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ରୂପେ ୟୁଏନଏସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ କର ଯୋଗଦାନକରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଣୀ ସବିତା ସାହୁ ଏବଂ କୋରେଇ ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ ଏବଂ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ନେହମୟୀ ଜେନା ଯୋଗଦାନ କରିଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ନିରୀକ୍ଷକ ଉକ୍ତ କାର୍ଯ୍ୟକ୍ରମର ଉଦେଶ୍ୟ ଜ୍ଞାପନ କରିଥିଲେ।

## ଖରସ୍ରୋତା ପୁସ୍ତକ ମେଳାରେ ବଢୁଛି ପାଠକଙ୍କ ଭିଡ଼




**ସିଂହପୁର, ୨୧।୧୨(ସମିସ):** ରାଜ୍ୟସ୍ତରୀୟ ତୃତୀୟ ଖରସ୍ରୋତା ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ବେଶ ପାଠକଙ୍କ ଭିଡ଼ ଦେଖିବାକୁ ମିଳୁଛି। ପୁସ୍ତକ ମେଳାର ସରିବା ସମୟ ଯେତେ ଯେତେ ପାଖେଇ ଆସୁଛି ଭିଡ଼ ସେତେସେତେ ବଢ଼ିବାରେ ଲାଗିଛି। ଷଷ୍ଠ ସନ୍ଧ୍ୟାରେ ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ରାଜଧାନୀ ପୁସ୍ତକ ମେଳାର ସଭାପତି ଉପେନ୍ଦ୍ର କୁମାର ଜେନା ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ତଥା ପ୍ରଶାସକ ଧନଞ୍ଜୟ ସ୍ୱାଇଁ ଓ ବିଶିଷ୍ଟ ଅତିଥି ରୂପେ ଲେଖିକା ସ୍ୱାତି ତନ୍ମୟା ମିଶ୍ର ଯୋଗ ଦେଇ ଗ୍ରାମାଞ୍ଚଳରେ ପୁସ୍ତକ ମେଳା ପ୍ରତି ଶ୍ରଦ୍ଧା ଓ ସହଯୋଗ ବୃଦ୍ଧି ପାଇବା ଏକ ଶୁଭ ସଂକେତ। ବୋଲି କହିଥିଲେ। ବକ୍ତା ଭାବେ ଔପନାସିକ ଶରତ କୁମାର ସାହୁ, ଅନ୍ୟତମ ବକ୍ତା ଭାବେ ଲେଖିକା କମଳୀନୀ ମଲ୍ଲିକ ଓ ଉପସ୍ଥାପିକା ପୂଜାରାଣୀ ମୁଦୁଲି ଯୋଗଦେଇଥିଲେ। ମେଳା କମିଟିର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପୁରୁଷୋତ୍ତମ ନାୟକ, ସରୋଜ କୁମାର ମଲ୍ଲିକ, ସୁରେନ୍ଦ୍ର କୁମାର ପତି, ପ୍ରସନ୍ନ କୁମାର ରାଉତ୍, ବିପିନୀ ଚନ୍ଦ୍ର ବଳ, ଶ୍ରୀହରୀ ଧଳ, ଅନିରୁଦ୍ଧ ବେଉରିଆ ପ୍ରମୁଖ ସଞ୍ଚାଳନ କରିଥିଲେ।

## ଚାଷୀ ସଚେତନତା ରଥ ଶୁଭାରମ୍ଭ



ଭଦ୍ରକ,୨୧ା୧୨(ସମିସ): ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୨୫ ଓ ୨୦୨୬ ବର୍ଷ ପାଇଁ ଚାଷୀ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ମନ୍ତ୍ରୀ ଶ୍ରୀ ସୂରଜଙ୍କ ସହିତ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଭଦ୍ରକ ସାଂସଦଙ୍କ ପ୍ରତିନିଧି ଭଗବାନ ପଣ୍ଡା ଓ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ସୂଚନା ଯୋଗ୍ୟ, ୨୦୨୬ ଜାନୁଆରୀ ୫ ତାରିଖରେ ଜିଲ୍ଲାରେ ଧାନମଣ୍ଡି ଶୁଭାରମ୍ଭ ହେବା ଅବସରରେ ଜିଲ୍ଲାର ୭ଟି ବ୍ଲକରେ ଆସନ୍ତା ଏହି ସଚେତନତା ରଥ ପରିକ୍ରମା କରି ଚାଷୀମାନଙ୍କୁ ଅବଗତ କରିବେ ବୋଲି ଜଣାପଡ଼ିଛି। ଜିଲ୍ଲାରେ ୧୦୫ଟି ସେବା ସମବାୟ ସମିତି ଏବଂ ୫୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରେ ଚାଷୀମାନେ ଧାନ ବିକ୍ରି କରିବେ। ଜିଲ୍ଲାରେ ୧୩ ଲକ୍ଷ ୩୦ ହଜାର କ୍ୱିଣ୍ଟାଲ ଧାନ ଚାଷୀଙ୍କଠାରୁ କ୍ରୟ କରିବାର ଧାର୍ଯ୍ୟ ଲକ୍ଷ୍ୟ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ସମଗ୍ର ଭଦ୍ରକ ଜିଲ୍ଲାରେ ୯୭ ହଜାର ୭୩୭ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ, ସଚେତନତା ରଥ ଚାଷୀଙ୍କୁ ସଚେତନ କରିବ। ଧାନ କ୍ୱିଣ୍ଟାଲ ୩୧୦୦ ଟଙ୍କା ଇନପୁଟ୍ ସହ ଚାଷୀ ପାଇବେ, ସରକାରଙ୍କ ଆଭିମୁଖ୍ୟ କଟ୍‌ନୀଛଟ୍‌ନୀ ବନ୍ଦ କରିବା ଏବଂ କେଉଁଣସି ହେଲେ ଚାଷୀ ଧାନ ବିକ୍ରି ସମୟରେ କୌଣସି ଅସୁବିଧାରେ ସମ୍ମୁଖୀନ ହେବାକୁ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ଅସୁରାଳି,୨୧ା୧୨(ସମିସ): ଶ୍ରୀ ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୮ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟସୁନ୍ଦର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦେବଯାନୀ ଭୂୟାଁ ଯୋଗଦେଇ ସରସ୍ୱତୀ ଶିଶୁ ମନ୍ଦିରରେ କେବଳ ଆଧୁନିକ ଶିକ୍ଷା ନୁହେଁ, ସଂସ୍କୃତି ଓ ଦେଶପ୍ରେମ ଶିକ୍ଷାଦାନ କରାଯାଉଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦର କ୍ଷେତ୍ରୀୟ ସହ ସଂଯୋଜକ ଗୌରୀପ୍ରସାଦ ରଥ ଯୋଗଦେଇ ଶିଶୁମାନଙ୍କର ବୌଦ୍ଧିକ ବିକାଶରେ ଗୁରୁଜୀ ଓ ଗୁରୁମା'ମାନଙ୍କର ତ୍ୟାଗ ଓ ତିତିକ୍ଷାର ଭୂୟସୀ ପ୍ରଶଂସା କରିବା ସହିତ ମାଆ, ମାଟି ଓ ମଣିଷର ସେବାରେ ବ୍ରତୀ ହୋଇ ସୁନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ପ୍ରଧାନଆଚାର୍ଯ୍ୟ ନିତ୍ୟାନନ୍ଦ ପତି। ସଭା ସଞ୍ଚାଳନ କରିଥିଲେ ଛାତ୍ରଛାତ୍ରୀଗଣ ତଥା ଅଭିଜ୍ଞାନ ସାହୁ, ଦିବ୍ୟାଂଶ ମାଝୀ, ସ୍ନେହା ସାମନ୍ତ, ଗାର୍ଗୀ କ୍ରିଷା ପଣ୍ଡା ପ୍ରମୁଖ। ସମ୍ମାନିତ ଅତିଥିଭାବେ ଅସୁରାଳି ସଂକୁଳ ପ୍ରମୁଖ ସନ୍ତୋଷ ସାହୁ, ସମ୍ପାଦକ ଦୀପକ କୁମାର ବାରିକ ଯୋଗଦେଇଥିଲେ। ବିଦ୍ୟାଳୟ ମୁଖ୍ୟ ଉପଦେଷ୍ଟା ଶଶିଭୂଷଣ ଉଲ୍ଲୁକ ଭୂଷଣ ନାୟକଙ୍କ ସଂଯୋଜନାରେ ବିଦ୍ୟାଳୟ ବାର୍ଷିକ ମୁଖପତ୍ର ଶିଶୁଶକ୍ତି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ଗୁରୁଜୀ କୃପାସିନ୍ଧୁ ନାୟକ, ମରଣୋତ୍ତର ଭାବେ ପୂର୍ବତନ ଗୁରୁମା' ସୁଦୀପ୍ତା ସାହୁଙ୍କ 'ସ୍ୱାମୀ ସୁନୀଲ ସାହୁଙ୍କୁ' ସମ୍ବର୍ଦ୍ଧିତ କରାଯାଇଥିଲା। ଆଚାର୍ଯ୍ୟ ଅଶୋକ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ନିତ୍ୟାନନ୍ଦ ପତି ବାର୍ଷିକ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ସୁକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଗୁରୁଜୀ, ଗୁରୁମା', ପରିଚାଳନା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହାତୀ ଆକ୍ରମଣରୁ ସୁରକ୍ଷା ସଚେତନତା



ବନ୍ତ/ଆଗରପଡ଼ା,୨୧ା୧୨(ସମିସ): ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସୌଭାଗ୍ୟ ସାହୁଙ୍କ ନିର୍ଦ୍ଦେଶରେ ଭଦ୍ରକ ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡେଇଙ୍କ ତତ୍ତ୍ୱାବଧାନରେ ଆଗରପଡ଼ାର ପାଟକନା ଓ ରାଉତୁରାପୁର ଗ୍ରାମରେ ହାତୀଠାରୁ ସୁରକ୍ଷା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାତୀ ପଛରେ ଗୋଡ଼ାନ୍ତୁ ନାହିଁ କି ତାକୁ ବିରକ୍ତ କରନ୍ତୁ ନାହିଁ। ଧାନ ଅମଳକୁ ଶୀଘ୍ର ଘରକୁ ନେଇ ଆସନ୍ତୁ। ଭୟଭୀତ ନ ହୋଇ ହାତୀର ଗତିବିଧିକୁ ବନ ବିଭାଗର କର୍ମଚାରୀଙ୍କୁ ଜଣାଇବା ସହ ହାତୀର ସୁରକ୍ଷା ଏବଂ ନିଜକୁ ସୁରକ୍ଷିତ ରଖନ୍ତୁ ବୋଲି ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ବନପାଳ ରାଜକିଶୋର ନାୟକ, ବନରକ୍ଷୀ ରାମଚନ୍ଦ୍ର ହେମ୍ବ୍ରମ, ସ୍କ୍ୱାଡ୍ ଟିମ୍ ବିକ୍ରମ କେଶରୀ ଦାସ, ଉପେନ୍ଦ୍ର ସେନ୍, ବାପୁନ ଡଗରା ଏବଂ ଲିଟନ ବେହେରା ପ୍ରମୁଖ ଉପସ୍ଥିତ ରହି ହାତୀ ଆକ୍ରମଣରୁ ରକ୍ଷା ନିମନ୍ତେ ଗ୍ରାମବାସୀଙ୍କୁ ବିଭିନ୍ନ କୌଶଳର ପରାମର୍ଶ ଦେଇଥିଲେ।

## ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

# 'ଖେଳକୁଦ ଦ୍ୱାରା ଶରୀର ସୁସ୍ଥ ଓ ନିରୋଗ ରହିବ'

### ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର



ବନ୍ତ/ଆଗରପଡ଼ା,୨୧ା୧୨(ସମିସ): ବନ୍ତ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ନିମାପଡ଼ା କପାଳିକ୍ଷେତ୍ରଠାରେ ଅବସ୍ଥିତ ଥିବା ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିରର ପଞ୍ଚଦଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ କ୍ରୀଡ଼ା ପତାକାକୁ ଉତ୍ତୋଳନ କରି ଏହାର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ସଭାପତି ତଥା ପ୍ରାକ୍ତନ ଶିକ୍ଷକ ସୂର୍ଯ୍ୟମଣି ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷକ ହୃଷୀକେଶ ମିଶ୍ର, ଶିକ୍ଷାବିତ୍ ଉଦୟନାଥ ସାହୁ, ପ୍ରଧାନ ଗୁରୁମା' ଇତିଶ୍ରୀ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପତଞ୍ଜଳି କରଶର୍ମା, ଅର୍ଜୁନ ବାରିକ, ଶିକ୍ଷାବିତ୍ ସନାତନ ସେଠୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ଖେଳକୁଦ କରିବା ଦ୍ୱାରା ଏକ ସୁସ୍ଥ, ନିରୋଗ ଶରୀର ଲାଭ କରିପାରିବେ ବୋଲି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ବନ୍ତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ସୁଭେନ୍ଦ୍ର କୁମାର ମିଶ୍ର, ଜାତୀୟ ପୁରସ୍କୃତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ, ଶିକ୍ଷାବିତ୍ ଲାଲମୋହନ ପୁହାଣ, ଗୋବିନ୍ଦ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ କ୍ରୀଡ଼ାକୁ ପରିଚାଳନା କରିଥିଲେ କ୍ରୀଡ଼ା ଶିକ୍ଷକ ରାମନାରାୟଣ ମିଶ୍ର, ଗୁରୁଜୀ ସୁନିଲ ରାଉଳ, ପ୍ରଶନ୍ନ ରଥ, ମାନସ ନାୟକ, ଗୁରୁମା' ଦମୟନ୍ତୀ ପାଣିଗ୍ରାହୀ, ଉଷାରାଣୀ ବେହେରା, ମିନତିଲତା ରାଉତ, ସୌଭାଗ୍ୟ ମଞ୍ଜରୀ ପରିଡ଼ା, ସାବିତ୍ରୀ ମାଝୀ, ସବିତାରାଣୀ ଦାସ, ସସ୍ମିତା ପତି, ପ୍ରଭାତୀ ପତି, ନିରୁପମା ପାଣିଗ୍ରାହୀ, ଖୁସି ପତି, ରେବତୀ ବାରିକ ପ୍ରମୁଖ।

### ଚକ୍ରାପାଢ଼ୀ ବିଦ୍ୟାଳୟ



ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଅଣିଜୋ ସାଧନ କେନ୍ଦ୍ର ଅନ୍ତର୍ଗତ ସରକାରୀ ଉ.ପ୍ରା. ବିଦ୍ୟାଳୟ, ଚକ୍ରାପାଢ଼ୀର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ବନ୍ତ ବ୍ଲକ୍‌ର ସହ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ପାତ୍ର, ସମ୍ମାନିତ ଅତିଥି ଭାବେ ଚାରିଗାଁ ଗ୍ରାମ ପଞ୍ଚାୟତ ସମିତିସଭ୍ୟ ଧରଣୀଧର କର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ କୁଣ୍ଡୁ, ପୂର୍ବତନ ସରପଞ୍ଚ ବନମାଳୀ ବେହେରା, ପଞ୍ଚସଖା ଶିକ୍ଷାସେତୁ ସଭାପତି ଜୟଦେବ ସାହୁ, ବରିଷ୍ଠ ନାଗରିକ ପର୍ଶୁରାମ ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାର ଉପକାରିତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଦୁଇଦିନ ଧରି ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା, ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ, ପ୍ରଫୁଲ୍ଲ ବିଶ୍ୱାଳ, ବିଜୟ ଦାସ, ବିଶ୍ୱନାଥ ଯେନା, ବୃନ୍ଦାବନ ଯେନା, ଶିକ୍ଷୟିତ୍ରୀ ନିରୁପମା ଦାଶ, କଳ୍ପନା ସାହୁଙ୍କ ସମେତ ଅଭିଭାବକ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

### ବାଳିକା ଉଚ୍ଚ ବିଦ୍ୟାଳୟ



ଆଗରପଡ଼ାସ୍ଥିତ ସରକାରୀ ବାଳିକା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ପୁରୁଷଣ୍ଡ ପଞ୍ଚାୟତ ସରପଞ୍ଚ ପ୍ରକାଶ ବିଶ୍ୱାଳ, ସିଆର୍‌ସିସି ନିରଞ୍ଜନ ଖିଲାର, ଏସ୍‌ଏମ୍‌ସି ସଭାପତି ବର୍ଷାରାଣୀ ମଲ୍ଲିକ, ଉପସଭାପତି ଦୋଳଗୋବିନ୍ଦ ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଅଜିତ୍ ରାଉଳ ସ୍ୱାଗତ ଭାଷଣ ଓ ଶିକ୍ଷକ ବିରେନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ବନଜିନୀ ନାୟକ, ଭାଗ୍ୟଶ୍ରୀ ପଣ୍ଡା, ପ୍ରମୋଦିନୀ ସାହୁ, ରଞ୍ଜିତା ଶିଅଳ, ସାଗରିକା ମହାନ୍ତି, ସାବିତ୍ରୀ ଦାଶ, ଭୀମସେନ୍ ପାଲ୍, କୈଳାସ ପଣ୍ଡା, ସୁଶାନ୍ତ ଜେନା ଓ ଶିକ୍ଷା କର୍ମଚାରୀ ପ୍ରକାଶ ରାଉତ, ବଳରାମ ସେଠୀ, ମହେଶ୍ୱର ଯେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### କୃଷ୍ଣଚରଣ ବିଦ୍ୟାମନ୍ଦିର



ଆଗରପଡ଼ାସ୍ଥିତ କୃଷ୍ଣଚରଣ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୩ଦିନବ୍ୟାପୀ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ଶରତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ସଭାପତି ପ୍ରଶାନ୍ତ ଦାଶ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ଏସ୍‌ଏମ୍‌ସି ସଭାପତି ସନ୍ତୋଷ ସାହୁ, ସିଆର୍‌ସିସି ନିରଞ୍ଜନ ଖିଲାର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଅଶୋକ ଖିଲାର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଖେଳ ଶିକ୍ଷକ ସୁବୋଧ ପାତ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ଅସୁରାଳି



କୋରୁଆ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନଶିକ୍ଷକ ବଂଶୀଧର ସାହୁ ଉଦ୍‌ଘାଟକ ଭାବେ ଯୋଗଦେଇ କ୍ରୀଡ଼ାର ମହତ୍ତ୍ୱକୁ ଉଲ୍ଲେଖ କରିଥିଲେ। ପ୍ରଧାନଶିକ୍ଷକ ରମାକାନ୍ତ ମଲ୍ଲିକ ପୌରୋହିତ୍ୟ କରିଥିଲେ ଓ କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ମିତାଞ୍ଜଳି ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ତଥା ହୃଷୀକେଶ ଜେନା, ରାଜେନ୍ଦ୍ର ପ୍ରସାଦ ପରିଡ଼ା, ଶିକ୍ଷକ ତଥା ପ୍ରବଚକ ସୁବାସ ଚନ୍ଦ୍ର ନାୟକ, ରମାକାନ୍ତ ମହାପାତ୍ର, ଅପରାଜିତା ତପମାଳା ବାରିକ, ମମତା ଜେନା, ସତ୍ୟଭାମା ଦତ୍ତ, ମମତାରାଣୀ ଦାସ, ଶର୍ମିଷ୍ଠା ନାଥ, ବିଷ୍ଣୁ ମୋହନ ବେହୁରିଆ ଓ ମୁରଲୀ ପୁରୁଖାତ କ୍ରୀଡ଼ା ଉତ୍ସବରେ ସହଯୋଗ କରିଥିଲେ।

### ବାରିକପୁର



ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ନିକଟ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ତପନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଶିଶୁ ମନ୍ଦିରର ସହସମ୍ପାଦକ କରୁଣାକର ଖଣ୍ଡାଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଡ. ଶଶଧର ସାହୁ, ବିଦ୍ୟୁତ୍ ପରିଷଦର ସମ୍ପାଦକ ବନମାଳୀ ପଣ୍ଡା, ପରିଚାଳନା କମିଟି ସମ୍ପାଦକ ପ୍ରଶାନ୍ତ ବେହେରା, ସୁବାସିନୀ କର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବାଲ୍ ବର୍ଗ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲମ୍ବ ଡିଆଁ, ଉଚ୍ଚ ଡିଆଁ, ମ୍ୟୁଜିକ୍ ଚେୟାର, ଗୋଲା ଫିଙ୍ଗା, ଦୌଡ଼ ଅନୁଷ୍ଠିତ ହୋଇଥିଲା। ସେହିଭଳି ଶିଶୁ ବର୍ଗରେ ମ୍ୟୁଜିକ୍ ଚେୟାର, ଦୌଡ଼, ବେଙ୍ଗ ଡିଆଁ ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁ ମନ୍ଦିରର ୩୦୦ ବିଦ୍ୟାର୍ଥୀ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନେ ସଂକୁଳସ୍ତରୀୟ ଖେଳକୁଦ ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ଶାରୀରିକ ପ୍ରମୁଖ ନରହରି ନାୟକ, ସ୍ନେହଲତା ସ୍ୱାଇଁ, ରଞ୍ଜୁଲତା ବାରିକ, ପ୍ରିୟମ୍ବଦା ବେହେରା, ପ୍ରମିଳା ନାୟକ, କସ୍ତୁରିକା ପାଣି, ପୂର୍ଣ୍ଣଚନ୍ଦ୍ର ରାଉତ, ରଞ୍ଜିତ୍ ରାଉତ, ଅନନ୍ୟା ପଣ୍ଡା, ଇତିଶ୍ରୀ ପଣ୍ଡା, ସତ୍ୟଭାମା ସାହୁ, ପଦ୍ମାଳୟା ସାହୁ, ସସ୍ମିତା ସାହୁ, ବବିତା ନାୟକ, ସମୀର ଦାସ ପ୍ରମୁଖ ପରିଚାଳନା କରିଥିଲେ।

**ପରିଣତରେ ସମବେତ ବିଦ୍ୟାର୍ଥୀ**

## ଅନୁଭୂତି ପୁସ୍ତକ 'ସ୍ମୃତି ଦର୍ପଣ' ଉନ୍ମୋଚିତ



ବାରିକପୁର,୨୧ା୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଜଗନ୍ନାଥ ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ୧୯୬୮ ମସିହା ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବିଦ୍ୟାର୍ଥୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ଦିବଂଗତ ସାଥିମାନଙ୍କୁ ମନେପକାଇ ବନ୍ଧୁମାନେ ସ୍ମୃତିଚାରଣ କରିଥିଲେ। ପରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରଶାସକ ରାଧାକାନ୍ତ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତତ୍କାଳୀନ ଶିକ୍ଷକ କୁଳମଣି ବେହେରା, ବେଣୁଧର ପଲେଇ, ନଟବର ଜେନା, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ, ସ୍ୱତନ୍ତ୍ର ଅତିଥି ଭାବେ ବସନ୍ତ କୁମାର ମହାପାତ୍ର, ଅଲେଖ ଚନ୍ଦ୍ର ଘଡ଼େଇ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ସାମ୍ପ୍ରତିକ ସାମାଜିକସ୍ତରରେ ପରସ୍ପର ମଧ୍ୟରେ ସ୍ନେହଶ୍ରଦ୍ଧା ଦିନକୁ ଦିନ ଲୋପ୍ ପାଉଥିବାବେଳେ ଦୀର୍ଘ ୫୭ ବର୍ଷ ପରେ ବନ୍ଧୁମାନେ ଏକତ୍ରିତ ହୋଇ ଭାବବିହ୍ୱଳ ହୋଇଥିଲେ। ପରିଣତ ବୟସରେ ସମବେତ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ତଥା ବ୍ୟକ୍ତିଗତ ଜୀବନର ସ୍ମୃତି ଅନୁଭୂତି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଡ. ବିଏନ୍ ସାମନ୍ତଙ୍କ ଦ୍ୱାରା ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବାବେଳେ ଉତ୍ତମ ଜୀବନଶୈଳୀ ସମ୍ପର୍କରେ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା 'ସ୍ମୃତି ଦର୍ପଣ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିରେ ୪୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ସୀତାକାନ୍ତ ମିଶ୍ରଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# ଆୟୁଷ ଡାକ୍ତରଙ୍କ ଦାୟିତ୍ୱରେ ଜିଲ୍ଲାର ୧୨ ପିଏଚ୍‌ସି



ଭଦ୍ରକ,୨୧ା୧୨(ସମିସ)

ଭଦ୍ରକ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ସ୍ଥିତି ଭଲ ନାହିଁ। ଜିଲ୍ଲାରେ ଏବେ ୧୨ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସମ୍ଭାଳିଛନ୍ତି ଆୟୁଷ (ଆୟୁର୍ବେଦ ଓ ହୋମିଓପାଥି) ଡାକ୍ତର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଜିଲ୍ଲାରେ ଆୟୁର୍ବେଦ ଓ ହୋମିଓପାଥି ଔଷଧ ଉପଲବ୍ଧ ନ ଥିବାବେଳେ ଏହି ଆୟୁଷ ଡାକ୍ତରମାନେ ସେମାନଙ୍କ ଅଭିଜ୍ଞତା ବାହାରେ ଏଲୋପାଥିକ୍ ଔଷଧ ରୋଗୀଙ୍କୁ ଦେଉଥିବା ଜଣାଯାଇଛି। ସୂଚନାନୁଯାୟୀ, ଜିଲ୍ଲାରେ ୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୫୧ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଏଥି ମଧ୍ୟରୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ମଞ୍ଜୁରୀ, ରହଣିଆ ଓ ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସମ୍ଭାଳିଛନ୍ତି ୩ ଜଣ ଆୟୁଷ ଡାକ୍ତର। ସ୍ଥାୟୀ ଏଲୋପାଥିକ୍ ଡାକ୍ତର ସେଠାରେ ନାହାନ୍ତି। ଅନୁରୂପଭାବେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ସୋହଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣେ ଆୟୁଷ ଡାକ୍ତର ସମ୍ଭାଳିଛନ୍ତି। ସେହିଭଳି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ବାଲିମେଦ ଓ ଏଡ଼ତାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣେ ଜଣେ ଆୟୁଷ ଡାକ୍ତର ସମ୍ଭାଳିଛନ୍ତି। ସେହିଭଳି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ବାହାବଳପୁର ଓ ପୀରହାଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୨ଜଣ ଆୟୁଷ ଡାକ୍ତର ସମ୍ଭାଳିଥିବାବେଳେ ଭଦ୍ରକ ବ୍ଲକ୍ ଅଧୀନ ଅର୍ଣ୍ଣପାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ଜଣେ ଆୟୁଷ ଡାକ୍ତର ସମ୍ଭାଳିଛନ୍ତି। ଅନ୍ୟପକ୍ଷରେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଧାମରା, ମାଧପୁର ଓ ମତୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏଲୋପାଥିକ୍ ଡାକ୍ତର ବଦଳରେ ୩ ଜଣ ଆୟୁଷ ଡାକ୍ତର ସମ୍ଭାଳିଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଉକ୍ତ ୧୨ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସମ୍ଭାଳିଥିବା ଆୟୁଷ ଡାକ୍ତରମାନଙ୍କୁ ସରକାରଙ୍କ ପକ୍ଷରୁ ହୋମିଓପାଥି କିମ୍ବା ଆୟୁର୍ବେଦିକ୍ ଔଷଧ ଯୋଗାଯାଉ ନ ଥିବାରୁ ସେମାନେ ରୋଗୀଙ୍କୁ ଏଲୋପାଥିକ୍ ଔଷଧ ବିତରଣ କରୁଛନ୍ତି।

- ମିଳୁନି ଆୟୁର୍ବେଦିକ୍ ଓ ହୋମିଓପାଥି ଔଷଧ
- ଏଲୋପାଥିକ୍ ଔଷଧ ଦେଉଛନ୍ତି ଆୟୁଷ ଡାକ୍ତର

## ଏକା ସମ୍ଭାଳିଛନ୍ତି ଉପସ୍ୱାସ୍ଥ୍ୟକେନ୍ଦ୍ର



ଦୋଳସାହି,୨୧ା୧୨(ସମିସ): ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଏକ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳା କର୍ମଚାରୀ ଏକା ସମ୍ଭାଳୁଥିବା ଦେଖିବାକୁ ମିଳୁଛି। ସୂଚନା ମୁତାବକ, ମୁକୁନ୍ଦପୁର ପଞ୍ଚାୟତର ଆରସା ଗ୍ରାମରେ ଅବସ୍ଥିତ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ହେଲ୍‌ଥ କମ୍ୟୁନିଟି ଅଫିସର ଭାବେ ଜ୍ୟୋତ୍ସ୍ନାମୟୀ ସାହୁ ଏକା ରୋଗୀଙ୍କୁ ସେବା କରୁଥିବା ଦେଖିବାକୁ ମିଳୁଛି। ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ପିଅନ ଓ ଜଣେ ସ୍ୱାସ୍ଥ୍ୟ କର୍ମଚାରୀର ଆବଶ୍ୟକତା ଥିବା ଜଣାଯାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଛି।

## ବିଦ୍ୟାଳୟରେ ବିଜେପି ମନ୍ତ୍ରୀଙ୍କ ମିଶ୍ରଣ ସଭା



ଯାଜପୁର,୨୧ା୧୨(ସମିସ): ଆସନ୍ତା ଗୁରୁଦିବସ ଏବଂ ଶିଶୁଦିବସକୁ କୌଣସି ବିଦ୍ୟାଳୟରେ ପାଳନ ନ କରିବାକୁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର। କିନ୍ତୁ ସେହି ବିଦ୍ୟାଳୟରେ ଦଳୀୟ ମିଶ୍ରଣ ସଭା କରିବାକୁ ସରକାର ନିଷ୍ପତି ନେଇଛନ୍ତି କି ବୋଲି ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରାଯାଇଛି। ସୁକିନ୍ଦା ବିଧାୟକ ତଥା ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଦ୍ୱାରା ଦାନଗଦୀ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଅଲେଖପୁର ପ୍ରାଥମିକ ବିଦ୍ୟାଳୟରେ ଏକ ଦଳୀୟ ମିଶ୍ରଣ କାର୍ଯ୍ୟକ୍ରମ କରାଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଉକ୍ତ ମିଶ୍ରଣ ସଭା ସଂପର୍କରେ ଖୋଦ ମନ୍ତ୍ରୀ ନିଜ ସାମାଜିକ ଗଣମାଧ୍ୟମରେ ଏ ସଂପର୍କରେ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଏହି ମିଶ୍ରଣ କାର୍ଯ୍ୟକ୍ରମକୁ ସାମାଜିକ ଗଣମାଧ୍ୟମରେ ବେଶ ନିନ୍ଦା କରାଯାଇଛି। ଏହି ବିଦ୍ୟାଳୟରେ କମ ଉପସ୍ଥାନ ହେତୁ ଏହାକୁ କିଛି ବର୍ଷ ହେଲା ବନ୍ଦ କରିଦିଆଯାଇଛି। କିନ୍ତୁ ବନ୍ଦ ବିଦ୍ୟାଳୟକୁ କିଭଳି ଦଳୀୟ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଗଲା ତାକୁ ନେଇ ନାନା ପ୍ରଶ୍ନ ଉଠିଛି। ବିଦ୍ୟାଳୟର ସୁରକ୍ଷା ଶିକ୍ଷା ବିଭାଗର ହୋଇଥିବା ବେଳେ କିଭଳି ଏଭଳି ଦଳୀୟ କାର୍ଯ୍ୟକ୍ରମ ହେଉଛି ନା ଅନ୍ୟ କିଛି ଅନୈତିକ କାର୍ଯ୍ୟ ହେଉଛି ତାର ତଦନ୍ତ କରାଯିବାକୁ ସାଧାରଣରେ ଦାବୀ ହେଉଛି। ଏ ସଂପର୍କରେ ଦାନଗଦୀ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରେ ସେ ଏ ସଂପର୍କରେ କିଛି ଜାଣିନଥିବା ଏବଂ ପରେ ଏ ସଂପର୍କରେ ଅନୁଧ୍ୟାନ କରି ଜଣାଇବେ ବୋଲି କହିଥିଲେ।

## ସାମୁକାନେଣ୍ଡି ପଞ୍ଚାୟତର ୪୦୦ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ

# ସମସ୍ୟା ସମାଧାନ ନ ହେଲେ ଜାନୁଆରୀ ୭ରେ ଆନ୍ଦୋଳନ

ଶରତ/ଆନନ୍ଦପୁର,୨୧।୧୨(ସମିସ)



କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ସାମୁକାନେଣ୍ଡି ପଞ୍ଚାୟତର ପ୍ରାୟ ୪୦୦ ପରିବାର ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ଅଛନ୍ତି। ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇ ପାରି ନ ଥିବାରୁ ପାନୀୟଜଳ, ପିଲାଙ୍କ ପାଠପଢା, ରାତ୍ରି ସମୟରେ ବନ୍ୟଜନ୍ତୁଙ୍କ ଆକ୍ରମଣ ଭୟ ଆଦି ନାନାଦି ସମସ୍ୟା ନେଇ ଗ୍ରାମବାସୀ ଦୀର୍ଘ ବର୍ଷ ହେଲା ଯୁଝୁଛନ୍ତି। ସାମୁକାନେଣ୍ଡି ପଞ୍ଚାୟତର ନଟିଆ, ଝଟିଆ, ବରଗୋଠ, ବାଇବୁରୁ, ବାଦୁଡ଼ିବସା, ଆମ୍ବଡାହି, ହାଡ଼ିବସା, କଣ୍ଡିତଳୀ, ଭାର୍ଶାଡାହି, ପଠାନଡାହି, ତଳକୁମ୍ଭାଦା, ମଧୁବନ, କାଳିଆପାଣି ଓ ଚିଲିକାଭାହାଳି ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସେବା ଯୋଗାଇ ଦିଆଯାଇନାହିଁ। ଆଠବର୍ଷ ପୂର୍ବେ ଘସିପୁରା ବ୍ଲକର ସମସ୍ତ ପଞ୍ଚାୟତର ପରିବାରକୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଥିବାବେଳେ ଆଜି ପର୍ଯ୍ୟନ୍ତ ଏହି ଆଦିବାସୀ ବହୁଳ ପଞ୍ଚାୟତକୁ ଏଥିରୁ ବାଦ ଦିଆଯାଇଛି। ସୌଭାଗ୍ୟ ଯୋଜନାରେ ବିଦ୍ୟୁତକରଣ କରାଯିବା ଦାବି ହେଉଛି। ଗ୍ରାମରେ ବିଦ୍ୟୁତ ସଂଯୋଗ ସେବା ଯୋଗାଇ ଦେବା ଦାବିରେ ଗ୍ରାମବାସୀ ଅନେକବାର କେନ୍ଦୁଝର ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନି। ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ନ ହେଲେ ଆଗାମୀ ଜାନୁଆରୀ ୭ ତାରିଖ ଦିନ ଗ୍ରାମବାସୀ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବାକୁ ଚେତାବନୀ ଦେଇଛନ୍ତି। ଆଜି ୧୩ଟି ଗ୍ରାମ ବାସିନ୍ଦା ଏକାଠି ହୋଇ ବୈଠକ ଆୟୋଜନ କରି ଏହି ନିଷ୍ପତ୍ତି ନେଇଛନ୍ତି।

## ଋଣ ପରିଶୋଧ ନ କରିବାରୁ ସରପଞ୍ଚଙ୍କ ଘର ସିଲ୍

କପ୍ତିପଦା,୨୧।୧୨(ସମିସ): ଋଣ କରି ଟଙ୍କା ସୁଝି ନ ପାରିବାରୁ ସିଲ୍ ହେଲା ଖାଙ୍କପଦା ସରପଞ୍ଚଙ୍କ ବାସଗୃହ। ଖାଙ୍କପଦା ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ନାୟକ ୨୦୧୯ରେ ଉଦଳା ଆଇସିଆଇସିଆଇ ବ୍ୟାଙ୍କରୁ ୧୭ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଦୀର୍ଘଦିନ ଧରି ସୁଧ କିମ୍ବା ମୂଳ ଟଙ୍କା ନ ଦେବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ କୋର୍ଟରେ ମୋକଦ୍ଦମା କରିଥିଲେ। କୋର୍ଟ ପକ୍ଷରୁ ୩ଟି ନୋଟିସ୍‌କୁ ବେଖାତିର କରିଥିଲେ ତ୍ରିଲୋଚନ। ଫଳରେ ଶନିବାର କୋର୍ଟ ପକ୍ଷରୁ ପୁଲିସ ଫୋର୍ସ ସହ ତାଙ୍କ ବାସଭବନକୁ ସିଲ୍ କରାଯାଇଛି।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ତୁରୁମୁଙ୍ଗା,୨୧।୧୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ତୁରୁମୁଙ୍ଗା ରାଜନଗର ରାସ୍ତାର କଇଣ୍ଡା ନିକଟରେ କାର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ବାଇକ୍ ଆରୋହୀ ହେଲେ କୁମେଇଁ ଗ୍ରାମର ବସନ୍ତ ନାୟକଙ୍କ ପୁଅ ସୁରେଶ। ସେ ବାଇକ ଯୋଗେ ତୁରୁମୁଙ୍ଗା ଅଡ଼କୁ ଆସୁଥିବା ସମୟରେ ବିପରୀତ ଦିଗରୁ ଏକ କାର ତାଙ୍କୁ ଧକ୍କା ଦେଇ ପଳାଇଥିଲା। କାରର ଚକ ତାଙ୍କ ମୁଣ୍ଡ ଉପରକୁ ଚଢି ଯାଇଥିଲା। ତୁରୁମୁଙ୍ଗା ପୁଲିସ ପହଞ୍ଚି ଉଦ୍ଧାର କରି କେନ୍ଦୁଝର ମେଡ଼ିକାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## କୁସୁମିଆ ଗ୍ରାମରେ ଚୋରି

କୁଆମରା,୨୧।୧୨(ସମିସ): ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ କୁସୁମିଆ ଗ୍ରାମରେ ଦିନ ଦ୍ୱିପହରରେ ତାଲା ଭାଙ୍ଗି ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ କୁଆମରା ଫାଣ୍ଡିରେ ଅଭିଯୋଗ ହୋଇଛି। ଦୂତୀ ଜେନା ନାମକ ଜଣେ ମହିଳା ଘରେ ତାଲା ପକାଇ ଅନ୍ୟତ୍ର ଯାଇଥିଲେ। ତିନି ଚାରି ଘଣ୍ଟା ପରେ ସେ ଫେରିବା ବେଳକୁ ଘରର ତାଲା ଭାଙ୍ଗାଯାଇଥିବା ଦେଖିଥିଲେ। ଘରେ ଟଙ୍କା ବାକ୍ସ, ମୋବାଇଲ ଓ ଅଳଙ୍କାର ଚୋରି ହୋଇଥିବ ଅଭିଯୋଗ କରିଥିଲେ।

## ଶ୍ମଶାନ ଜମି ଚିହ୍ନଟ ପାଇଁ ଅସ୍ତିଆବାସୀଙ୍କ ଦାବି

ମୋରଡ଼ା,୨।୧୨(ସମିସ): ମୋରଡ଼ା ତହସିଲ ଅନ୍ତର୍ଗତ ହଳଦୀପାଳ ପଞ୍ଚାୟତ ଅସ୍ତିଆ ଗ୍ରାମର ତିନୋଟି ୱାର୍ଡର ଗ୍ରାମବାସୀ ଶ୍ମଶାନ ଘାଟ ଜମି ଚିହ୍ନଟ ପାଇଁ ମୋରଡ଼ା ତହସିଲଦାର ବିଦ୍ୟାଧର ଦଣ୍ଡପାଟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅସ୍ତିଆ ଗ୍ରାମରେ ତିନୋଟି ୱାର୍ଡର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ କୌଣସି ଲୋକ ଯଦି ମୃତ୍ୟୁବରଣ କରିଥା'ନ୍ତି, ତେବେ ତାଙ୍କର ଅନ୍ତିମ ସତ୍କାର ପାଇଁ ରାଜାବନ୍ଧ କିମ୍ବା ଘୋଳମୁହାଁ ରାସ୍ତାରେ ଥିବା ବିଲ ନିକଟରେ ପୋଡ଼ିଥାନ୍ତି ନଚେତ ପୋତି ଦେଇଥା'ନ୍ତି। ଶବଦାହ ପାଇଁ ମୃତ ଲୋକଙ୍କୁ ନେଇ ଗଲେ ଦୁଇ ଗାଁ ମଧ୍ୟରେ ଯୁକ୍ତିତର୍କ ସହ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଅସ୍ତିଆ ଗ୍ରାମବାସୀ ଶ୍ମଶାନ ନିମନ୍ତେ ଜମି ଚିହ୍ନଟ ପାଇଁ ତହସିଲଦାରଙ୍କୁ ଦାବି କରିଛନ୍ତି।

## ଅଗ୍ନିବିପନ୍ନ ପରିବାରକୁ ସହାୟତା




ବିଶୋଇ,୨୧।୧୨(ସମିସ): ବିଶୋଇ ବ୍ଲକ୍ ଅନ୍ତର୍ଗତ ଅସନା ପଞ୍ଚାୟତର ବଡ଼ଜାମବିଲା ଗ୍ରାମର ଦୁଲାରୀ ଟୁଡୁଙ୍କ ଘର ଶୁକ୍ରବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ପୋଡି ପାଉଁଶ ହୋଇଥିଲା। ଅଗ୍ନିକାଣ୍ଡରେ ଧାନ ଚାଉଳ, ପୋଷାକ ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ଏହି ଘଟଣାରେ ଦୁଲାରୀ ଓ ତାଙ୍କ ୩ ପୁଅ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ପ୍ରଶାସନିକ ସହାୟତା ପ୍ରଦାନ ପାଇଁ ଆଜି ବିଶୋଇ ବ୍ଲକ ପ୍ରଶାସନ ଅଗ୍ନିବିପନ୍ନ ପରିବାର ନିକଟରେ ପହଞ୍ଚି ସହାୟତା କରିଛି। ବିଡିଓ ସାଗର ମୁର୍ମୁ ଦୁଲାରୀ ଟୁଡୁଙ୍କ ବାସଭବନରେ ପହଞ୍ଚି ଚାଉଳ, କମ୍ବଳ ଓ ପିନ୍ଧା ବସ୍ତ୍ର ପ୍ରଦାନ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କ ପରଲୋକ



ବେତନଟୀ, ୨୧।୧୨(ସମିସ): ବେତନଟୀ ବ୍ଲକ ଅଧୀନ ନଡ଼ପୁର ପଞ୍ଚାୟତ ଖୁଣ୍ଟା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିଶ ଚନ୍ଦ୍ର ବେହେରାଙ୍କ ପରଲୋକ ହୋଇଯାଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବେତନଟୀ ବ୍ଲକ ଆଗ୍ରିଆ ପଞ୍ଚାୟତ ଛୁରୁଣୀ ଗ୍ରାମର ନିବାସୀ ହରିଶ ଚନ୍ଦ୍ର ବେହେରା ଦୀର୍ଘବର୍ଷ ଧରି ନଡ଼ପୁର ପଞ୍ଚାୟତ ଖୁଣ୍ଟା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଦୁଇବର୍ଷ ଧରି ସେ କିଡ୍‌ନୀ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଶନିବାର ମୃତ୍ୟୁ ଘଟିଥିଲା।

## ପଣ୍ଡୁଆ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଆନନ୍ଦପୁର,୨୧।୧୨(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ପଣ୍ଡୁଆ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଥମ ଦିନ ପ୍ରଧାନଶିକ୍ଷକ ନୀଳମଣି କର ପତାକା ଉତ୍ତୋଳନ ପୂର୍ବକ କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଥିଲେ। ଖେଳ ଶିକ୍ଷକ ଦାୟିତ୍ୱରେ ଥିବା ପ୍ରସନ୍ନ ସାହୁ ପିଲାମାନଙ୍କୁ ଶପଥ କରାଇ ଶୃଙ୍ଖଳା ରକ୍ଷା ସହ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ନାୟକ, ଅଭିଲିପ୍ ଦାସ, ଶିକ୍ଷକ ଅବଦୁସ୍ ସଲାମ୍ ଖାଁ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଚୟନ କରିଥିଲେ। ସହକର୍ମୀ ଆୟୁବ୍ ଖାଁ ଓ ପ୍ରତାପରୁଦ୍ର ଚକ୍ର ସହଯୋଗ କରିଥିଲେ। ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବାପାଇଁ ଅନେକ ପୁରାତନ ଛାତ୍ରଛାତ୍ରୀ ଖେଳପଡ଼ିଆରେ ଉପସ୍ଥିତ ଥିଲେ।

## ବରାଙ୍ଗ-କୁସୁମେଇ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ଆନନ୍ଦପୁର୨୧।୧୨(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗଁପୁର ପଞ୍ଚାୟତର ବରାଙ୍ଗରୁ କୁସୁମେଇ ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ପୂର୍ବାହ୍ନ ସମୟରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ବରାଙ୍ଗରୁ କୁସୁମେଇ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନକୁ ଉଦଘାଟନ କରିଥିଲେ। ଏହିଥିରେ ଜିଲ୍ଲା ପରିଷଦ ସଭ୍ୟ ସଂଜୟ ମଲ୍ଲିକ, ସମିତିସଭ୍ୟ ଗୋବିନ୍ଦ ମାଝୀ, ଶରତଚନ୍ଦ୍ର ଜେନା, ପ୍ରଫୁଲ୍ଲଚନ୍ଦ୍ର ଜେନା, ଆଦିକାନ୍ତ ଜେନା, ମିତ୍ର ଜେନା, ତରଣସେନ ହୋତା, ବିଜୟ ଦାଶ, ତରଣୀସେନ ଜେନା, ମଦନ ଚରଣ ଜେନା, ଚାମୁରୁ ମାଝି, ଚିତ୍ତରଞ୍ଜନ ମଲିକ, ବୈଲୋଚନ ମଲିକ, ନଟବର ମଲ୍ଲିକ, ଠିକାଦାର ସିତାରାମ ଦେଓ ଉପସ୍ଥିତ ଥିଲେ। ଏହି ରାସ୍ତା ଦ୍ୱାରା କେନ୍ଦୁଝର ଜିଲ୍ଲାର ଗଡ଼ବାନ୍ଧଗୋଡା, ଅଳତି, ପୁରୁଣା ବାନ୍ଧଗୋଡା, ଗଁପୁର ଯାଜପୁର ଜିଲ୍ଲାର ଅନ୍ଧାରୀ ପଞ୍ଚାୟତବାସୀ ସହଜରେ ଓ କମ୍ ସମୟରେ ଗମନାଗମନ କରିପାରିବେ।

## ଘଷିପୁରା-ଭଣ୍ଡାରିଡିହାରେ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ଦାନ



ଆନନ୍ଦପୁର, ୨୧।୧୨ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳ ଘଷିପୁରା ୧୪ ଓ ୧୫ ନମ୍ବର ୱାର୍ଡରେ ଆଦର୍ଶ ସେବା ସଂଘ ସଭାପତି ଯଜ୍ଞପ୍ରସାଦ ସାହୁଙ୍କ ଉଦ୍ୟମରେ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ସେହିପରି ଘଷିପୁରା ବ୍ଲକ୍ ଭଣ୍ଡାରିଡିହା ପଞ୍ଚାୟତରେ ସୌମ୍ୟରଞ୍ଜନ ସାହୁ ୧୪୩ ଜଣ ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାଙ୍କୁ ଏହି ସହାୟତା ପ୍ରଦାନ କରିଥିଲେ। ଘଷିପୁରା ବ୍ଲକ୍ ଭଣ୍ଡାରିଡିହା ପଞ୍ଚାୟତ ଟାଙ୍ଗର ଛକ ନିକଟରେ ରୂପରଞ୍ଜନ ମହାରଣାଙ୍କ ତତ୍ତ୍ୱାବଧାନରେ ଅସହାୟଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ମେଡିକାଲ ରୋଡରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଭଗବାନ ସାହୁ, ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ କୁଅଁର, ପାରିଷଦ ସନତ କର, କୃଷ୍ଣଚନ୍ଦ୍ର ରଣା, ପଦ୍ମାବତୀ ସେଠୀ, ସରୋଜ ସାହୁ, ବନମାଳି ସେଠୀ, ଲକ୍ଷ୍ମୀଧର ସାହୁ, ଧବଳେଶ୍ୱର ସାହୁ, ଧନେଶ୍ୱର ସାହୁ, ଦାମୋଦର ସାହୁ, ଦୈତାରୀ ମହାକୁଡ, ପୂର୍ବତନ ମଣ୍ଡଳ ସଭାପତି ରଞ୍ଜନ ପାତ୍ର, ଯଜ୍ଞପ୍ରସାଦ ସାହୁ ୬୯ ଜଣ ଗରିବ ତଥା ଦିବ୍ୟାଙ୍ଗଙ୍କୁ କମ୍ବଳ ପ୍ରଦାନ କରିଥିଲେ। ମନୋଜ ସା, ପ୍ରମୋଦ ଦାସ, ପ୍ରାଣବନ୍ଧୁ ଦାସ, ଭବାନୀ ସାହୁ, ଚିତ୍ତ ମହାରଣା, ତ୍ରିଲୋଚନ ମୁଦୁଲି, ଲକ୍ଷ୍ମଣ ସାହୁ, କାଳନ୍ଦୀ ବଳ, ନିଧିସୂଦନ ରାଉଳ, ଟୁକୁନୁ ନନ୍ଦୀ, ଚଗୁଲୁ ବେଜ୍, ରଶ୍ମି ସାହୁ, ଗଜେନ୍ଦ୍ର ଜେନା, ବାପି ନନ୍ଦୀ, ରାଜୀବ ନାୟକ, ହାପି ମହାନ୍ତି, ମିଥୁନ ମହାରଣା, ଅଭି ମହାରଣା ଦୁର୍ଯ୍ୟୋଧନ ବେହେରା ସହଯୋଗ କରିଥିଲେ।

## ଶୀତରୁ ରକ୍ଷା ପାଇଁ ଚାଳଘରେ ଜାଳିଥିଲେ ନିଆଁ

ବାରିପଦା, ୨୧।୧୨(ସମିସ): ଘର ସହ ଜୀବନ୍ତ ଜଳିଗଲେ ବୃଦ୍ଧ। ଏଭଳି ଦୁଃଖଦ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଧୀନ ବଡ଼ଗାଁ ପଞ୍ଚାୟତର ଜୁହା ଗାଁରେ। ଶୁକ୍ରବାର ବୃଦ୍ଧ ଜଣଙ୍କ ଘର ଭିତରେ ଶୋଇଥିବାବେଳେ ଘରେ ନିଆଁ ଲାଗିଯାଇଥିଲା। ଫଳରେ ନିଆଁରେ ଜୀବନ୍ତ ଦଗ୍ଧ ହୋଇ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ଆନନ୍ଦ ସିଂ (୬୫)। ଅତ୍ୟଧିକ ଶୀତ ଯୋଗୁଁ ଘର ଭିତରେ ନିଆଁ ଲଗାଇ ଶୋଇଥିଲେ ବୃଦ୍ଧ। ବିଳମ୍ବିତ ରାତିରେ ନିଆଁ ଚାଳ ଛପର ଘରେ ଲାଗିଯାଇଥିଲା। ଫଳରେ ଏଭଳି ମର୍ମନ୍ତୁଦ ଘଟଣା ଘଟିଛି। ଗୋଟିଏ ବଖରା ଘରର ଅପର ପାଖରେ ପୁଅବୋହୂ ସହ ଅନ୍ୟ ସଦସ୍ୟ ରହୁଥିଲେ ମଧ୍ୟ ଅଗ୍ନିକାଣ୍ଡ ସମ୍ବନ୍ଧରେ ଜାଣିବା ବେଳକୁ ଘରଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହେବା ସହିତ ଆନନ୍ଦ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଖବର ପାଇ ପଡୋଶୀ ଓ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବାଙ୍ଗିରିପୋଷି ପୁଲିସ ପହଞ୍ଚି ଦଗ୍ଧ ଶରୀର ଜବତ କରିଛି ବ୍ୟବଚ୍ଛେଦ ପାଇଁ ପଠାଇଛି।

**ଘର ସହ ଜୀବନ୍ତ ଜଳିଗଲେ ବୃଦ୍ଧ**

## ଉଦଳା ମହୋତ୍ସବ 'ଧୁମୂସା' ଉଦ୍‌ଯାପିତ



ଉଦଳା,୨୧।୧୨(ସମିସ): ୮ ଦିନ ଧରି ଚାଲିଥିବା ଉଦଳା ମହୋତ୍ସବ ଧୁମୂସା ଉଦଯାପିତ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଉଦଳା ବିଧାୟକ ଭାସ୍କର ମଢେଇ, ପୂର୍ବତନ ଉପଜିଲ୍ଲାପାଳ ରମେଶ ରାଉତ, ଏନଏସି ଅଧ୍ୟକ୍ଷ ପ୍ରମିଳା ପଣ୍ଡା, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ଉପଖଣ୍ଡ ଚିକିତ୍ସାଅଧିକାରୀ ମୀନକେତନ ମହାନ୍ତି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ଆଇଆଇସି ବନମାଳୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି କଳା ସଂସ୍କୃତିର ଜିଲ୍ଲା ମୟୂରଭଞ୍ଜର କପ୍ତିପଦା ଉପଖଣ୍ଡ ମହୋତ୍ସବ ଧୁମୂସା ସମ୍ପୂର୍ଣ୍ଣ ନିଆରା। ସର୍ବଦା କଳାକୁ ପ୍ରାଧାନ୍ୟତା ଦେଇଥିବା ଓ ଲୁକ୍କାୟିତ କଳାକୁ ସାମ୍ନାକୁ ଆଣିବାର ଏକ ବଡ଼ ମାଧ୍ୟମ ବୋଲି କହିଥିଲେ। ୮ ଦିନ ଧରି ଆୟୋଜିତ ହୋଇଥିବା ଏହି ମହୋତ୍ସବରେ ପୂରା କପ୍ତିପଦା ଉପଖଣ୍ଡ ଝୁମିଥିଲା ଓ ବଡ଼ ଉତ୍ସବ ପାଳଟିଥିଲା। ତେଣୁ ପୁଣି ଆର ବର୍ଷକୁ ଅପେକ୍ଷା। ଏହି ୮ ଦିନର ଆଡମ୍ବରପୂର୍ଣ୍ଣ ଆୟୋଜନର ଅନ୍ତିମ ଦିବସରେ ଭାବବିହ୍ୱଳ ହୋଇ ଉଠିଥିଲେ ଆୟୋଜକ। ପ୍ରତିଦିନ ସନ୍ଧ୍ୟାରେ ଓଲିଉଡ୍ ଗାୟକଙ୍କଠାରୁ ଆରମ୍ଭ କରି ସିନେ ତାରକାଙ୍କ କାର୍ଯ୍ୟକ୍ରମ ସମସ୍ତଙ୍କୁ ବେଶ ଆକୃଷ୍ଟ କରିଥିଲା।

## ବ୍ଲକ୍ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷକ କଲ୍ୟାଣ ସମିତି ବୈଠକ



ରାସଗୋବିନ୍ଦପୁର,୨୧।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଶିକ୍ଷକ କଲ୍ୟାଣ ସମିତି ପକ୍ଷରୁ ଶିକ୍ଷକ ଶାନ୍ତନୁ ବେହେରା, ହରିହର ସିଂ ଓ ସେରାଲ ହାଁସଦାଙ୍କ ଆବାହକତ୍ୱରେ ଏକ ଜରୁରିକାଳୀନ ବୈଠକ ଡାହିସାହି ନୂତନ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସମିତିର ଏହି ବୈଠକରେ ସାଂଗଠନିକ କର୍ମକର୍ତ୍ତା ଚୟନ, ବ୍ଲକ୍‌ରେ ନୂତନ ଭାବେ ଯୋଗଦାନ କରିଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରାଯିବାକୁ ନିଷ୍ପତ୍ତି, ଜାନୁଆରୀ ୧୧ରେ ରାଜ୍ୟସ୍ତରୀୟ ଜାତି, ଜନଜାତି ଶିକ୍ଷକ କଲ୍ୟାଣ ସମିତିର ସାଧାରଣ ସଭାରେ ବ୍ଲକ୍‌ରୁ ଶତ ପ୍ରତିଶତ ଯୋଗଦାନ ନେଇ ଆଲୋଚନା, ଜାତି ଓ ଜନଜାତି କଲ୍ୟାଣ ସମିତିର ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ନେଇ ବନ୍ଧୁମିଳନ ସମ୍ପର୍କରେ ନିଷ୍ପତ୍ତି ହୋଇଛି। ସମିତିର ସଭାପତି ଭାବେ ଶିକ୍ଷକ ଶାନ୍ତନୁ ବେହେରା, ସାଧାରଣ ସମ୍ପାଦକ ଭାବେ ଜଗନ୍ନାଥ ଟୁଡୁ, ଉପସଭାପତି ଭାବେ ଅଶୋକ ସିଂ, ହିମାଂଶୁ ସେଠୀ, ରବିନ୍ଦ୍ର ସିଂ, ଶ୍ରୀମତୀ ସିବିତ୍ରୀ ରାମ, ସେକ୍ରେଟାରୀ ଜେନେରାଲ ଭାବେ ହରିହର ସିଂ, ରସାନନ୍ଦ ରାମ, ଓର୍ଗାନାଇଜିଂ ସେକ୍ରେଟାରୀ ଭାବେ ନରେନ୍ଦ୍ର ନାଥ ମୁର୍ମୁ, ଶ୍ରୀମତୀ ସମୀତା ଟୁଡୁ, ଶ୍ରୀମତୀ ରୁନୁ ଦଳେଇ ଓ କୋଷାଧ୍ୟକ୍ଷ ଭାବେ କୋମଳଲୋଚନ ସିଂ, ପ୍ରଶାନ୍ତ ଜେନା ମନୋନୀତ ହୋଇଥିବା ଜଣାପଡ଼ିଛି।

## ବିଶୋଇ ଚାମ୍ପିଅନ୍ସ ଲିଗ୍ ଉଦ୍‌ଘାଟିତ

ବିଶୋଇ,୨୧।୧୨ (ସମିସ): ନେତାଜୀ କ୍ଲବ ଆନୁକୂଲ୍ୟରେ ବିଶୋଇ ଚାମ୍ପିଅନ୍ସ ଲିଗ୍‌ର ଚତୁର୍ଥ ସଂସ୍କରଣ ଆଜି ବିଶୋଇ ମିନି ଷ୍ଟାଡିୟମରେ ଉଦଘାଟିତ ହୋଇଛି। ଏ ଅବସରରେ ମଶାଲ ଯାତ୍ରା ବାହାରି ପାରମ୍ପରିକ ଡାଣ୍ଡା ନାଚ ତାଳେ ତାଳେ ଲିଗ୍‌ର ଟ୍ରଫି ବିଶୋଇ ବଜାର ପରିକ୍ରମା କରି ବିଶୋଇ ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ମୁଖ୍ୟଅତିଥି ଭାବରେ ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ୩୪ ନଂ ଜିଲ୍ଲା। ପରିଷଦ ସଦସ୍ୟା ବିଦ୍ୟୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ମାର୍ଣ୍ଡି, ବିଶୋଇ ସମିତି ସଦସ୍ୟ କାଶୁ ମାଝୀ, କ୍ଲବର ବରିଷ୍ଠ ସଦସ୍ୟ ସୁବାସ ପାତ୍ର, ନାରାୟଣ ମହାପାତ୍ର, ଦେବେନ୍ଦ୍ର ମହାପାତ୍ର, ୱାର୍ଡ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚ ବାବାଜୀ ସିଂଙ୍କ ଜ୍ଞାନ ଚ୍ୟାଲେଞ୍ଜର୍ସ ଓ ଚନ୍ଦ୍ରଭାନୁ ସେଠୀଙ୍କ ବ୍ଲୁ ଷ୍ଟାର ନ୍ୟୁ ରାଇଜିଂ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବ୍ଲୁ ଷ୍ଟାର ନ୍ୟୁ ରାଇଜିଂ ୮ ରନରେ ବିଜୟୀ ହୋଇଥିଲା। ଚଳିତବର୍ଷ ବିଶୋଇ, ବିଜାତଳା, ସାରସକଣା ଓ ବାଙ୍ଗିରିପୋଷି ପ୍ରମୁଖ ୪ଟି ବ୍ଲକର ପ୍ରତିଭାବାନ ଖେଳାଳିଙ୍କୁ ଆଇପିଏଲ ଢାଞ୍ଚାରେ ୮ଟି ଦଳ ଗଠନ କରାଯାଇଛି। କ୍ଲବ ସଭାପତି ମାନସ ମହାପାତ୍ର, ସମ୍ପାଦକ ସଚିନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ସୁମନ୍ତ ସାହୁ, କ୍ରୀଡା ସମ୍ପାଦକ ରିତୁନ ମହାନ୍ତି, ସାଂସ୍କୃତିକ ସମ୍ପାଦକ ରଞ୍ଜନ କବାଟ, ଉପସଭାପତି ଦୀପକ ଗନ୍ତାୟତ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି।



## ● ବେତନଟୀ ପ୍ରିମିୟର ଲିଗ୍
## ଜଗନ୍ନାଥ ୱାରିୟର୍ସ ଓ ବାହାନଡା ଟାଇଗର ବିଜୟୀ

ବେତନଟୀ, ୨୧।୧୨(ସମିସ): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗର ପଞ୍ଚମ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଜଗନ୍ନାଥ ୱାରିୟର୍ସ କାଳ ଭୈରବକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ବାହାନଡା ଟାଇଗର ଜୟ ଶ୍ରୀରାମ ଫାଇଟରକୁ ପରାସ୍ତ କରିଥିଲା। ପ୍ରଥମ ମ୍ୟାଚରେ କାଳ ଭୈରବ ୧୬.୨ ଓଭରରେ ୯୬ ରନ କରିଥିବାବେଳେ ଜଗନ୍ନାଥ ୱାରିୟର୍ସ ୧୧.୫ ଓଭରରେ ୪ ୱିକେଟ ହରାଇ ୯୭ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଜୟ ଶ୍ରୀରାମ ଫାଇଟର ୧୬.୩ ଓଭରରେ ୭୩ ରନ ସଂଗ୍ରହ କରିଥିବାବେଳେ ବାହାନଡା ଟାଇଗର ୧୫.୪ ଓଭରରେ ୪ ୱିକେଟ ହରାଇ ୭୬ ରନ କରି ବିଜୟୀ ହୋଇଥିଲା। ଖେଳକୁ କେ ଇନ୍ଦ୍ରଜିତ ଓ ପ୍ରକାଶ ଜ୍ୟୋତି ଆଦିତ୍ୟ ପରିଚାଳନା କରିଥିଲେ।

## କାଠବାଉଁଶୁଳି ପ୍ରିମିୟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଝୁମ୍ପୁରା,୨୧।୧୨(ସମିସ): ସଦର ବ୍ଲକ କାଠବାଉଁଶୁଳି ନେତାଜୀ ୟୁଥ୍ ଆସୋସିଏସନ୍ ପକ୍ଷରୁ ରାଜ୍ୟସ୍ତରୀୟ ୨୫ତମ କେପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ଏସପି ନୀତିନ କୁଶଳକର, ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ଅଧିକାରୀ ଜିଲ୍ଲା ପରିଷଦ କେନ୍ଦୁଝର କୁମାର ନାଗଭୂଷଣ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ବନ ସଂରକ୍ଷଣ ଅଧିକାରୀ ସୁଦୀପ୍ତ କୁମାର ପଣ୍ଡା, ଅନୁବ୍ରତ ବେହେରା, ବିଶ୍ୱଜିତ ତ୍ରିପାଠୀ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ କେନ୍ଦ୍ରାପଡ଼ା ଏବଂ ରାଖା ଏକାଦଶ ଚକ୍ରଧରପୁର ଝାଡ଼ଖଣ୍ଡ ମଧ୍ୟରେ ଖେଳାଯାଇଥିଲା। ଆଳୀ ଏକାଦଶ କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ୱିକେଟ୍ ହରାଇ ୨୧୫ ରନ କରିଥିଲେ। ଚକ୍ରଧରପୁର ୧୧.୪ ଓଭର ୧୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲେ। ସୁଶାନ୍ତ ପଣ୍ଡା, ଦିବ୍ୟରଞ୍ଜନ ରାଣା ମ୍ୟାଚ ପରିଚାଳନା କରିଥିଲେ। ତାରିଣୀ ସେନ୍ ଲୋହାର, ମିତ୍ରଭାନୁ ସର୍ଦ୍ଦାର, ଆକାଶ ଆରୁକ୍ ସ୍କୋରର ଥିବା ବେଳେ ଜାଫରଉଲ୍ଲାହ ଧାରାବିବରଣୀ ପ୍ରଦାନ କରିଥିଲେ। ଆସୋସିଏସନ୍ ସଭାପତି ଜଗନ୍ନାଥ ମୋଦି, ସଂପାଦକ ବିଶ୍ୱମିତ୍ର ମହାନ୍ତ, ଉପସଭାପତି ପ୍ରସନ୍ନା ସର୍ଦ୍ଦାର, ଡାଇରେକ୍ଟର କରୁଣ ମାଟିଆ ସହଯୋଗ କରିଥିଲେ। ସାଉଣ୍ଡରେ କୁନାଲ ମହାନ୍ତ, ମ୍ୟୁଜିକରେ ଜେକେ ମ୍ୟୁଜିକ୍ ପଡୁଆ ଏବଂ ଲାଇଭ ସ୍କୋରିଂରେ ଷ୍ଟୁଡିଓ ରୋର୍ ମିଡିଆ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ସପକ୍ଷରେ ପାଲବଣିବାସୀ

ବାରିପଦା,୨୧।୧୨(ସମିସ)



ବାରିପଦା ସହରର ପାଲବଣୀରେ ହେବାକୁ ଥିବା ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ସପକ୍ଷରେ ବାହାରିଛନ୍ତି ପାଲବଣିବାସୀ। ପରିବେଶକୁ ଆଳ କରି କିଛି ବ୍ୟକ୍ତି ସରକାରଙ୍କ ଉନ୍ନୟନ କାର୍ଯ୍ୟକୁ ବାଧା ପହଞ୍ଚାଉଛନ୍ତି। ଏହାକୁ ଆମେ ମିଳିତ ଭାବେ ପ୍ରତିରୋଧ କରୁଛୁ ବୋଲି ରବିବାର ସନ୍ଧ୍ୟାରେ ପାଲବଣୀ ଦୂର୍ଗାପୂଜା ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିକ୍ଷୋଦାଗାର କରିଛନ୍ତି ବିଭିନ୍ନ ସଂଗଠନର ନେତୃବୃନ୍ଦ। ସଂଗଠନ ମଧ୍ୟରେ ପାଲାବଣୀ ଦୂର୍ଗପୂଜା କମିଟି, ଲକ୍ଷ୍ମୀପୂଜା କମଟି, ଷ୍ଟେସନ ଆଥଲେଟିକ ଆସୋସିଏସନ, ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମ୍, ମୟୂରଭଞ୍ଜ ଟ୍ରକ ଆସୋସିଏସନ, ଲେଟକଟକ୍ କ୍ଲବ, ଛାଞ୍ଚ ଉନ୍ନୟନ ପରିଷଦ ଓ ପଞ୍ଚତରକା କ୍ଲବର ପ୍ରତିନିଧି ଗଣ ଉପସ୍ଥିତ ଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ୮୦ ଦଶକରୁ କାମ କରୁଥିବା ଘରୋଇ ବସଷ୍ଟାଣ୍ଡ ଦିନକୁ ଦିନ ସଙ୍କୁଚିତ ହେବାକୁ ଲାଗିଛି। କ୍ରମବର୍ଦ୍ଧିଷ୍ଣୁ ସହରକୁ ଏବେ ଦୈନିକ ୧୭୦ରୁ ଅଧିକ ବସ ଏକାଧିକ ଥର ଯା'ଆସ କରୁଛି। ବସରହଣୀର ସ୍ଥାନ ନ ଥିବାରୁ ସହରର ବିଭିନ୍ନ ରାସ୍ତାକଡରେ ପାର୍କିଂ ବିପଦକୁ ଡାକୁଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ୧୯୯୮ରେ ବସଷ୍ଟାଣ୍ଡ ସ୍ଥାନାନ୍ତର ଯୋଜନା ହୋଇଥିଲା। କିନ୍ତୁ ଏକାଧିକ କାରଣ ପାଇଁ ବନ୍ଦ ରହିଥିଲା। ୨୦୧୯ରେ ମୁର୍ଗାବାଡି ମଣ୍ଡଳ କାରଗାର ଓ ପରେ ରଘୁନାଥପୁର ଦରୋଘାଡାହିକୁ ବସଷ୍ଟାଣ୍ଡ ସ୍ଥାନାନ୍ତର ପାଇଁ ଯୋଜନା ହୋଇଥିଲା, କିନ୍ତୁ ଜାଗା ସମସ୍ୟା ପାଇଁ ହୋଇପାରି ନ ଥିଲା। ଏବେ ପତିତ ଜମିରେ ବସଷ୍ଟାଣ୍ଡ ପାଇଁ ଗଛକଟା ଯାଉଥିବାବେଳେ ଏହାକୁ କିଛି ବିରୋଧ କରିବା ସହ ଜିଲ୍ଲାର ବିକାଶର ବାଧା ଆଣୁଛନ୍ତି। ପରିବେଶର ଆଳ କରି ସେମାନେ ବିରୋଧ ଆରମ୍ଭ କରିଛନ୍ତି।

୨୦୧୪-୧୫ରେ ଏଠାରେ ସହରୀ ବନୀକରଣ ଯୋଜନାରେ ଗଛ ରୋପଣ କରାଯାଇଥିଲାବେଳେ ବସଷ୍ଟାଣ୍ଡ ପାଇଁ ୧୭୮୯ଟି ଗଛ କଟାଯାଇଥିଲା। ସେ ଗଛ ଅଳ୍ପ ମୋଟେଇ ଓ ଆୟୁଷ ୧୦ବର୍ଷ। କଟିଥିବା ଗଛ ପ୍ରତି ବଦଳରେ ବନ ବିଭାଗ ପକ୍ଷରୁ ଏହାର ୬ ଗୁଣା ଗଛ ସହରର ବିଭିନ୍ନ ସ୍ଥାନରେ ଲଗାଇବାକୁ ଯୋଜନା କରିଥିବାବେଳେ ବସଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଆଇନଗତ ପ୍ରକ୍ରିୟାରେ ଫସାଇବାକୁ ଚେଷ୍ଟା କରାଯାଉଛି ବୋଲି କୁହାଯାଇଛି। ପ୍ରସ୍ତାବିତ ସ୍ଥାନରେ ବସଷ୍ଟାଣ୍ଡ ହେଲେ ଭବିଷ୍ୟତରେ ସହରରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇବ ତାହା ନୁହେଁ ଦୁର୍ଘଟଣା କମିବ। ସହର ମଧ୍ୟରେ ପ୍ରଦୂଷଣ ମଧ୍ୟ ହ୍ରାସ ପାଇବ। ଜାତୀୟ ରାଜପଥ ପାଖରେ, ରେଳ ଷ୍ଟେସନ, ସମସ୍ତ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟର ନିକଟ ସ୍ଥାନରେ ବସଷ୍ଟାଣ୍ଡ ହେଲେ ସଭିଏଁ ଉପକୃତ ହେବେ। ଏଣୁ ଉନ୍ନୟନ କାର୍ଯ୍ୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ ଲୋଡିଥିଲେ। ଗିରିଶ ଦାସ, ଅସିତ କର, ଆଦିତ୍ୟ ଦଣ୍ଡପାଟ୍, ସଞ୍ଜୀବ ଦ୍ୱିବେଦୀ, ଦେବବ୍ରତ ସାମଲ, ତ୍ରିଲୋଚନ ଗିରି, ଅଶୋକ ଗିରି, ଶାଶାଙ୍କ କର, ଶଙ୍କୁ ପାଲ, ହରିଶ ହେମ୍ବ୍ରମ, ପ୍ରଦୀପ ମୁର୍ମୁ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଅଫିସ୍ ସମସ୍ୟା ସମାଧାନ ହେବ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। କମ୍ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୮୪୩- ଦେବେନ୍ଦ୍ରନାଥ ଟାଗୋର ବ୍ରାହ୍ମ ସମାଜରେ ଯୋଗ ଦେଲେ।
- ୧୮୫୧- ରୁର୍କୀରୁ ଚାଲିଲା ଦେଶର ପ୍ରଥମ ମାଲଗାଡ଼ି।
- ୧୮୫୩- ରାମକୃଷ୍ଣ ପରମହଂସଙ୍କ ପତ୍ନୀ ଶାରଦା ଦେବୀଙ୍କ ଜନ୍ମ।
- ୧୯୦୧- ଶାନ୍ତିନିକେତନରେ ଖୋଲିଲା ବ୍ରହ୍ମଚର୍ଯ୍ୟ ଆଶ୍ରମ।
- ୧୯୭୧- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।

# ଜାତୀୟ ଗଣିତ ଦିବସ



ଦୈନନ୍ଦିନ ଜୀବନରେ ଗଣିତର ଆବଶ୍ୟକତାକୁ ହୃଦ୍‌ବୋଧ କରି ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଉଛି। ମହାନ୍ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍‌ଙ୍କ ଏହା ଜନ୍ମ ଦିବସ। ୨୦୧୨ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ଶ୍ରୀନିବାସ ରାମାନୁଜନ୍‌ଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ କରିବା ଅବସରରେ ତାଙ୍କର ଜନ୍ମଦିବସକୁ 'ଜାତୀୟ ଗଣିତ ଦିବସ' ରୂପେ ପାଳନ କରିବା ପାଇଁ ଘୋଷଣା କରିଥିଲେ। ସେହିଦିନଠାରୁ ଡିସେମ୍ବର ୨୨କୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଇ ଆସୁଅଛି। ଗଣିତର ମହତ୍ତ୍ୱ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ରାମାନୁଜନ୍ ୧୮୮୭ ମସିହା ଆଜିର ଦିନରେ ତାମିଲନାଡୁର କୋଏମ୍ବାଟୁରର ଇରୋଡ୍‌ରେ ଜନ୍ମଗ୍ରହଣ କରିଥିଲେ। ପିଲାଟିବେଳୁ ତାଙ୍କର ଗଣିତ ପ୍ରତି ଦୁର୍ବଳତା ଥିଲା। ଏପରିକି ୧୨ ବର୍ଷରୁ ସେ 'କୋଏମ୍ବାଟୁରର ବିସ୍ମୟ ବାଳକ' ଭାବେ ପରିଚୟ ଲାଭ କରିଥିଲେ। ତାଙ୍କର ଅଧିକାଂଶ ସମୟ ଗଣିତ ପଢ଼ିବା ତଥା କଷିବାରେ ଅତିବାହିତ ହେଉଥିଲା। ଏଥିପାଇଁ ଅନ୍ୟାନ୍ୟ ବିଷୟରେ ସେ କମ୍ ମାର୍କ ରଖୁଥିଲେ। ସେହିପରି ସେ ୧୨ ବର୍ଷ ବୟସରୁ ତ୍ରିକୋଣମିତିରେ ପାରଦର୍ଶିତା ହାସଲ କରିଥିଲେ। ରାମାନୁଜନ୍ ବିଶ୍ୱପ୍ରସିଦ୍ଧ ବ୍ରିଟିଶ୍ ଗଣିତଜ୍ଞ ହାର୍ଡିଙ୍କ ସହ ପତ୍ରାଳାପ କରି ତାଙ୍କ ପ୍ରତିଭାର ପରିଚୟ ଦେବା ସହ ତାଙ୍କ ଅନୁଗ୍ରହରୁ ମାଡ୍ରାସ ଏବଂ ପରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଛାତ୍ରବୃତ୍ତି ପାଇ ଅଧ୍ୟୟନର ସୁବିଧା ହାସଲ କରିପାରିଲେ। ରାମାନୁଜନ୍ ଇଂଲଣ୍ଡରେ ପାଞ୍ଚ ବର୍ଷ ରହିଥିଲେ। ସେହି ସମୟ ଭିତରେ ସେ ପ୍ରକାଶ କରିଥିଲେ ଅତି ଉଚ୍ଚମାନର ଗବେଷଣା ଆଧାରିତ ୨୧ଟି ମୌଳିକ ଗଣିତ ପ୍ରବନ୍ଧ। ଗାଣିତିକ ବିଶ୍ଳେଷଣ, ସଂଖ୍ୟାତତ୍ତ୍ୱ, ଅନନ୍ତକ୍ରମ ଇନ୍‌ଫାଇନାଇଟ୍ ସିରିଜ୍, ଆବୃତ୍ତ ଭଗ୍ନାଂଶ ବା କଣ୍ଟିନ୍ୟୁଡ୍ ଫ୍ରାକସନ ଇତ୍ୟାଦି କ୍ଷେତ୍ରରେ ତାଙ୍କର ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। ମାତ୍ର ସଂଖ୍ୟାତତ୍ତ୍ୱ ପ୍ରତି ଥିଲା ତାଙ୍କର ସ୍ୱତନ୍ତ୍ର ଆକର୍ଷଣ। ଗଣିତ କ୍ଷେତ୍ରରେ ଏପରି ଉଲ୍ଲେଖନୀୟ ଅବଦାନ ପାଇଁ ସେ ମାତ୍ର ୩୦ବର୍ଷ ବୟସରେ ଫେଲୋ ଅଫ୍ ଦ ରୟାଲ ସୋସାଇଟି ଏବଂ ଫେଲୋ ଅଫ ଟ୍ରିନିଟି କଲେଜ ସମ୍ମାନରେ ସମ୍ମାନିତ ହୋଇଥିଲେ। ୨୬ ଏପ୍ରିଲ, ୧୯୨୦ରେ ମାତ୍ର ୩୨ ବର୍ଷ ବୟସରେ, ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଗଣିତ ଦିବସ ଅବସରରେ ଦେଶର ବିଭିନ୍ନ ରାଜ୍ୟରେ ଅବସ୍ଥିତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଶିକ୍ଷା ଅନୁଷ୍ଠାନରେ ଗଣିତ ସହ ଜଡ଼ିତ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୁଏ। ଏଥିସହ ମହାନ ଗଣିତଜ୍ଞ ରାମାନୁଜନଙ୍କ ଜୀବନୀ ଏବଂ ଗଣିତ ପ୍ରତି ତାଙ୍କ ଅବଦାନ ବାବଦରେ ଆଲୋକପାତ କରାଯାଏ।

# 'ବାରାଣସୀ' ସେଟ୍ ଆସିବାକୁ ଚାହାନ୍ତି 'ଅବତାର' ନିର୍ଦ୍ଦେଶକ


'ବାହୁବଳି', 'ଆର୍‌ଆର୍‌ଆର୍' ଭଳି ବ୍ଲକ୍‌ବଷ୍ଟର ଫିଲ୍ମ ଦେଇଥିବା ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଳି ଏବେ ତାଙ୍କ ଫିଲ୍ମ 'ବାରାଣସୀ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। 'ଆର୍‌ଆର୍‌ଆର୍' ଫିଲ୍ମର 'ନାଟୁ ନାଟୁ' ଗୀତକୁ ଓସ୍କାର ମିଳିବା ପରେ ରାଜମୌଳି ଏବେ ବିଶ୍ୱସ୍ତରର ଜଣେ ଫିଲ୍ମ ନିର୍ମାତା ପାଲଟି ଯାଇଛନ୍ତି। ମହେଶ ବାବୁ, ପ୍ରିୟଙ୍କା ଚୋପ୍ରା ଓ ପୃଥ୍ୱୀରାଜ ସୁକୁମାରନଙ୍କ ଅଭିନୀତ ଏହି ଫିଲ୍ମକୁ ନେଇ 'ଅବତାର: ଫାୟାର ଆଣ୍ଡ ଆଶ୍' ନିର୍ଦ୍ଦେଶକ ଜେମସ୍ କ୍ୟାମରୁନ୍ ବେଶ୍ ଉତ୍ସାହିତ ଅଛନ୍ତି। ଏହି ଫିଲ୍ମର ପ୍ରଥମ ଝଲକ ରାମୋଜି ଫିଲ୍ମ ସିଟିରେ ଏକ ଭବ୍ୟ ସମାରୋହରେ ପ୍ରଦର୍ଶନ କରାଯାଇଥିଲା। ଏଥିରେ ପାଖାପାଖି ୫୦ ହଜାର ଲୋକ ଯୋଗ ଦେଇଥିଲେ। ଏବେ କ୍ୟାମରୁନ୍ ଏହି ଫିଲ୍ମକୁ ପରଦା ଉପରେ ଦେଖିବା ପାଇଁ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି। ଏପରିକି ଏହି ଫିଲ୍ମର ସୁଟିଂ ସେଟ୍‌କୁ ମଧ୍ୟ ସେ ଆସିବା ପାଇଁ ଆଗ୍ରହୀ ଥିବା ଜଣାପଡ଼ିଛି। 'ଅବତାର ୩' ରିଲିଜ୍ ପୂର୍ବରୁ କ୍ୟାମରୁନ୍ ରାଜମୌଳିଙ୍କୁ ଭିଡିଓ କଲ୍ କରି ଭାରତ ଆସି 'ବାରାଣସୀ' ସେଟ୍‌କୁ ଦେଖିବା ପାଇଁ ଇଚ୍ଛା କରୁଥିବା କଥା କହିଥିଲେ। ରାଜମୌଳି ଏହା ଶୁଣି ଖୁସି ହେବା ସହ ସେ ଆସିଲେ ପୂରା ସିନେ ଇଣ୍ଡଷ୍ଟ୍ରୀ ତାଙ୍କର ସ୍ୱାଗତ କରିବ ବୋଲି କହିଥିଲେ। ଯେତେବେଳେ ସେ କୌଣସି ରୋମାଞ୍ଚକର ସିନ୍ ସୁଟ୍ କରିବେ ସେତେବେଳେ ତାଙ୍କୁ ଡାକିବା ପାଇଁ କ୍ୟାମରୁନ୍ ରାଜମୌଳିଙ୍କୁ କହିଥିଲେ।





## ଆଜି ଆସିଥିଲେ

# ପଲ୍ଲୀକବି ନନ୍ଦକିଶୋର



ଉତ୍କଳର ମାଟି, ପାଣି, ପବନକୁ ମନୋରମ ଛନ୍ଦରେ ଛନ୍ଦାୟିତ କରି କାବ୍ୟକବିତାର ରୂପ ଦେବାରେ ବେଶ୍ ଧୂରୀଣ ଥିଲେ ପଲ୍ଲୀକବି ନନ୍ଦକିଶୋର ବଳ। ତାଙ୍କ କବିତାରେ ପଲ୍ଲୀର ଦୃଶ୍ୟ, ପଲ୍ଲୀ ଜୀବନ, ମାଟି ପ୍ରତି ଭଲପାଇବା ଏବଂ ଭାଷା ସାହିତ୍ୟକୁ ବଞ୍ଚାଇ ରଖିବାର ଆବେଗ ମୁଖର ହୋଇଛି। ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ସ୍ୱପ୍ନ ଥିଲା। ସେ ନିଜ ରଚନାରେ ପଲ୍ଲୀ ଜୀବନର ନିଖୁଣ ଚିତ୍ରକୁ ଏଭଳି ଭାଷାରେ ବର୍ଣ୍ଣନା କରିଥିଲେ, ଯାହା ପାଠକ ମନରେ ପଲ୍ଲୀର ଛବିକୁ ଜୀବନ୍ତ କରିଦେଉଥିଲା। ଓଡ଼ିଶାର ଗାଁ ଗଣ୍ଡାର ପ୍ରାକୃତିକ ପରିବେଶ ଉପରେ ତାଙ୍କର ଅଧିକାଂଶ କବିତା ପର୍ଯ୍ୟବସିତ। ସେ ଓଡ଼ିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ 'ପଲ୍ଲୀ କବି' ବୋଲି ସମ୍ବୋଧନ କରାଯାଇଥାଏ। ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ। ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା। ସେ ଓଡ଼ିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଁରେ ୧୮୭୫ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଭଜନାନନ୍ଦ ଜେନା ଓ ମାତାଙ୍କ ନାମ ହିରଣ୍ମୟୀ ଦେବୀ ଥିଲା। ତାଙ୍କ ବାଲ୍ୟଜୀବନ କୁସୁପୁରରେ ହିଁ କଟିଥିଲା। ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ୧୮୯୬ ମସିହାରେ ସେ କୋକିଳା ଦେବୀଙ୍କୁ ବିବାହ କରିଥିଲେ। ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ। ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ଦକ୍ଷତା ଓ କୃତିତ୍ୱକୁ ସ୍ୱୀକୃତି ଜଣାଇ ୧୯୨୪ ମସିହାରେ ଇଂରେଜ ସରକାର ତାଙ୍କୁ "ରାୟ ବାହାଦୂର" ଉପାଧି ପ୍ରଦାନ କରିଥିଲେ। ନନ୍ଦକିଶୋର କଲେଜ ପଢ଼ିବାଠୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ। ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି। ତାଙ୍କ ସନେଟ୍‌ଗୁଡ଼ିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ଛୋଟ ପିଲାଙ୍କ ପାଇଁ 'ନାନାବାୟା ଗୀତ' ଲେଖି ଓଡ଼ିଶାର ପୁରପଲ୍ଲୀରେ ପରିଚିତ ହୋଇଥିଲେ। ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି। ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ପଲ୍ଲୀଚିତ୍ର', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ। ସେହପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି। କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା। ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ। ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ବହୁ ଉଦ୍ୟମ କରିଥିଲେ। ପଲ୍ଲୀକବିଙ୍କ କବିତାର ପ୍ରତିଟି ପୃଷ୍ଠାରେ ପଲ୍ଲୀ ଜୀବନଧାରା ଜୀବନ୍ତ ଭାବେ ପରିସ୍ଫୁଟ ହୋଇଥିଲା। ଓଡ଼ିଆ ସାହିତ୍ୟକୁ ତାଙ୍କ ବହୁବିଧ ସୃଷ୍ଟି ସମ୍ଭାର ପାଇଁ ସେ ଚିରକାଳ ସ୍ମରଣୀୟ ହୋଇ ରହିବେ।

# ଗ୍ରହ ସହ ଅଙ୍ଗୁଳିର ସମ୍ବନ୍ଧ

**ହସ୍ତରେଖା ଶାସ୍ତ୍ର ଅନୁସାରେ, ହାତର ପାଞ୍ଚ ଅଙ୍ଗୁଳିର ସମ୍ବନ୍ଧ କୌଣସି ନା କୌଣସି ଗ୍ରହ ସହ ସମ୍ବନ୍ଧ ରଖନ୍ତି। ଏହାର ଶୁଭାଶୁଭ ପ୍ରଭାବ ମଧ୍ୟ ଜୀବନରେ ପଡ଼ିଥାଏ।**



**ବୁଢ଼ା ଅଙ୍ଗୁଳି:** ବୁଢ଼ା ଅଙ୍ଗୁଳିର ସମ୍ବନ୍ଧ ଶୁକ୍ର ଗ୍ରହ ସହ ଥାଏ। ଶୁକ୍ର ଗ୍ରହ ପ୍ରେମ, ସୌନ୍ଦର୍ଯ୍ୟ, ଧନ, ଐଶ୍ୱର୍ଯ୍ୟର କାରକ। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ଭୌତିକ ସୁଖ ପ୍ରାପ୍ତ ହୁଏ। ଉତ୍ତମ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ଓ ତର୍କ ଶକ୍ତି ଥାଏ।

**ତର୍ଜନୀ ଅଙ୍ଗୁଳି:** ତର୍ଜନୀ ଅଙ୍ଗୁଳିର ସମ୍ବନ୍ଧ ଗୁରୁ ଗ୍ରହ ସହିତ ରହିଛି। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ଲୋକେ ଧର୍ମ-କର୍ମରେ ସାମିଲ ହୁଅନ୍ତି। ଏଭଳି ଲୋକ ବହୁତ ବୁଦ୍ଧିମାନ ହୋଇଥାନ୍ତି।

**ମଧ୍ୟମା ଅଙ୍ଗୁଳି:** ମଧ୍ୟମା ଅଙ୍ଗୁଳି ଉପରେ ଶନି ଗ୍ରହର ପ୍ରଭାବ ଥାଏ। ଶୁଭ ଗୁଣ ସହିତ ଏହି ଅଙ୍ଗୁଳି ଜଡ଼ିତ ଥିଲେ ବ୍ୟକ୍ତି ସଂଗୀତପ୍ରେମୀ ହୋଇଥାନ୍ତି। ଈଶ୍ୱରଙ୍କ ପ୍ରତି ଗଭୀର ଭକ୍ତି ଥାଏ। ଏଭଳି ଲୋକେ ପ୍ରାଣୀପ୍ରେମୀ ବି ହୋଇଥାନ୍ତି।

**ଅନାମିକା ଅଙ୍ଗୁଳି:** ଅନାମିକା ଅଙ୍ଗୁଳି ଉପରେ ସୂର୍ଯ୍ୟଙ୍କ ପ୍ରଭାବ ଥାଏ। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ, ବ୍ୟକ୍ତି ସମାଜରେ ସମ୍ମାନ ପ୍ରାପ୍ତ କରନ୍ତି। ଏଭଳି ଲୋକେ ବହୁତ ମହତ୍ତ୍ୱାକାଂକ୍ଷୀ ହୋଇଥାନ୍ତି ଏବଂ ଅଧିକ ଧନ ଉପାର୍ଜନ କରନ୍ତି।

**କନିଷ୍ଠା ଅଙ୍ଗୁଳି:** ଏହି ଅଙ୍ଗୁଳିର ସମ୍ବନ୍ଧ ବୁଧ ଗ୍ରହ ସହିତ ଅଛି। ବୁଧ ଗ୍ରହ ବୁଦ୍ଧି, ବାଣୀ ଓ ପଢ଼ାର କାରକ। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ପଢ଼ାଲେଖାରେ ମନୋନିବେଶ କରନ୍ତି। ଏଭଳି ଲୋକ ପ୍ରଫେସର, ସାହିତ୍ୟକାର ହୋଇଥାନ୍ତି। ବୁଦ୍ଧି ସହିତ ଜଡ଼ିତ କାମରେ ସଫଳତା ଲାଭ କରନ୍ତି।

## ସ୍ୱସ୍ତି

# ରୋଷେଇ ଜିନିଷ ବାରମ୍ବାର ପଡୁଥିଲେ...

**ରୋଷେଇ ଘରେ ଥିବା ଜିନିଷ ବାରମ୍ବାର ପଡ଼ିବା ବାସ୍ତୁ ଦୋଷ ଏବଂ ଗ୍ରହର ଦୁର୍ବଳ ସ୍ଥିତିର ସଙ୍କେତ ପ୍ରଦାନ କରିଥାଏ। ବାରମ୍ବାର ଏଭଳି ହେବାକୁ ଅଶୁଭ ବୋଲି କୁହାଯାଏ। ଏହାଦ୍ୱାରା ପରିବାରର ସମୃଦ୍ଧି ପ୍ରଭାବିତ ହୁଏ।**

- ବାରମ୍ବାର ରୋଷେଇ ଘରେ ଲୁଣ ପଡ଼ିବା ଗ୍ରହର ସ୍ଥିତି ଦୁର୍ବଳକୁ ଇଙ୍ଗିତ କରେ। ଏହାର ପ୍ରଭାବ, ଧନ, ସୌଭାଗ୍ୟ, ପାରିବାରିକ ଶାନ୍ତି ଉପରେ ପଡ଼େ।
- ସେହିପରି ବାରମ୍ବାର ସୋରିଷ ତେଲ ପଡ଼ିବା ଶନି ଗ୍ରହ ସହିତ ସମ୍ବନ୍ଧିତ ସମସ୍ୟାର ସଙ୍କେତ ଦିଏ। ଏହାର ପ୍ରଭାବ ମାନସମ୍ମାନ ଏବଂ ଧନ ଉପରେ ପଡ଼େ।
- କ୍ଷୀର ଚନ୍ଦ୍ରର ପ୍ରତୀକ। ବାରମ୍ବାର କ୍ଷୀର ପଡ଼ିବା ଚନ୍ଦ୍ର ଦୁର୍ବଳ ସ୍ଥିତିରେ ଥିବା ସୂଚାଏ। ଏହାର ପ୍ରଭାବ ପରିବାରର ସୁଖ-ଶାନ୍ତି ଓ ସମୃଦ୍ଧି ଉପରେ ପଡ଼ିଥାଏ।
- ରୁଟି, ଅନ୍ନ ଆଦି ଅନ୍ୟାନ୍ୟ ରନ୍ଧା ଖାଦ୍ୟ ବାରମ୍ବାର ତଳେ ପଡ଼ିବାକୁ ଗୁରୁତର ବାସ୍ତୁ ଦୋଷ ବୋଲି କୁହାଯାଏ। ଏହା ଦରିଦ୍ରତା ଏବଂ ଅନ୍ନପୂର୍ଣ୍ଣାଙ୍କ ପ୍ରତି ଅପମାନକୁ ଦର୍ଶାଏ।



# ମନ୍ଦିରରୁ ଫେରି ତୁରନ୍ତ ଗୋଡ଼ ଧୁଅନ୍ତୁ ନାହିଁ


**ମନ୍ଦିର କେବଳ ପୂଜା କରିବାର ସ୍ଥାନ ନୁହେଁ, ବରଂ ଏହା ଶାନ୍ତି ଓ ସକାରାତ୍ମକ ଶକ୍ତି ପ୍ରଦାନ କରେ। ସୁଖ ତଥା ଶାନ୍ତି ଜୀବନ ଲାଗି ଲୋକେ ମନ୍ଦିରରେ ପ୍ରାର୍ଥନା କରନ୍ତି। ହେଲେ ମନ୍ଦିରରୁ ଫେରି ତୁରନ୍ତ ପାଦ ଧୋଇବା କିମ୍ବା ଗାଧୋଇବା ଭଲ ନୁହେଁ।**



ସାଧାରଣତଃ ମନ୍ଦିରରୁ ଫେରିବା ପରେ ଲୋକେ ଗୋଡ଼ ହାତ ଧୁଅନ୍ତି। ଏହା ଏକ ସାଧାରଣ ଅଭ୍ୟାସ। ତେବେ ଧାର୍ମିକ ଦୃଷ୍ଟିକୋଣରୁ ଏହା ଠିକ୍ ନୁହେଁ। ତେଣୁ ମନ୍ଦିରରୁ ତୁରନ୍ତ ଫେରିବା ପରେ ଗାଧୋଇବା ତଥା ଗୋଡ଼ ଧୋଇବା ଭଲ ନୁହେଁ। ଏହା ଦ୍ୱାରା ମନ୍ଦିରରୁ ମିଳିଥିବା ପବିତ୍ରତା ଏବଂ ସକାରାତ୍ମକ ଶକ୍ତି ହ୍ରାସ ପାଏ। କିଛି ସମୟ ସେହି ଶକ୍ତି ନିଜ ଭିତରେ ରଖିବା ପାଇଁ ଏଭଳି ନ କରିବାକୁ କୁହାଯାଇଛି। ମନ୍ଦିରରେ ପୂଜାପାଠର ପ୍ରଭାବ ସିଧା ଶରୀର ଓ ମନ ଉପରେ ପଡ଼ିଥାଏ। ମନ୍ଦିରରୁ ଯେଉଁ ଶକ୍ତି ମିଳେ, ତାହା କିଛି ସମୟ ପାଇଁ ଆମ ଆଖପାଖରେ ରହେ। ମନକୁ ଶାନ୍ତି ପ୍ରଦାନ କରେ। ତେବେ ମନ୍ଦିରରୁ ଫେରିବା ପରେ କିଛି ସମୟ ବସି ଠାକୁରଙ୍କ ଧ୍ୟାନ କରିବା ଉଚିତ। ଏହାଦ୍ୱାରା ମନ ଶାନ୍ତ ହୁଏ ଏବଂ ଦିନଟି ଭଲ ଭାବେ ବିତିଥାଏ। ଶାସ୍ତ୍ରରେ କୁହାଯାଇଛି ମନ୍ଦିରକୁ ଯିବା ପୂର୍ବରୁ ହାତ ଗୋଡ଼ ଧୋଇବା ଉଚିତ। ହେଲେ ସେଠାରୁ ଫେରିବା ପରେ ଏଭଳି କରିବା ଅନୁଚିତ। ଅନ୍ୟପକ୍ଷରେ ମନ୍ଦିରରୁ ଫେରି ତୁରନ୍ତ ପାଣିର ବ୍ୟବହାର ନ କରିବା ଭଲ।

# ଦକ୍ଷିଣ ଦିଗରେ ଲଗାନ୍ତୁ ହନୁମାନଙ୍କ ଫଟୋ

ହନୁମାନଙ୍କୁ ସଙ୍କଟମୋଚନ କୁହାଯାଏ। ତେବେ ବାସ୍ତୁ ଅନୁସାରେ ହନୁମାନଙ୍କ ଫଟୋ ଲଗାଇବା ଦ୍ୱାରା ସମସ୍ତ ପ୍ରକାର ସଙ୍କଟ ଓ ବାଧା ଦୂର ହୁଏ। ଏହାଦ୍ୱାରା ସବୁ ପ୍ରକାର ନକାରାତ୍ମକ ଶକ୍ତି ମଧ୍ୟ ଘରୁ ଦୂର ହୋଇଥାଏ। ତେବେ ବାସ୍ତୁ ଶାସ୍ତ୍ର ଅନୁସାରେ, ହନୁମାନଙ୍କ ଫଟୋ ଦକ୍ଷିଣ ଦିଗରେ ଲଗାଇବା ଉଚିତ। ଏହି ଦିଗରେ ହନୁମାନଙ୍କ ପ୍ରଭାବ ଅଧିକ ଥାଏ। ତେଣୁ ଏହି ଦିଗକୁ ଶୁଭ ବୋଲି ବିବେଚନା କରାଯାଏ।



ଦକ୍ଷିଣ ଦିଗରେ ହନୁମାନଙ୍କ ଫଟୋ ଲଗାଇବା ଦ୍ୱାରା ସୁଖ ଓ ସମୃଦ୍ଧି ବୃଦ୍ଧି ପାଏ। ତା'ସହ ବାସ୍ତୁ ଦୋଷ ଦୂର ହୁଏ ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହେ। ସେହିପରି ମଙ୍ଗଳ ଦୋଷ ଦୂର ହୋଇ ଶୁଭ ପରିଣାମ ମିଳିଥାଏ। କେବଳ ସେତିକି ନୁହେଁ, ହନୁମାନଙ୍କ ଆଶୀର୍ବାଦ ଓ କୃପା ପ୍ରାପ୍ତି ହୁଏ। ଏହାବାଦ୍ ସମସ୍ତ କାର୍ଯ୍ୟରେ ସଫଳତା ପ୍ରାପ୍ତ ହୁଏ। ଅନ୍ୟପକ୍ଷରେ ହନୁମାନଙ୍କ ଫଟୋ ଶୋଇବା ଘର ଏବଂ ରୋଷେଇ ଘରେ ଲଗାଇବା ଅନୁଚିତ।

**୧୯ ବର୍ଷରୁ କମ୍ ଏସିଆ କପ୍‌ରେ ସମୀର ଶ୍ରେଷ୍ଠ ଖେଳାଳି**

# ଭାରତ ରନର୍ସଅପ୍‌ରେ ସନ୍ତୁଷ୍ଟ

**ଦୁବାଇ,୨୧।୧୨(ଏଜେନ୍ସି):** ଓପନର ମିଥୁନ ମାନହାସଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ଶେଷ ହୋଇଥିବା ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି । ସମୀର ୧୧୩ ବଲ୍‌ରେ ୧୭୨ ରନ୍ କରିବା ଫଳରେ ପାକିସ୍ତାନ ଏହି ଫାଇନାଲକୁ ୧୯୧ ରନ୍‌ରେ ଜିତି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଏଠାରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୪୭ ରନ୍ କରିଥିଲା । ମିନ୍‌ହାସ ସର୍ବାଧିକ ୧୭୨ ରନ୍ କରିଥିଲେ । ଜବାବରେ ଭାରତ ୨୬.୨ ଓଭରରେ ମାତ୍ର ୧୯୧ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ନଂ-୧୦ ବ୍ୟାଟର ଦୀପେଶ ଦେବେନ୍ଦ୍ରନ ସର୍ବାଧିକ ୩୬ ରନ୍ କରିଥିଲେ । ତାରକା ଖେଳାଳିଙ୍କ ମଧ୍ୟରେ ଓପନର ବୈଭବ ସୂର୍ଯ୍ୟବଂଶୀ ୧୦ବଲ୍‌ରେ ୨୬, ଅଧିନାୟକ ଆୟୁଷ ମାହାତ୍ରେ ୨, ଆରନ ଜର୍ଜ ୧୬, ବିହାନ ମାଲହୋତ୍ରା ୭ ବେଦାନ୍ତ ତ୍ରିବେଦୀ ୯ ଓ ଅଭିଜ୍ଞାନ କୁଣ୍ଡୁ ୧୩ ରନ୍ କରିଥିଲେ । ମାହାତ୍ରେଙ୍କ ସହ ଉଚ୍ଚବାଚ୍ଚ କରିଥିବା ଅଲି ରାଜା ସର୍ବାଧିକ ୪ଟି, ମହମ୍ମଦ୍ ସାୟମ, ଅବଦୁଲ ଶୁଭମ ୨ଟି ୱିକେଟ ନେଇଥିଲେ ।

# ୧ ମିଲିୟନ ଜିତିବାରେ ୟଙ୍ଗ୍ ପ୍ରଥମ ସଟଲର୍

**ହାଙ୍ଗଝୋଉ, ୨୧।୧୨ (ଏଜେନ୍ସି):** ଦକ୍ଷିଣ କୋରିଆର ଆନ୍ ସି-ୟଙ୍ଗ ଚାଇନାରେ ଅନୁଷ୍ଠିତ ସମ୍ମାନଜନକ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସରେ ଚାମ୍ପିଅନ ହୋଇଛନ୍ତି । ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ୟଙ୍ଗ୍ ୨୧-୧୩, ୧୮-୨୧, ୨୧-୧୦ ଗେମରେ ଘରୋଇ ଚାଇନାର ୱାଙ୍ଗ୍ ଝି ୟିଙ୍କୁ ହରାଇଥିଲେ । ଏଥିସହ ବିଶ୍ୱର ଏକ ନମ୍ବର ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ୟଙ୍ଗ୍‌ଙ୍କ ସିଜନର ଏହା ୧୧ତମ ଟାଇଟଲ୍ ଥିଲା । ସେହିଭଳି ୨୦୨୫ରେ ୟଙ୍ଗ ଜିତିଥିବା ୧୧ଟି ଟାଇଟଲ୍‌ରେ ମୋଟ୍ ୧ ମିଲିୟନ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୮ କୋଟି ୯୫ ଲକ୍ଷ) ପୁରସ୍କାର ରାଶି ଜିତିସାରିଛନ୍ତି । ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଗୋଟିଏ ସିଜନରେ ୧ ମିଲିୟନ ପୁରସ୍କାର ଜିତିବାରେ ୟଙ୍ଗ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି ।

**ଭାରତ ବିପକ୍ଷ ପ୍ରଥମ ମହିଳା ଟି-୨୦**

# ଶ୍ରୀଲଙ୍କା ଦଳର ଲଜ୍ଜୁଆ ପ୍ରଦର୍ଶନ

ବିଶାଖାପାଟଣା,୨୧।୧୨(ଏଜେନ୍ସି)

ଏଠାରେ ଆରମ୍ଭ ହୋଇଥିବା ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ପ୍ରଥମ ଟି-୨୦ ମୁକାବିଲାରେ ଶ୍ରୀଲଙ୍କା ଦଳ ଲଜ୍ଜୁଆ ଖେଳ ପ୍ରଦର୍ଶନ କରିଛି । ପ୍ରଥମ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୨୧ ରନ୍ ସଂଗ୍ରହ କରିନେଇଛି । ଦଳ ପକ୍ଷରୁ ଭିଷ୍ମି ଗୁଣରତ୍ନେ ସର୍ବାଧିକ ୩୯, ନୀଳାକ୍ଷୀ ଡି ସିଲ୍‌ଭା ୨୧ ଓ ହାସିନି ପରେରା ୨୦ ରନ୍ କରିଛନ୍ତି । ଭାରତ ପକ୍ଷରୁ କ୍ରାନ୍ତି ଗୌଡ଼, ଦୀପ୍ତି ଶର୍ମା ଓ ଶ୍ରୀ ଚରଣି ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି । ଶ୍ରୀଲଙ୍କାର ୩ଜଣ ଖେଳାଳି ରନ୍‌ଆଉଟ ହୋଇଥିଲାବେଳେ ବୈଷ୍ଣବୀ ଶର୍ମା ଡେବ୍ୟୁ କରିଛନ୍ତି । ଘରୋଇ ମାଟିରେ ଭାରତ ଦିନିକିଆ ବିଶ୍ୱକପ୍ ଜିତିବା ପରେ ଏଠାରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଛି । ଦଳ ଏହି ସିରିଜ୍‌ରୁ ଟି-୨୦ ବିଶ୍ୱକପ୍ ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛି ।

ଏଠାରେ ଭାରତୀୟ ଅଧିନାୟକ ହରମନପ୍ରୀତ କୌର ଟସ୍ ଜିତିବା ପରେ ଭ୍ରମଣକାରୀ ଶ୍ରୀଲଙ୍କାକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା । ଦଳ ୧୮ ରନ୍‌ରେ ଅଧିନାୟିକା ଚାମରୀ ଆଟାପାଟୁ (୧୨ବଲ୍‌ରେ ୧୫ରନ୍)ଙ୍କୁ ହରାଇ ବିପଦରେ ପଡ଼ିଥିଲା । ଗୋଟିଏ ପରେ ଭିଷ୍ମି ଗୁଣରତ୍ନେ ଦୃଢ଼ତାର ସହ ବ୍ୟାଟିଂ କରି ଦ୍ୱିତୀୟ ୱିକେଟ ଭାଗୀଦାରିରେ ହାସିନୀ ପରେରାଙ୍କ ସହ ୩୮ ବଲ୍‌ରୁ ୩୧




ଓ ତୃତୀୟ ୱିକେଟରେ ହର୍ଷିତା ମାଦଭୀଙ୍କ ସହ ୩୬ ବଲ୍‌ରୁ ୩୮ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ । ଚତୁର୍ଥ ଖେଳାଳିଭାବେ ଆଉଟ ହେବା ପୂର୍ବରୁ ଭିଷ୍ମି ସର୍ବାଧିକ ୩୯ ରନ୍ କରିଥିଲେ । ଏଥିଲାଗି ସେ ୪୩ ବଲ୍‌ରୁ ସମ୍ମୁଖୀନ ହୋଇ ଗୋଟିଏ ଲେଖାଏଁ ଚୌକା ଓ ଛକା ମାରିଥିଲେ । ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିବା ଦୁଇ ଖେଳାଳି ହାସିନୀ ପରେରା ୨୩ ବଲ୍‌ରୁ ୨ ଚୌକା ସହ ୨୦ ଓ ହର୍ଷିତା ସମରବିକ୍ରମ ମଧ୍ୟ ୨୩ ବଲ୍ ଖେଳି ୨ ଚୌକା ସହ ୨୧ ରନ୍ କରିଥିଲେ । ଶେଷ ଭାଗରେ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରିବା ଫଳରେ ଶ୍ରୀଲଙ୍କାର ରନ୍ ହାର କମିଯାଇଥିଲା ।

ଭାରତ ପକ୍ଷରୁ ଦୁଇ ସ୍ପିନର ଦୀପ୍ତି ଶର୍ମା ଓ ଡେବ୍ୟୁଟାଣ୍ଟ ସ୍ପିନର ବୈଷ୍ଣବୀ ଶର୍ମା କଞ୍ଜୁସ ବୋଲିଂ କରିଥିଲେ । ଦୀପ୍ତି ତାଙ୍କ ୪ ଓଭର ସ୍ପେଲ୍‌ରେ ୨୦ ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲାବେଳେ ବୈଷ୍ଣବୀ ୧୬ରନ୍ ଦେଇଥିଲେ ମଧ୍ୟ କୌଣସି ୱିକେଟ ପାଇ ନ ଥିଲେ । ଫାଷ୍ଟ ବୋଲର କ୍ରାନ୍ତି ଗୌଡ଼ ଓ ଶ୍ରୀ ଚରଣିଙ୍କୁ ଆଉ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଶ୍ରୀଲଙ୍କା ପକ୍ଷରୁ ୩ଜଣ ବ୍ୟାଟର ଭିଷ୍ମି, ନିଳାକ୍ଷୀ ଡି ସିଲ୍‌ଭା (୮) ଓ କାଭିସା ଦିଲହାରୀ (୬) ରନ୍‌ଆଉଟ ହୋଇଥିଲେ । ଏହି ମ୍ୟାଚ୍‌ରେ ବାମହାତୀ ସ୍ପିନ୍ ବୋଲିଂ ଅଲରାଉଣ୍ଡର ବୈଷ୍ଣବୀ ଶର୍ମା ଡେବ୍ୟୁ କରିଛନ୍ତି ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ଇନିଂସ:** ୧୨୧/୬, ୨୦ ଓଭର (ଭିଷ୍ମି ଗୁଣରତ୍ନେ-୩୯, ହର୍ଷିତା ସମରବିକ୍ରମ-୨୧, ହାସିନୀ ପରେରା-୨୦, ଚାମରୀ ଆଟାପାଟୁ-୧୫, ଦୀପ୍ତି ଶର୍ମା-୧/୨୦, କ୍ରାନ୍ତି ଗୌଡ-୧/୨୩, ଶ୍ରୀ ଚରଣି-୧/୩୦) ।

**ଆସେସ୍ ସିରିଜ; ଇଂଲଣ୍ଡର ହ୍ୟାଟ୍ରିକ୍ ପରାଜୟ**

# ଅଷ୍ଟ୍ରେଲିଆ ୩-୦ରେ ଆଗୁଆ

**ଆଡିଲେଡ୍, ୨୧।୧୨ (ଏଜେନ୍ସି):** ଆଡିଲେଡ୍ ଓଭାଲରେ ଅନୁଷ୍ଠିତ ଚଳିତ ଆସେସ୍ ସିରିଜର ତୃତୀୟ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ୮୨ ରନରେ ବିଜୟୀ ହୋଇଛି । ୪୩୫ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଇଂଲଣ୍ଡ ରବିବାର ଅନ୍ତିମ ତଥା ୫ମ ଦିବସରେ ୩୫୨ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇ ପରାଜୟବରଣ କରିଥିଲା । ଓପନର୍ ଜ୍ୟାକ୍ କ୍ରଲୀ ଓ ଜେମି ସ୍ମିଥ୍ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ । ପ୍ରଥମ ପାଳିରେ ଶତକ ଓ ଦ୍ୱିତୀୟ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ଆଲେକ୍ସ କାରୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ପୂର୍ବରୁ ପ୍ରଥମ ଦୁଇଟି ଟେଷ୍ଟକୁ ୮ ୱିକେଟ୍‌ରେ ଜିତିଥିବା ଅଷ୍ଟ୍ରେଲିଆ ଦଳ ଏଥିସହ ୩-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି । ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ୪ର୍ଥ ମୁକାବିଲା



ଡିସେମ୍ବର ୨୬ରୁ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଆରମ୍ଭ ହେବ ।

୪୩୫ ରନର ଟାର୍ଗେଟ୍‌କୁ ପିଛା କରିଥିବା ବେନ୍ ଷ୍ଟୋକ୍ସଙ୍କ ଇଂଲଣ୍ଡ ଦଳ ଶନିବାର ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ୬ ୱିକେଟ୍‌ରେ ୨୦୭ ରନ କରିଥିଲା । ରବିବାର ଏହି ଅସମାପ୍ତ ସ୍କୋରରୁ ଦ୍ୱିତୀୟ ପାଳି ଆରମ୍ଭ କରି ଇଂଲଣ୍ଡ ନିମ୍ନକ୍ରମରେ ଲଢ଼େଇ କରିଥିଲେ ମଧ୍ୟ ହାର ମାନିଥିଲା । ନିମ୍ନକ୍ରମରେ ୱିକେଟକିପର ସ୍ମିଥ ୬୦, ୱିଲ୍ ଜ୍ୟାକ୍ସ ୪୭ ଓ ବ୍ରାଇଡନ କ୍ରାସ ଅପରାଜିତ ୩୯ ରନ କରିଥିଲେ କିଛିଟା ଲଢ଼େଇ କରିଥିଲେ । ବିଜୟୀ ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ ପ୍ୟାଟ୍ କମିନ୍ସ, ମିଚେଲ ଷ୍ଟାର୍କ ଓ ନାଥନ ଲାୟନ ୩ଟି ଲେଖାଏ ୱିକେଟ୍ ନେଇଥିଲେ ।

**ଘରୋଇ ମାଟିରେ ଅପରାଜେୟ**

ଏଠାରେ ୩-୦ରେ ଆଗୁଆ ସିରିଜ ବିଜୟ ହେବା ସହ ଅଷ୍ଟ୍ରେଲିଆ ଦଳ ଏହାର ଅପରାଜେୟଧାରାକୁ ୧୨ ବର୍ଷ ହେବ ବଜାୟ ରଖିବାରେ ସଫଳ ହୋଇଛି । ଘରୋଇ ପରିବେଶରେ ଖେଳିଥିବା ଶେଷ ୪ଟି ଆସେସ୍ ସିରିଜରେ ଅଷ୍ଟ୍ରେଲିଆ ଯଥାକ୍ରମେ ୫-୦ (୨୦୧୩-୧୪), ୪-୦ (୨୦୧୭-୧୮), ୪-୦ (୨୦୨୧-୨୨) ଏବଂ ୩-୦ରେ ଅଗ୍ରଣୀ (ଚଳିତ ସିରିଜ)ରେ ଟ୍ରଫି ବଜାୟ ରଖିଛି ।

**କାରୀଙ୍କ କୀର୍ତ୍ତିମାନ**

ଅଷ୍ଟ୍ରେଲିଆ ୱିକେଟକିପର ଆଲେକ୍ସ କାରୀ ଏହି ୩ୟ ଟେଷ୍ଟରେ ଉଭୟ ପାଳିରେ ଯଥାକ୍ରମେ ୧୦୬ ଓ ୭୨ ରନ କରିଥିଲେ । ସେହିଭଳି ୱିକେଟ୍ ପଛରେ ସେ ୭ଟି ଡିସ୍‌ମିସାଲ ମଧ୍ୟ କରି ମ୍ୟାଚର ଶ୍ରେଷ୍ଠ ପୁରସ୍କାର ହାତେଇ ନେଇଥିଲେ । ଆସେସ ସିରିଜର କୌଣସି ଏକ ଟେଷ୍ଟରେ ଜଣେ ୱିକେଟ୍‌କିପର ମ୍ୟାଚର ଶ୍ରେଷ୍ଠ ଖେଳାଳି ହେବାରେ ଏହା ୩ୟ ଘଟଣା । ଏଥିପୂର୍ବରୁ ୧୯୯୭ରେ ଇଆନ ହେଲୀ ଓ ୨୦୦୧ରେ ଆଦାମ ଗିଲକ୍ରିଷ୍ଟ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

# ଟାର୍ଗେଟ୍ ୪୬୨; ୱେଷ୍ଟଇଣ୍ଡିଜ ୪୩/୦

**ମାଉଣ୍ଟ ମାଉଙ୍ଗନୁଇ, ୨୧।୧୨ (ଏଜେନ୍ସି):** ଘରୋଇ ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚାଲିଥିବା ଅନ୍ତିମ ତଥା ୩ୟ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି । ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୪୬୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ରବିବାର ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ୧୬ ଓଭରରେ କୌଣସି ୱିକେଟ୍ ନ ହରାଇ ୪୩ ରନ ସଂଗ୍ରହ କରିଛି । ସୋମବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସ । ୱେଷ୍ଟଇଣ୍ଡିଜକୁ ବିଜୟ ଲାଗି ୯୦ ଓଭରରେ ୪୧୯ ରନର ଏକ କଷ୍ଟସାଧ୍ୟ ଲକ୍ଷ୍ୟ ରହିଛି । ସିରିଜରେ ୧-୦ରେ ପଛୁଆ ରହିଥିବା ୱେଷ୍ଟଇଣ୍ଡିଜ ଯଦି ଏଠାରେ ବିଜୟୀ ହୁଏ ତେବେ ଡ୍ର ରହିବ । ପୂର୍ବରୁ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଡ୍ର ରହିଥିବାବେଳେ ନ୍ୟୁଜିଲାଣ୍ଡ ୨ୟ ଟେଷ୍ଟକୁ ୯ ୱିକେଟ୍‌ରେ ବିଜୟୀ ହୋଇଥିଲା ।

**ଇତିହାସରେ ୧୦ମ ଖେଳାଳି**

ନ୍ୟୁଜିଲାଣ୍ଡର ଓପନର୍ ଡେଭନ କନ୍‌ୱେ ଦମ୍‌ଦାର ବ୍ୟାଟିଂ କରି ନିଜ ନାମକୁ ରେକର୍ଡ ବୁକ୍‌ରେ ଲିପିବଦ୍ଧ କରିଛନ୍ତି । ପ୍ରଥମ ପାଳିରେ ୨୨୭ ରନ କରିଥିବା କନୱେ ଦ୍ୱିତୀୟ ପାଳିରେ ମଧ୍ୟ ଶତକ ମାରିଛନ୍ତି । ଫଳରେ ଟେଷ୍ଟ ଇତିହାସର ୧୦ମ ଖେଳାଳି ଭାବେ କନୱେ ଗୋଟିଏ ମ୍ୟାଚରେ ଦ୍ୱିଶତକ ଓ ଶତକୀୟ ପାଳି ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି । ସେହିଭଳି ଟମ୍ ଲଥାମ ମଧ୍ୟ ଏହି ମ୍ୟାଚର ଉଭୟ ପାଳି (୧୩୭ ଓ ୧୦୧ ରନ)ରେ ଶତକ ହାସଲ କରିଛନ୍ତି । ଉଭୟ ପାଳିରେ ଶତକ ହାସଲ କରିବାରେ ଲାଥମ ୬ଷ୍ଠ ନ୍ୟୁଜିଲାଣ୍ଡ ଖେଳାଳି ହୋଇଛନ୍ତି ।

# ଗଣ୍ଡରପୁର କପ୍ ଜିତିଲା ମା’ ମଙ୍ଗଳା

**ଭୁବନେଶ୍ୱର, ୨୧।୧୨ (ସମିସ):** ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୨୩ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି । ଉତ୍ତର ଭୁବନେଶ୍ୱରର ଗଣ୍ଡପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ରବିବାର ୩ଟି ବିଭାଗରେ ଫାଇନାଲ ଖେଳାଯାଇଥିଲା । ସହରାଞ୍ଚଳ ବିଭାଗର ଫାଇନାଲରେ ଢେଙ୍କାନାଳର ମା’ ମଙ୍ଗଳା ଦଳ ୨-୦ ଗୋଲରେ ଜଗା ୟୁନାଇଟେଡ୍ (ଭୁବନେଶ୍ୱର)କୁ ପରାସ୍ତ କରି ଟ୍ରଫି ଜିତିଥିଲା । ଚାମ୍ପିଅନ ଦଳ ମା ମଙ୍ଗଳାକୁ ଟ୍ରଫି ସହ ୭୫ ହଜାର ଟଙ୍କା ଓ ରନର୍ସଅପ୍ ଜଗା ୟୁନାଇଟେଡକୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିଭଳି ଗ୍ରାମାଞ୍ଚଳ-ଏ ବିଭାଗରେ ମା ମଙ୍ଗଳା (ଗୋଠପୁର) ଟ୍ରାଇବ୍ରେକରରେ ୫-୪ ଗୋଲରେ ପ୍ରତାପ କ୍ଲବ (ପ୍ରତାପନଗରୀ)କୁ ହରାଇ ଚାମ୍ପିଅନ ହେବା ସହ ୧ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲା । ରନର୍ସଅପ୍ ପ୍ରତାପ କ୍ଲବ ୭୫ ହଜାର ଟଙ୍କା ହାସଲ କରିଥିଲା । ଅପରପକ୍ଷରେ ଗ୍ରାମାଞ୍ଚଳ-ବି ବିଭାଗରେ କୃଷକ ବନ୍ଧୁ କ୍ଲବ ଟାଇଟଲ୍ ହାସଲ କରିଛି । ଫାଇନାଲରେ କୃଷକ ବନ୍ଧୁ ଦଳ ୧-୦ ଗୋଲରେ ବାରଙ୍ଗ ବାୟାର ଦଳକୁ ପରାସ୍ତ କରିଥିଲା । ଏହି ବିଭାଗରେ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୪୦ ହଜାର ଓ ୩୦ ହଜାର ଟଙ୍କା ଦିଆଯାଇଥିଲା ।




ସେହିଭଳି ସହରାଞ୍ଚଳ ବିଭାଗ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଦିଲ୍ଲୀପ ଦେହୁରୀ ଏବଂ ଗ୍ରାମାଞ୍ଚଳ-ଏ ବିଭାଗର ଅଜିତ ରାଉତ ପୁରସ୍କାର ବାବଦକୁ ‘ପଲସର୍’ ଗାଡ଼ି ପାଇଥିଲେ । ଗ୍ରାମାଞ୍ଚଳ-ବି ବିଭାଗର ଶ୍ରେଷ୍ଠ ଖେଳାଳି ରାଜାଙ୍କୁ ଏକ ଇଲେକ୍ଟ୍ରି ବାଇକ ଦିଆଯାଇଥିଲା ।

ଫାଇନାଲରେ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଲକ ପ୍ରସାଦ ମହାପାତ୍ର, ସୁବାସ ଚନ୍ଦ୍ର ପାତ୍ର, ଦୂତୀ ଚାନ୍ଦ, ପ୍ରତାପ ଚନ୍ଦ୍ର ରାଉତ, ଅନୁପ ଖୁଣ୍ଟିଆ ଓ ପିଙ୍କି ସ୍ୱାଇଁ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ ।

# ନୀଳାବ୍‌ଜାଙ୍କୁ ଦ୍ୱିତୀୟ ପଦକ

**ଭୁବନେଶ୍ୱର,୨୧।୧୨(ସମିସ):** ଚେନ୍ନଇର ଏସ୍‌ଆର୍‌ଏମ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଆଜି ସନ୍ତରଣରେ ଗୋଟିଏ ପଦକ ମିଳିଥିଲାବେଳେ ଭଲିବଲ୍‌ର ଉଭୟ ପୁରୁଷ ଓ ମହିଳା ଦଳ ପ୍ରଥମ ୨ଟି ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଗତକାଲି ୫୦ ମିଟର ବଟରଫ୍ଲାଏରେ ନୀଳାବ୍‌ଜା ଘୋଷ କାଂସ୍ୟ ପଦକ ଜିତିବା ପରେ ଆଜି ରବିବାର ଅନୁଷ୍ଠିତ ୫୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟ ତୃତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । ୨୦୦ ମିଟର ବଟରଫ୍ଲାଏରେ ଦିବ୍ୟାଙ୍କା ପ୍ରଧାନ ୬ଷ୍ଠ ଓ ମିକ୍ସଡ ୪ ଗୁଣା ୧୦୦ ମିଟର ରିଲେ ଟିମ୍‌କୁ ଚତୁର୍ଥ ସ୍ଥାନ ମିଳିଛି ।

# ବିବିଏଲ୍: ହରିକେନ୍ସକୁ ଜିତାଇଲେ ନିଖିଲ

**ଜିଲଙ୍ଗ,୨୧।୧୨(ଏଜେନ୍ସି):** ଭାରତୀୟ ବଂଶୋଦ୍ଭବ ଖେଳାଳି ନିଖିଲ ଚୌଧୁରୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ବିବିଏଲ (ବିଗ୍ ବାଶ୍ ଲିଗ୍)ର ଏକ ମ୍ୟାଚ୍‌ରେ ହୋବାର୍ଟ ହରିକେନ୍ସ ୭ ୱିକେଟରେ ବିଜୟୀ ହୋଇଛି । ପ୍ରଥମେ ବ୍ୟାଟିଂ କରିଥିବା ଡିଫେଣ୍ଡିଂ ଚାମ୍ପିଅନ ମେଲବୋର୍ଣ୍ଣ ରେନେଗେଡ୍‌ସ ୨୦ ଓଭରରେ ୯ ୱିକେଟ ହରାଇ ୧୪୫ ରନ୍ କରିଥିଲା । ପ୍ରତିପକ୍ଷ ଦଳର କ୍ରିସ୍ ଜୋର୍ଡାନଙ୍କୁ ୪ ୱିକେଟ ମିଳିଥିଲା । ଜବାବରେ ନିଖିଲ ଚୌଧୁରୀ ୩୮ ବଲ୍‌ରେ ୭୯ ରନ୍ କରିବା ଫଳରେ ହରିକେନ୍ସ ୩୭ଟି ବଲ୍ ବାକିଥାଇ ଏହି ମ୍ୟାଚ୍‌କୁ ୭ ୱିକେଟରେ ଜିତିନେଇଥିଲା ।

**ଅରାତି ବିଜୟ ମହାନ୍ତି ସ୍ମାରକୀ ଓପନ୍ ଶିଶୁ ଚେସ୍**

# ଆଦୀଶା, ଦିବ୍ୟା, ଆଦିତ୍ୟ, ପ୍ରାଂଶୁ ଚାମ୍ପିଅନ



**ଭୁବନେଶ୍ୱର,୨୧।୧୨(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ଓ ପ୍ରୟାସ ଚେସ୍ ଏକାଡେମୀର ମିଳିତ ସହଯୋଗରେ ଚତୁର୍ଥ ଅରାତି ବିଜୟ ମହାନ୍ତି ଓପନ ଶିଶୁ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାର ୪ଟି ବିଭାଗରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଏହା ମଧ୍ୟରୁ ୮ ବର୍ଷରୁ କମ୍ ବିଭାଗରେ ପୋଖରୀପୁଟ ଡିଏଭି ସ୍କୁଲ୍‌ର ଆଦୀଶା କାନୁନଗୋ ଚାମ୍ପିଅନ, ଲୟଲା ସ୍କୁଲ୍‌ର ଦେବାଂଶୀ ସାହୁ ରନର୍ସଅପ୍, ୧୦ ବର୍ଷରୁ କମ୍ ବିଭାଗରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଦିବ୍ୟା ଦୃଷ୍ଟି ଶତପଥୀ ଚାମ୍ପିଅନ, ସେଣ୍ଟ ଆର୍ଣ୍ଣୋଲ୍ଡ ସ୍କୁଲ୍‌ର ଅନୀଶା ଆଚାର୍ଯ୍ୟ ରନର୍ସ ଅପ୍, ୧୨ ବର୍ଷରୁ କମ୍ ବିଭାଗରେ କଳିଙ୍ଗନଗର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆଦିତ୍ୟ ଜେନା ଚାମ୍ପିଅନ୍ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ରନର୍ସ ଅପ୍, ୧୪ ବର୍ଷରୁ କମ୍ ବିଭାଗରେ ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ଚାମ୍ପିଅନ ଓ କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲ୍‌ର ସୂର୍ଯ୍ୟାଂଶ ସାହୁ ରନର୍ସ ଅପ୍ ହୋଇଥିଲେ ।

ଖେଳ ଶେଷରେ ଆମ୍ବାୟାର ହସ୍ପିଟାଲର ସିନିଅର ଅଙ୍କୋଲୋଜିଷ୍ଟ ଡାକ୍ତର ଅମିତାଭ ଜେନା ମୁଖ୍ୟ ଅତିଥି, ସିନିଅର ପାଇଥୋଲୋଜିଷ୍ଟ ଡାକ୍ତର ରଶ୍ମି ପଟ୍ଟନାୟକ ଓ ଓଡ଼ିଶା ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ପୂର୍ବରୁ ଏହି ପ୍ରତିଯୋଗିତାକୁ ପ୍ରୟାସ ଚେସ୍ ଏକାଡେମୀର ନିର୍ଦ୍ଦେଶକ ସୃଜନ ପ୍ରଣୟୀ ରାୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।

**ସଦାଶିବ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଉଦ୍‌ଯାପିତ**

# ସାଇ ଇଲେଭେନ୍ ଚାମ୍ପିଅନ, ତମାଣ୍ଡୋ ରନର୍ସଅପ୍

ଭୁବନେଶ୍ୱର,୨୧।୧୨(ସମିସ)

ଭୁବନେଶ୍ୱରର ସାଇ ଇଲେଭେନ୍ ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଭାପୁର ବ୍ଲକ୍ ଅନ୍ତର୍ଗତ ନାଲିସାଗର ଖେଳପଡ଼ିଆରେ ରବିବାର ଅନୁଷ୍ଠିତ ଫାଇନାଲ ଖେଳରେ ସାଇ ଇଲେଭେନ୍ ୧୧୫ ରନ୍‌ରେ ତମାଣ୍ଡୋ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଚଳିତବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଫତେଗଡ଼୍ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ସାଇ ଇଲେଭେନ୍ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୫୩ ରନ୍ କରିଥିଲା । ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୪.୩ ଓଭରରେ ୧୩୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା । ବିଜୟୀ ଦଳର ବ୍ୟାଟର




ଆଦିତ୍ୟ ରାଉତ ୬୦ବଲ୍‌ରେ ୧୪ ଚୌକା ଓ ୯ ଛକା ସହ ୧୧୫ ରନ୍ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ସେ ମଧ୍ୟ କ୍ରମାଗତ ଶତକ ହାସଲ କରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାତେଇଥିଲେ । ଦଳର ଫାଷ୍ଟ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ୫ଟି ୱିକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ ।

ଖେଳ ଶେଷରେ ମଧ୍ୟପ୍ରଦେଶ ରାଜ୍ୟସଭା ସାଂସଦ ତଥା ଉଜ୍ଜୟିନୀ ପୀଠାଧୀଶ ବାଲଯୋଗୀ ଉମେଶନାଥ ମହାରାଜ, ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ପ୍ରଦୀପ ସାହୁ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ବିଶିଷ୍ଟ କ୍ରିକେଟ କୋଚ୍ କିଶୋର ମାଣିଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ପୁରସ୍କାର ବାବଦରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୧.୫ ଲକ୍ଷ ଓ ରନର୍ସଅପ୍ ତମାଣ୍ଡୋ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା । ଓସିଏ ଅମ୍ପାୟାର ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ । ବୁବୁ ସିହ୍ନା, ସରୋଜ ମହାପାତ୍ର ଓ ଜନ୍ମେଜୟ ଦଳାଇ ଧାରାବିବରଣୀ ପ୍ରଦାନ କରିଥିଲେ ।

**ମୁକ୍ତେଶ୍ୱର କପ୍**

# ଗ୍ରୀନ୍ସ ଏକାଡେମୀ, ଆଇଆଇସି ବିଜୟୀ

**ଭୁବନେଶ୍ୱର, ୨୧।୧୨ (ସମିସ):** ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ମୁକ୍ତେଶ୍ୱର କପ୍‌ରେ ରବିବାର ଦୁଇଟି କ୍ୱାଲିଫାୟର ମ୍ୟାଚ୍ ଖେଳାଯାଇଛି । ଏଥିରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ଓ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍ (ଆଇଆଇସି) ବିଜୟୀ ହୋଇଛି । ଦିବସର ପ୍ରଥମ ମ୍ୟାଚରେ ଆଇଆଇସି ଦଳ ୧୫ ରନରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ସଂଘକୁ ପରାସ୍ତ କରିଥିଲା । ସେହିଭଳି ଦ୍ୱିତୀୟ ମୁକାବିଲାରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ୮ ୱିକେଟ୍‌ରେ ବିଶ୍ୱଭାରତୀ କ୍ରିକେଟ୍ କ୍ଲବକୁ ପରାସ୍ତ କରିଛି । ଆଇଆଇସିର ରାଜବୀର ସାମନ୍ତରାୟ (୩ ୱିକେଟ୍) ଓ ଓମ୍ ସାହୁ (୩ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

‘ନନ୍ଦିଘୋଷ ଟିଭି’
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି । ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS